

ପ୍ରଶାସନିକ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାର | ୫

ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ନିଯୁକ୍ତିପତ୍ର ବାଣ୍ଟିଲେ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୭ Vol. 22 No-27 27 APRIL 2025 SUNDAY BHUBANESWAR ରବିବାର, ୨୭ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



ଓଡ଼ିଶା ଭାସ୍କର LIVE

Presents

# THE VOICE

## CONCLAVE OF IDEAS

27th April, 2025


**Eminent Minds to Contribute**



**Mr. Aman Gupta**
(Co-Founder and CMO boAt, Investor in Shark Tank India)



**Mr. Rohit Kapoor**
(CEO of Swiggy)



**Ms. Tisca Chopra**
(Bollywood Actress)



**Shri Aniruddhacharya Ji**
(Spiritual leader and Story-Teller, & Founder of Gouri Gopal Ashram)




**Dr. Tapan Kumar Chand**
(Ex CMD NALCO)



**Ms Ruby Sinha**
(President of BRICS CCI WE Women's Vertical)



**Shri Rohit Kumar Singh**
(National Convenor of Yuva Chetna)



**Dr. Vertika Nanda**
(President awardee for Stree Shakti Puraskar and Sr. Journalist)



**Shri Ruben Banerjee**
(Sr. Journalist and Author)



**Shri Rahul Dev Ji**
(Sr. Journalist)



**Tilak Raj Mohanty**
(Founder, TK Digital)



**Binny Advani**
(Moderator)

**When voices unite, ideas find wings and the world begins to change**



କଟକ(ଭାସ୍କର ନ୍ୟୁଜ୍): ଯୋବ୍ରା ନିକଟସ୍ଥ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାର୍ଶ୍ୱରେ ଭେଣ୍ଡିଂ ଜୋନ୍ ସ୍ଥାପନାକୁ ବିରୋଧ କରି ଏ ସମ୍ପର୍କିତ ଆଗତ ମାମଲାରେ ହାଇକୋର୍ଟ କଟକ ମହାନଗର ନିଗମକୁ ନୋଟିସ୍ ଜାରି କରିଛନ୍ତି । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କାଉନ୍‌ସିଲ୍ ସଭାପତି ଶ୍ରାବଣୀ ସାହୁ, ସମ୍ପାଦକ ଅରୁପ୍ କୁମାର ଦେ ଓ ଉପ ସଭାପତି ଅମ୍ବିକା ପ୍ରସାଦ ଜେନାଙ୍କ ପକ୍ଷରୁ ଆଗତ ଜନହିତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଏମ୍‌ସିକୁ ଜବାବ ତଲବ କରିଛନ୍ତି । ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେବା ସହ ଆସନ୍ତା ମଇ ୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସମୟ ଧାର୍ଯ୍ୟ କରିଛନ୍ତି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ଦକ୍ଷିଣ ପାର୍ଶ୍ୱ ପାଚେରୀ ନିକଟରେ କଟକ ମହାନଗର ନିଗମ ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି । ଏଠାରେ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ହେଲେ ବିଶ୍ୱବିଦ୍ୟାଳୟ ସେକେଣ୍ଡ୍ କ୍ୟାମ୍ପସ୍‌ର ରାସ୍ତାରେ ଟ୍ରଫିକ୍ ଜାମ୍ ହେବ ବୋଲି ଦର୍ଶାଯାଇଛି ।



### ପାରଳା ମହାରାଜାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅବିସ୍ମରଣୀୟ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍କଳମାତାର ଜଣେ ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ଦୁଇଥର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି ବୋଲି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଭୁବନେଶ୍ୱରସ୍ଥ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳ ଏକତ୍ରୀକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ ଭାବରେ ସର୍ବଜନବିଦିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏକାଧାରରେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଉଲ୍ଲେଖନୀୟ । ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜଃସ୍ୱିନୀ ବକ୍ତବ୍ୟ ଦେଇଥିଲେ ତାହା ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୂଆ ରଖିଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାରମାନେ ସମସ୍ତେ ଉପାନ୍ତ ଅଂଚଳର । ଉତ୍କଳ ଦିବସ ପାଳନ ଅବସରରେ ଯେଉଁ ଚିରସ୍ମରଣୀୟ ବ୍ୟକ୍ତିତ୍ୱ ଆମ ସାମ୍ନାକୁ ଆସନ୍ତି ସେମାନଙ୍କ ମଧ୍ୟରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଅନନ୍ୟ ଓ ଅନ୍ୟତମ ବ୍ୟକ୍ତି । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜଣେ ପ୍ରଜାନୁରଞ୍ଜନ ଶାସକ ଥିଲେ । ଭାଷା, ସାହିତ୍ୟ, ସଂସ୍କୃତି ସହିତ ଏକ ଉନ୍ନତ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିଲେ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଭକ୍ତିସଂଗୀତ ସଂସଦ, ପାରଳାଖେମୁଣ୍ଡି କଳାକାରନଙ୍କ ଦ୍ୱାରା ଭକ୍ତି ସଂଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ ।

## ବିଧାନସଭା ପରିସରରେ ପାରଳା ମହାରାଜାଙ୍କ ଜୟନ୍ତୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଧାନସଭା ପରିସରରେ ଶନିବାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ । ୧୯୨୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବିଏମ୍‌ସିର ସଲିଡ ୱେଷ୍ଟ ପ୍ଲାଜ୍‌ମା ଟେକ୍ନୋଲୋଜି ଟ୍ରିଟମେଣ୍ଟ୍ ପ୍ଲାଣ୍ଟ୍ ବୁଲି ଦେଖିଲେ ଆନ୍ଧ୍ର ପ୍ରତିନିଧି ଦଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଛନ୍ତି ଆନ୍ଧ୍ରପ୍ରଦେଶର ଡକ୍ଟର ଭୀମରାଓ ଆମ୍ବେଦକର କୋନାସୀମା ଜିଲ୍ଲା ଅନ୍ତର୍ଗତ ଅମଲାପୁରମ୍ ମ୍ୟୁନିସପାଲିଟି କମିଶନର ଓ ତାଙ୍କ ଟିମ୍ । ଏହି ଟିମରେ ଅମଲାପୁରମ୍ ମ୍ୟୁନିସପାଲିଟିର କମିଶନର କେଭିଆରଆର୍ ରାଜୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଡାଗୁମାଲ୍ଲୁ ଶାନ୍ତାଲକ୍ଷ୍ମୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଇଂଜିନିୟର ଏମବିଏସ୍ ଶଙ୍କର ରାଓ ଓ ଜିଲ୍ଲା ଶିଳ୍ପ ଅଧିକାରୀ ପିକେପି ପ୍ରସାଦ ପ୍ରମୁଖ ଆସିଥିଲେ । ଏହି ଟିମ୍ କଠିନ ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ପ୍ରକ୍ରିୟାକରଣ, ଉପକାରିତା, ଅପକାରିତା, ଖର୍ଚ୍ଚ ଆଦି ସଂପର୍କରେ ବିଭିନ୍ନ କଥା ପଚାରି ବୁଝିଥିଲେ । ବିଏମ୍‌ସି ପକ୍ଷରୁ ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଚାଳନା କରୁଥିବା ଇଂଜିନିୟର ସେମାନଙ୍କୁ ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ବିଏମ୍ ସି ଗସ୍ତରେ ଆସିଥିବା ଏହି ଟିମକୁ ଆଜି ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ପୁଷ୍ପଗୁଚ୍ଛ, ଉପହାର ଓ କଫିଟେବୁଲ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ କମିଶନର ଏନ୍. ଗଣେଶ ବାବୁଙ୍କ ସହ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ । ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟର ପରିଚାଳନା, ରକ୍ଷଣାବେକ୍ଷଣ, ବର୍ଜ୍ୟ ସଂଗ୍ରହ, ଆଦି ସଂପର୍କରେ ସେମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ସେମାନଙ୍କୁ ଅତିରିକ୍ତ କମିଶନର ଓ ସହକାରୀ କମିଶନର ବୁଝାଇଥିଲେ । ପରେ ସେମାନେ ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ସହ ବିଭିନ୍ନ ଏମସିସି ଓ ଏମଆରଏଫ୍ ସେଣ୍ଟର ବୁଲି ଦେଖିଥିଲେ । ଏହି ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ବର୍ଜ୍ୟ ସଂଗ୍ରହ ପଦ୍ଧତି ସଂପର୍କରେ ତଥ୍ୟ ସେମାନେ ଏଠାରେ ଅବଗତ ହୋଇଯିବା ପରେ ଅମଲାପୁରମ୍ ମ୍ୟୁନିସପାଲିଟିରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ । ସେଥିପାଇଁ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଡକ୍ଟର ବିଆର ଆମ୍ବେଦକର କୋନାସୀମା ଜିଲ୍ଲା ପ୍ରଶାସନ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଏକ୍ସପୋଜର ଭିଜିଟରେ ପଠାଇଛନ୍ତି ବୋଲି ସେମାନେ କହିଛନ୍ତି ।

## ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ଏପ୍ରିଲ୍ ୨୮ ତାରିଖ(ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି ସୋମବାର ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

## ପାକିସ୍ତାନ ନାଗରିକଙ୍କୁ ଲିଭ୍ ଇଣ୍ଡିଆ ନୋଟିସ୍ କରାଯାଇଛି: ଡିସିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ପାକିସ୍ତାନୀ ନାଗରିକ ରହିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା । ସେ କହିଛନ୍ତି ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପାକିସ୍ତାନୀ ଚିହ୍ନଟ ହେଉଛନ୍ତି । ଚିହ୍ନଟ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଚିଠି ହୋଇଛି । ରେକର୍ଡ ଅନୁସାରେ ଜଣେ ପାକିସ୍ତାନ ନାଗରିକ ଭୁବନେଶ୍ୱରରେ ଅଛନ୍ତି । ସେ କାଲି ଚିହ୍ନଟ ହୋଇଥିଲେ । ତାଙ୍କୁ ୨୭ ଏପ୍ରିଲ ସୁଦ୍ଧା ଦେଶରୁ ଯିବାକୁ କୁହାଯାଇଛି । ତାଙ୍କୁ ଲିଭ୍ ଇଣ୍ଡିଆ ନୋଟିସ କରାଯାଇଛି । ସେ ଫେବୃଆରୀରୁ ଏକଜିଟ ପରମିଟ ପାଇଁ ଆବେଦନ କରିଥିଲେ । ତାଙ୍କୁ ଅନୁମତି ଦିଆଯାଇଛି ।

## ଭରତପୁର ଅଞ୍ଚଳରେ ଘରେ ପଶି ଚୋରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭରତପୁର ଅଞ୍ଚଳରେ ଘରେ ପଶି ଚୋରି । ଦିନବେଳେ ଚୋରି କରିନେଲେ ଦୁର୍ବୃତ୍ତ । ମେଡିକାଲ ଯାଇଥିବା ବେଳେ କଳାକନା ବୁଲାଇଲେ ଚୋର । ଗୋଟିଏ ଫ୍ଲାଟ୍‌ରୁ ୧୧ଲକ୍ଷ ଏବଂ ଅନ୍ୟଟିରୁ ୨ଲକ୍ଷ ଟଙ୍କାର ଅଳଙ୍କାର ଚୋରି ନେଇ ଅଭିଯୋଗ ହୋଇଛି ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଆଧୁନିକ ଓଡ଼ିଶା ଗଠନ ସହ ରାଜ୍ୟର ପ୍ରଗତି, ଲୋକଙ୍କ କଲ୍ୟାଣ ଏବଂ ଶିକ୍ଷା ଓ ସାହିତ୍ୟ ମାଧ୍ୟମରେ ସମାଜର ଉନ୍ନତି ପାଇଁ ତାଙ୍କର ଅବଦାନ ସର୍ବଦା ପ୍ରେରଣାଦାୟୀ ।

## ଭୁବନେଶ୍ୱରରେ ରୋଜଗାର ମେଳା ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଯୋଜନାର ନିଯୁକ୍ତିପତ୍ର ବିତରଣ କରିଛନ୍ତି । ଏହିକ୍ରମରେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଏକ ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର କର୍ପୋରେଟ୍ ବ୍ୟାପାର, ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ହର୍ଷ ମାଲହୋତ୍ରା ୨୫୮ ନବନିଯୁକ୍ତ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ହସ୍ତାନ୍ତର କରିଛନ୍ତି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ମାଲହୋତ୍ରା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକ୍ରମେ ୨୦୨୨ରୁ ଆରମ୍ଭ ହୋଇଥିବା ରୋଜଗାର ମେଳାରେ ୧୦ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇସାରିଛି । ପଂଚଦଶ ରୋଜଗାର ମେଳା ଆୟୋଜନ କରାଯାଉଛି । ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କ ଆକାଂକ୍ଷା ପୂରଣ ହେଉଛି । ଦେଶରେ ଆସିଥିବା ବ୍ୟାପକ ପରିବର୍ତ୍ତନ କାରଣରୁ ଦେଶର ନାଗରିକଙ୍କୁ ସବୁ ପ୍ରକାର ମୌଳିକ ସୁବିଧା ମିଳିପାରୁଛି । ଗାଁ ଲୋକମାନେ ମଧ୍ୟ ଆଜି ଡିଜିଟାଲ ସେବାର ଲାଭ ପାଇପାରୁଛନ୍ତି । ଦେଶର ଯୁବବର୍ଗ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ମାଲହୋତ୍ରା ଆହୁରି କହିଥିଲେ, ସରକାରୀ କର୍ମଚାରୀଙ୍କୁ କର୍ମଯୋଗୀରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ କର୍ମଯୋଗୀ ଏବଂ ଆଇ-ଗଟ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ଏହି ପୋର୍ଟାଲରେ ୧୪ଶହରୁ ଅଧିକ ପାଠ୍ୟକ୍ରମ ରହିଛି । ଏସବୁ ପାଠ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀମାନେ ସ୍ୱତନ୍ତ୍ର ସହାୟତା ଲାଭ କରିବା ସହିତ ନିଜ ଦକ୍ଷତାରେ ସୁଧାର ଆଣିପାରୁଛନ୍ତି । ଏବେ ସୁଦ୍ଧା ୧କୋଟିରୁ ଅଧିକ କର୍ମଚାରୀ ଏସବୁ ପାଠ୍ୟକ୍ରମର ଲାଭ ଉଠାଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସିଜିଏସଟି ଏବଂ ସୀମାଶୁଳ୍କ, ଭୁବନେଶ୍ୱର ପ୍ରାନ୍ତ ମୁଖ୍ୟ ଆୟୁକ୍ତ ଏମ.ଏସ. ରେଡ୍ଡୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମୁଖ୍ୟ ଡାକପାଳ ନିର୍ମଳଜିତ ସିଂଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜୟନ୍ତୀ ପାଳିତ

କଟକ(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଓଏମପି ଛକସ୍ଥିତ ପାରଳା ମହାରାଜା ପାର୍କଠାରେ ପାଳିତ ହୋଇଯାଇଛି । ସକାଳେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ରଙ୍କ ସମେତ ସ୍ଥାନୀୟ କର୍ପୋରେଟରବୃନ୍ଦ, ବୁଦ୍ଧିଜୀବି, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ଏହାପରେ ସେଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ସଭାର ଆୟୋଜନ ମଧ୍ୟ କରାଯାଇଥିଲା । ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ନବ ଉତ୍କଳର ଅନ୍ୟତମ ନିର୍ମାତା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଓଡ଼ିଶାର କୁଟୀର ଶିଳ୍ପ, ସ୍ୱାସ୍ଥ୍ୟ, ନାରୀଶିକ୍ଷା, ମଧୁବାବୁଙ୍କ ସହଯୋଗୀ, ଜଳସେଚନ ପ୍ରକଳ୍ପ, ରେଳପଥ ବିକାଶ, କ୍ରୀଡାର ପ୍ରସାର, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦିରେ ନିଷ୍ପାପର ଭୂମିକା ସଂମ୍ପର୍କରେ ଆଲୋକପାତ କରି ଅତିଥିମାନେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପୂର୍ବକ ମତବ୍ୟକ୍ତ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଳୟା ବେଉରା, ସୁଭାଶିଷ କୁମାର ପଟ୍ଟନାୟକ, ମିନା ସାହୁ, ଚୌଧୁରୀ ସୁବ୍ରତ ଘଡାଇଙ୍କ ସମେତ କଟକ ମହାନଗର ନାଗରିକ ମହାସଭା ସଭାପତି ଡ଼ଃ ରବି ରଜ ସାହୁ, ନୀଳଚକ୍ର ଅନୁଷ୍ଠାନ ଉପଦେଷ୍ଟା ବ୍ରଜ ନନ୍ଦ ପ୍ରମୁଖ ଉପସ୍ଥିତ ରହି ନବ ଉତ୍କଳର ନିର୍ମାତା ପାରଳା ମହାରାଜାଙ୍କ ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଅବଦାନ ସଂମ୍ପର୍କରେ ଆଲୋଚନା କରିଥଲେ ।

With Best Compliments
from :

Asst. Executive Enginner and All J.E.S
The Irrigation Sub-Division
Harabhangi,
Badagada-761109 (Ganjam)

With Best Compliments
from :

F.L. Shop
Surada

With Best Compliments
from :

Forest Ranger and All Forester's
The Range Office
Badagada-761109 (Ganjam)

With Best Compliments
from :


I.I.C., S.I., A.S.I.
The Police Station
Surada

With Best Compliments
from :

S.I., A.S.I
The Excise
Charge Office
Surada

With Best Compliments
from :

M.D.
The Stone Crosser
Factory and Das
Babu Company
Surada



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୭ Vol. 22 No-27 27 APRIL 2025 SUNDAY BHUBANESWAR ରବିବାର, ୨୭ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଓଡ଼ିଶାରେ ପାକିସ୍ତାନୀ ଚିହ୍ନଟ

ଭୁବନେଶ୍ୱର, ୨୬ା୪ (ଭାସ୍କର ନ୍ୟୁଜ): ରାଜ୍ୟର ଭୁବନେଶ୍ୱର, କଟକ ଓ ବଲାଙ୍ଗୀରରେ ପାକିସ୍ତାନୀ ରହିଥିବା ନେଇ ସୂଚନା ମିଳିବା ପରେ ସେମାନଙ୍କୁ ଦେଶରୁ ତଡ଼ିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବଲାଙ୍ଗୀରରେ ଦୀର୍ଘକାଳୀନ ଭିସା ବଳରେ ରହୁଥିବା ସାରଦା କୁକ୍ରେଜା ଓରଫ ସାରଦା ବାଇଙ୍କୁ ଦେଶ ଛାଡ଼ିବାପାଇଁ ନୋଟିସ ଦିଆଯାଇଛି। ବଲାଙ୍ଗୀର ଟାଉନଥାନା ଅଧୀନ ଠିକାଦାରପଡ଼ାରେ ସେ ଦୀର୍ଘଦିନ ହେବ ପରିବାର ସହିତ ରହୁଥିବାବେଳେ ଦେଶ ଛାଡ଼ିବାପାଇଁ ବଲାଙ୍ଗୀର ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ ଆପଣଙ୍କ ଭିସା ରଦ୍ଦ କରାଯାଇଛି। ତୁରନ୍ତ ପାକିସ୍ତାନ ପଳାଇ ଯାଆନ୍ତୁ, ନ ହେଲେ କାର୍ଯ୍ୟାନୁଷ୍ଠାନର ଶିକାର ହେବେ । ତେବେ ସାରଦା କହିଛନ୍ତି ଯେ ମୁଁ ପାକିସ୍ତାନ ଯାଇପାରିବି ନାହିଁ । ସେଠାରେ ମୋର ନିଜର ଲୋକ କେହି ନାହାନ୍ତି। ମୁଁ କାହାସହ ଫୋନ୍‌ରେ କଥା ହେଉଛି ନା ମୁଁ ପାକିସ୍ତାନ ଯାଉଛି। ମୁଁ ଏଠି ବିବାହ କରି ୩୫ ବର୍ଷ ହେଲା ରହୁଛି। ନିର୍ବାଚନ ପରିଚୟପତ୍ର ଓ ଆଧାରକାର୍ଡ ପାଇଛି। ନିର୍ବାଚନରେ ସକ୍ରିୟଭାବେ ଅଂଶଗ୍ରହଣ କରୁଛି। ମୋ ସ୍ୱାମୀ ଭାରତୀୟ, ମୋ ପିଲା ବି ଭାରତୀୟ। ● ପୃଷ୍ଠା ୫ ଦେଖନ୍ତୁ

## ପହଲଗାମ ପ୍ରତିଶୋଧର ପଦଧ୍ୱନୀ

# ୪୮ ଘଣ୍ଟାରେ ବଡ଼ ଆକ୍ସନ !





- ଆତଙ୍କୀ ନେଟୱ୍ୱାର୍କ ଉପରେ ସାଂଘାତିକ ପ୍ରହାର
- ଗୁଇନ୍ଦା ତଥ୍ୟ ଆଧାରରେ ୧୮୧ ସନ୍ଦିଗ୍ଧ ଅଟକ
- କାଶ୍ମୀରରେ ତାଲିକାଭୁକ୍ତ ୧୪ ଆତଙ୍କୀ
- ଏଲଓସିରେ ଅସ୍ତ୍ରବିରତି ଉଲ୍ଲଂଘନ
- ୩ ଆତଙ୍କୀର ଘର ଭାଙ୍ଗିଲେ ଯବାନ
- ଭାରତ-ପାକିସ୍ତାନ ସୀମାରେ ବଙ୍କର ପ୍ରସ୍ତୁତ

ଶ୍ରୀନଗର/ନୂଆଦିଲ୍ଲୀ, ୨୬ା୪: ଶତ୍ରୁ ସାବଧାନ। ଶୁଭିଲାଣି ପହଲଗାମ ପ୍ରତିଶୋଧର ପଦଧ୍ୱନୀ। ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ନିଆଯାଉଛି ପଦକ୍ଷେପ। ପହଲଗାମ ହମଲା ପରେ ସୁରକ୍ଷାକର୍ମୀଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ। ତନ୍ନତନ୍ନ ଯାଞ୍ଚ କରୁଛି ସେନା। ଜୋରଦାର ହୋଇଛି ସର୍ଚ୍ଚ ଅପରେସନ। ଆତଙ୍କୀ ନେଟୱ୍ୱାର୍କ ଉପରେ ହେଉଛି ସାଂଘାତିକ ପ୍ରହାର। ଗଳିକନ୍ଦିରେ ଚାଲିଛି ଅପରେସନ। ସାରା ଉପତ୍ୟକା ଫୋର୍ସ ଛାଉଣିରେ ଭର୍ତ୍ତି। ବର୍ତ୍ତମାନ ସୁଦ୍ଧା ୧୮୧ ସନ୍ଦିଗ୍ଧଙ୍କୁ ଉଠାଇ ନେଇଛନ୍ତି ସୁରକ୍ଷା କର୍ମୀ। ସେମାନଙ୍କୁ ଗୁଡେଇତୁଡେଇ ଚାଲିଛି ପଚରାଉଚୁରା। ଆତଙ୍କବାଦୀଙ୍କ ଠିକଣା ଖୋଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ସେନା। ପହଲଗାମ ଆକ୍ରମଣରେ ସଂପୃକ୍ତ ଥିବା ଆଉ ୩ଜଣ ଆତଙ୍କବାଦୀଙ୍କ ଘରକୁ ଧ୍ୱଂସ କରିଛନ୍ତି ସୁରକ୍ଷାକର୍ମୀ। ଜାମ୍ମୁକାଶ୍ମୀରର ସୋପିଆନ୍, ପୁଲୱ୍ୱାମା ଓ କୁଲଗାମରେ ୩ ଲସ୍କର ଆତଙ୍କୀଙ୍କ ଘର ମାଟିରେ ମିଶିଛି। ଏହିସବୁ ଘରେ ଆତଙ୍କବାଦୀଙ୍କୁ ସମର୍ଥନ ଦିଆଯିବା ସହ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ସୁରକ୍ଷାବାହିନୀ ଆଇଇଡି ସାହାଯ୍ୟରେ ଘରଗୁଡ଼ିକୁ ଉଡାଇ ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଲସ୍କର ଆତଙ୍କବାଦୀ ଅହସନ ଅହମ୍ମଦ ଶେଖରର ପୁଲୱ୍ୱାମାରେ ଥିବା ୨ ମହଲା କୋଠା, ଲସ୍କର ଆତଙ୍କୀ ଜାକିର ଗାନିର କୁଲଗାମସ୍ଥିତ ଘର ଓ ଆତଙ୍କବାଦୀ ସାହିଦ ଅହମ୍ମଦର ସୋପିଆନ ଚୋଟିପୋରାରେ ଥିବା ଘରକୁ ଆଇଇଡି ବିସ୍ଫୋରଣରେ ଉଡାଇ ଦିଆଯାଇଛି। ତେବେ ଏହି ଆତଙ୍କୀମାନେ ଫେରାର ଥିବାବେଳେ ସେମାନଙ୍କ ବିରୋଧରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ଲସ୍କର ଆତଙ୍କୀ ଆଦିଲ ହୁସେନ ଠୋକର ଏବଂ ଆସିଫ ଶେଖରର ଘରକୁ ଭାଙ୍ଗି ଦିଆଯାଇଥିଲା। ଅନ୍ୟପକ୍ଷରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେସନ ଜାରି ରହିଛି। ଆତଙ୍କବାଦୀଙ୍କୁ ତ୍ରାହି ମିଳିବ ନାହିଁ ବୋଲି ସୁରକ୍ଷାକର୍ମୀଙ୍କ ପକ୍ଷରୁ କୁହାଯାଇଛି। ଯେଉଁଠି ଲୁଚିଥିଲେ ବି ଗୋଡ଼େଇ ଗୋଡ଼େଇ ମାରିବେ ସୁରକ୍ଷାକର୍ମୀ। ପହଲଗାମ ଆକ୍ରମଣ ପରେ ଫେରାର ଥିବା ଆତଙ୍କବାଦୀମାନେ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଛି। ତେଣୁ ସେମାନଙ୍କ ନାମ ଓ ଫଟୋ ସହ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି। କୁହାଯାଉଛି ଯେ ପହଲଗାମ ହମଲା ପାଇଁ ସ୍ଥାନୀୟ ଆତଙ୍କବାଦୀମାନେ ଦାୟୀ। ଅନ୍ୟପଟେ ପହଲଗାମ ହମଲାର ବଦଲା ନେବାକୁ ଭାରତବାସୀ ଚାହିଁ ବସିଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଭାରତୀୟ ଯବାନମାନେ ଶତ୍ରୁପକ୍ଷକୁ ସାଇଜ କରିବା ପାଇଁ ଅନାଇ ବସିଥିବାବେଳେ କେବଳ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି। ପାକିସ୍ତାନ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ଏଲଓସିରେ ଗୁଳିମାଡ଼ କରାଯିବା ପରେ ଭାରତୀୟ ସେନା ଏହାର କଡ଼ା ଜବାବ ଦେଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ । ଭାରତ ପକ୍ଷରୁ ସମ୍ଭବତଃ ଯୁଦ୍ଧ ପ୍ରସ୍ତୁତି ନେଇ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଭାରତ-ପାକିସ୍ତାନ ସୀମାରେ ବଙ୍କର ପ୍ରସ୍ତୁତ କରାଯାଉଛି। ପୁଞ୍ଚର ଏଲଓସିରେ ଥିବା ଗାଁରେ ଏହି ବଙ୍କର ପ୍ରସ୍ତୁତ ହେଉଛି। ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ବଙ୍କର ବ୍ୟବସ୍ଥା କରାଯାଇଛି। ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କୁ ସୁରକ୍ଷିତ ରହିବାର ବ୍ୟବସ୍ଥା ସେନା ପକ୍ଷରୁ କରାଯାଉଛି।

## ମିଡିଆ ପାଇଁ ପ୍ରଶାସନର କଟକଣା

# ମାର୍ଗଦର୍ଶିକା ଜାରି



ନୂଆଦିଲ୍ଲୀ, ୨୬ା୪: ଜାମ୍ମୁକାଶ୍ମୀର ପହଲଗାମ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ଉତ୍ତେଜନାକୁ ନଜରରେ ରଖି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସମସ୍ତ ବୈଦ୍ୟୁତିକ ଚାନେଲ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛି। ଜାତୀୟ ସୁରକ୍ଷାକୁ ଧ୍ୟାନରେ ରଖାଯାଇ ଏହା ଜାରି ହୋଇଥିବା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ମାର୍ଗଦର୍ଶିକାରେ କୁହାଯାଇଛି ଯେ ସୁରକ୍ଷାବାହିନୀର ପ୍ରତିରକ୍ଷା ଅଭିଯାନ ଏବଂ କାର୍ଯ୍ୟକଳାପର ସିଧା ପ୍ରସାରଣ କରାଯିବା ଉଚିତ ନୁହେଁ । ଜାତୀୟ ସୁରକ୍ଷା ସ୍ୱାର୍ଥରେ ସୁରକ୍ଷାବାହିନୀର ଏହି ଅଭିଯାନକୁ ସିଧା ପ୍ରସାରଣ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ମିଡିଆ ପ୍ଲାଟଫର୍ମ, ନ୍ୟୁଜ ଏଜେନ୍ସି ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀ ପ୍ରତିରକ୍ଷା ଓ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସଂପର୍କରେ ରିପୋର୍ଟ କରିବା ସମୟରେ ସର୍ବାଧିକ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବାରେ ଗଣମାଧ୍ୟମ, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିଗତ ବ୍ୟବହାରକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଆଇନଗତ ବାଧ୍ୟବାଧକତା ବ୍ୟତୀତ ଆମର କାର୍ଯ୍ୟଗୁଡ଼ିକ, ଚାଲୁଥିବା ଅପରେସନ କିମ୍ବା ସୁରକ୍ଷାବାହିନୀର ସୁରକ୍ଷାକୁ ବିପଦରେ ପକାଇବ ନାହିଁ ତାହା ସୁନିଶ୍ଚିତ କରିବା ଆମର ସାମୂହିକ ନୈତିକ ଦାୟିତ୍ୱ ବୋଲି ସେ କହିଥିଲେ। ଏଭଳି ପ୍ରସାରଣ କଲେ କେବୁଲ ଟେଲିଭିଜନ ନେଟ୍‌ୱ୍ୱାର୍କ ସଂଶୋଧନ ନିୟମ ୨୦୨୧ର ଏହା ଉଲ୍ଲଂଘନ ଏବଂ ଏହା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ବୋଲି ସେ କହିଛନ୍ତି। ତେଣୁ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମ କୌଣସି ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ସୁରକ୍ଷାବାହିନୀର କାର୍ଯ୍ୟକଳାପର ସିଧାସଳଖ ପ୍ରସାରଣ ନ କରିବାକୁ ପରାମର୍ଶ ଦିଆଯାଇଛି।








ଓଡ଼ିଶା ଭାସ୍କର
ଦୃଷ୍ଟିପାତ



"ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।"

-ସ୍ୱାମୀ ବିବେକାନନ୍ଦ



"ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।"

-ମଧୁସୂଦନ ରାଓ



# ଛାଡ଼ପତ୍ରର ମୂଲ୍ୟ ପଞ୍ଚାବନଶହ କୋଟି ଟଙ୍କା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

## ମୁଦ୍ରା କାହାଣୀ

ମନୁଷ୍ୟ ଜୀବନରେ ଯେତେ ପ୍ରକାରର ସମ୍ପର୍କ ଅଛି ବିବାହ ମହତମ ଏବଂ ପବିତ୍ରତମ ସମ୍ପର୍କ। ସେହିଠାରୁ ହିଁ ସଂସାରର ସୃଷ୍ଟି। କେବଳ ଶାରୀରିକ ନୁହେଁ, ବିପରୀତ ଲିଙ୍ଗର ଦୁଇଟି ମନ, ହୃଦୟ, ଆତ୍ମା ପରସ୍ପର ସହିତ ଅତୁଟ, ଅବିଚ୍ଛେଦ୍ୟ ବନ୍ଧନରେ ବାନ୍ଧିହୋଇ ଯାଆନ୍ତି ଆଜୀବନ। ସୁଖ-ଦୁଃଖ, ଭଲ-ମନ୍ଦ, ରାଗ-ରୁଷା ଏବଂ ସେସବୁକୁ ନେଇ ଆବେଗ ଭିତରେ ସଂସାର ହସିଉଠେ, ପୂର୍ଣ୍ଣତା ଲାଭ କରେ ସନ୍ତାନ ଆଗମନରେ। କିନ୍ତୁ ବିବାହ ଯଦି ବିଳାସର ପାତ୍ର ହୁଏ, ପାରସ୍ପରିକ ସ୍ନେହପ୍ରେମର ଜାଗା ଯଦି ଧନସମ୍ପଦ ନିଏ, ସମ୍ପର୍କ ଭଙ୍ଗୁର ହୋଇଯାଏ। ଶେଷ ହୁଏ ବିଚ୍ଛେଦରେ। ସେତେବେଳକୁ ଜୀବନ ଅର୍ଥସର୍ବସ୍ୱ ହୋଇ ସାରିଥାଏ।

ରାଜକୁମାରୀ ହାୟା ବିନ୍ତ୍ ଅଲ୍ ହୁସେନ୍ ଜୋର୍ଡାନର ରାଜା ହୁସେନ୍‌ଙ୍କ କନ୍ୟା। ସଂଯୁକ୍ତ ଆରବ ଅମୀରାତ୍‌ର ରାଜା ତଥା ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ରଶିଦ୍ ଅଲ୍ ମକ୍‌ତମ୍ କେବଳ ଆରବ ଜଗତରେ କାହିଁକି ସମଗ୍ର ବିଶ୍ୱରେ ଅତ୍ୟନ୍ତ ଧନଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭିତରେ ଅନ୍ୟତମ। ୨୦୦୪ ମସିହାରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେଲେ। ଦୁଇ ରାଜପରିବାର ଭିତରେ ସମ୍ପର୍କ ପ୍ରତିଷ୍ଠା ହେଲା। ଏହି ବିବାହ ବିଶ୍ୱର ଅନ୍ୟତମ ଚର୍ଚ୍ଚିତ ବିବାହ ଥିଲା। ୧୯୭୪ ମସିହାରେ ଜନ୍ମିତ ହାୟା ନିଜ ଠାରୁ ପଚିଶବର୍ଷ ବର୍ଷ ବଡ଼ ଶେଖ୍ ମକ୍‌ତୁମ୍‌ଙ୍କର ଷଷ୍ଠ ପତ୍ନୀ ଭାବରେ ଆକଳନ ଧନସମ୍ପଦର ଅଧିକାରିଣୀ ହେଲେ।

ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେଲା। ପୁଅଟିଏ ଝିଅଟିଏ ଆସିଲେ। ୨୦୧୯ ମସିହାରେ ରାଜକୁମାରୀ ହାୟା ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଦୁଇସନ୍ତାନଙ୍କୁ ଧରି ଇଂଲଣ୍ଡ ପଳେଇଲେ। ସ୍ୱାମୀଙ୍କ ବିରୁଦ୍ଧରେ ଉତ୍ପୀଡନ ଓ ନିର୍ଯାତନାର ଅଭିଯୋଗ ଆଣି ଇଂଲଣ୍ଡର ଏକ ନ୍ୟାୟାଳୟରେ ବିବାହବିଚ୍ଛେଦ ମାମଲା ରୁଜୁ କଲେ। ଶୁଣାଣି ଚାଲିଲା। ୨୦୧୯ ମସିହାରେ ଉଭୟଙ୍କ ବିବାହବିଚ୍ଛେଦ ଘଟିଲା। ବିଶ୍ୱ ଇତିହାସରେ ଏହା ଏକ ଦୀର୍ଘ ଖର୍ଚ୍ଚସାପେକ୍ଷ ମକଦ୍ଦମା ଥିଲା। ଶେଖ୍‌ଙ୍କ ବିରୁଦ୍ଧରେ ହାୟା ଆଣିଥିବା ଉତ୍ପୀଡ଼ନ, ଧମକଚମକ, ହଇରାଣହରକତ, ଅପମାନ ଇତ୍ୟାଦି ବିଭିନ୍ନ ପ୍ରକାରର ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲା।

ନ୍ୟାୟାଳୟର ସୂଚନା ଅନୁସାରେ ୨୦୧୯ ମସିହାରେ ସରିୟା ଅନୁସାରେ ଶେଖ୍ ମକ୍‌ତୁମ୍ ପତ୍ନୀ ହାୟାଙ୍କୁ ଛାଡପତ୍ର ଦେଇଥିଲେ। ସେତେବେଳେ ହାୟ ଏହା ଜାଣି ବି ନଥିଲେ। ଏହାର ପଛରେ ଥିଲା ଅନ୍ୟ ଏକ କାହାଣୀ। ହାୟାଙ୍କର ନିଜର ପୂର୍ବତନ ବ୍ରିଟିଶ୍ ସୁରକ୍ଷାକର୍ମୀଙ୍କ ସହିତ ସମ୍ପର୍କ ରହିଥିଲା। ଏହା ସତ ବୋଲି ପ୍ରମାଣିତ ହୋଇଥିଲା ଯେତେବେଳେ ଭରଣପୋଷଣ ବାବଦରେ ମିଳିଥିବା ଅର୍ଥରୁ କିଛି ସେ ସୁରକ୍ଷାକର୍ମୀଙ୍କ ବ୍ୟାଙ୍କ୍ ଖାତାକୁ ଯାଇଥିଲା। ମାମଲାରେ ଶୁଣାଣିରେ ହାୟା ନିଜ ସୁରକ୍ଷାକର୍ମୀଙ୍କ ସହିତ ସମ୍ପର୍କ ପାଇଁ ଅନ୍ୟ ଚାରିଜଣ ସୁରକ୍ଷାକର୍ମୀ ତାଙ୍କୁ ବ୍ଲାକ୍‌ମେଲ୍ କରୁଥିବାରୁ ସେମାନଙ୍କୁ ଚୁପ୍ କରିବା ପାଇଁ ଅର୍ଥ ଦେଉଥିଲେ ବୋଲି ମାନିଥିଲେ। ଏହି ଅର୍ଥ ଭରଣପୋଷଣ ବାବଦରେ ତାଙ୍କ ପିଲାଙ୍କ ଏକାଉଣ୍ଟରୁ ଦେଇଥିଲେ ଯାହା ପରେ ସେ ନିଜର ଗହଣା ବିକି ଭରିଥିଲେ। ଏହି କଥା ସାରା ଆରବ ଜଗତରେ ବ୍ୟାପି ଯାଇଥିଲା। ମୁସଲମାନ ଜଗତରେ ଜଣେ ପୁରୁଷ ଯେତେଥର ଚାହିଁଲେ ବିବାହ କରି ପାରିବେ, ତଲାକ୍ କହି ପତ୍ନୀଙ୍କୁ ଛାଡ଼ିଦେଇ ପାରିବେ। ଶେଖ୍ ମାକ୍‌ତୁମ୍ ମଧ୍ୟ ସେଇଆ କରିଥିଲେ। ମହିଳାଙ୍କର ମୁହଁ ଲୁଚେଇବା ଜଗତରେ ନିଜ ରାଣୀ ଅନ୍ୟ ପୁରୁଷ ସହିତ ସମ୍ପର୍କ ରଖିବା ଏବଂ ତାହା ସମସ୍ତେ ଜାଣିବା ରାଜାଙ୍କ ପାଇଁ ଅସହ୍ୟ ଥିଲା। ତେଣୁ ସେ ତାଙ୍କୁ ତାଙ୍କ ଅଜାଣତରେ ତଲାକ୍ ଦେଇଥିଲେ। ହାୟାଙ୍କ ଅନୁସାରେ ତାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା।

ଇଂଲଣ୍ଡକୁ ଆସିବା ପରେ ମଧ୍ୟ ହାୟା ଲଗାତାର ଶେଖ୍‌ଙ୍କ ଠାରୁ 'ତୁମେ ଯେଉଁଠି ଥିଲେ ବି ଆମେ ତୁମ ପାଖରେ ପହଞ୍ଚିବୁ' ପରି ଧମକପୂର୍ଣ୍ଣ ସନ୍ଦେଶ ପାଉଥିଲେ। ନିଜ ପିଲାମାନଙ୍କୁ ଦୁବାଇ ଅପହରଣ କରି ନିଆଯାଇପାରେ ଏହି ଭୟରେ ସେ ବିପୁଳ ଅର୍ଥ ନିରାପତ୍ତା ବାବଦରେ ଖର୍ଚ୍ଚ କରୁଥିଲେ। ରାଜା ମଧ୍ୟ ହାୟଙ୍କର ଫୋନ୍ ହାକ୍ କରିଥିଲେ ବୋଲି ନ୍ୟାୟାଳୟ କହିଥିଲେ। ଶେଷରେ ସେ ଛାଡ଼ପତ୍ର ଏବଂ ଭରଣପୋଷଣ ଦାବି କରି ଇଂଲଣ୍ଡର ଏକ ନ୍ୟାୟାଳୟର ଆଶ୍ରୟ ନେଲେ। ରାଜା ମକ୍‌ତୁମ୍‌ଙ୍କର 'ୟୁ ଲିଭ୍‌ଡ୍ ୟୁ ଡାଏଡ୍ ନାମକ' ଏକ କବିତା ପ୍ରକାଶ ପାଇଥିଲା। ଏହା ହାୟାଙ୍କୁ ମାରିବାର ଧମକ ଥିଲା ବୋଲି ଚର୍ଚ୍ଚା ହୁଏ।

ଶୁଣାଣିରେ ନ୍ୟାୟାଧୀଶ ମି. ଜଷ୍ଟିସ୍ ଲିପ୍ତ ମୁର୍ ହାୟା ଏବଂ ତାଙ୍କ ପିଲାମାନଙ୍କ ଭରଣ ପୋଷଣ ପାଇଁ ଅଲଗା ଅଲଗା ଅର୍ଥର ବ୍ୟବସ୍ଥା କଲେ। ୫୫୪ ନିଯୁତ ପାଉଣ୍ଡ୍ ଭରଣପୋଷଣ ଅର୍ଥରାଶିର ଏହି ମାମଲା ଇଂଲଣ୍ଡର ନ୍ୟାୟ ପ୍ରକ୍ରିୟାରେ ସବୁଠାରୁ ବଡ଼ ମାମଲା ଥିଲା। ମାମଲାର ବିଚାର ସମୟରେ ହାୟାଙ୍କର ଯୁକ୍ତି ଥିଲା ବିବାହ ପରେ ଦୀର୍ଘ ପନ୍ଦରବର୍ଷ ଧରି ସେ ଅତି ବିଳାସବ୍ୟସନରେ ଚଳୁଥିଲେ। ବର୍ତ୍ତମାନ ରାଜା ତାଙ୍କୁ ଛାଡ଼ପତ୍ର ଦେଇ ସେମାନଙ୍କୁ ସେପରି ଜୀବନଶୈଳୀରୁ ବଞ୍ଚିତ କରିଛନ୍ତି। ବିବାହବିଚ୍ଛେଦ ପରେ ସମାନ ଜୀବନଶୈଳୀ ପାଇଁ ସେ ରାଜାଙ୍କ ଠାରୁ ଅର୍ଥ ଦାବି କଲେ। ଗୋଟିଏ ମାସରୁ କମ୍ ଛୁଟି କଟାଇବା ଖର୍ଚ୍ଚ ୯୦ କୋଟି ଟଙ୍କା ଥିଲା। ହାୟାଙ୍କର ଲଣ୍ଡନର କିଙ୍ଗଷ୍ଟନ୍ ରାଜପ୍ରସାଦ ନିକଟରେ ଗୋଟିଏ ପ୍ରସାଦ ସହିତ ସରେ ଠାରେ ନିଜର ବାସଭବନ ରହିଛି। ଘରର ରକ୍ଷଣାବେକ୍ଷଣ ପାଇଁ ୭ ଲକ୍ଷ ୭୦ ହଜାର ପାଉଣ୍ଡ, ନିଜର ହାତ ଖର୍ଚ୍ଚ ପାଇଁ ୬୦ କୋଟି ଟଙ୍କା, ୮୨୭ କୋଟି ଟଙ୍କାର ଘର ପାଇଁ ୨୪୭ କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ, ସେଠାରେ କାମ କରୁଥିବା ଲୋକମାନଙ୍କର ଦରମା-ଏମିତି ଅନେକ ଖର୍ଚ୍ଚର ହିସାବ ଦେଇ ସେ ୧.୪ ବିଲିଅନ୍ ପାଉଣ୍ଡ ବା ୧୪୦୦୦ କୋଟି ଟଙ୍କାର ଭରଣପୋଷଣ ଦାବି ରଖିଲେ। ଭରଣପୋଷଣ ବାବଦରେ ପ୍ରଥମ କିସ୍ତି ୨୫୦୦ କୋଟି ଦିଆଗଲା। ଦୁଇ ପିଲାଙ୍କ ରକ୍ଷଣାବେକ୍ଷଣ ପାଇଁ ୨୯୦୦ କୋଟି ଟଙ୍କା ବ୍ୟାଙ୍କରେ ଜମା ରହିଲା। ପିଲାମାନଙ୍କର ଭବିଷ୍ୟତର ସୁରକ୍ଷା ପାଇଁ ଏହିରାଶିରୁ ପ୍ରତିବର୍ଷ ୧୧୨ କୋଟି ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଲା।

ତାଙ୍କର ନିରାପତ୍ତା ପାଇଁ ଅର୍ଥ, ଛୁଟି କାଟିବାକୁ ବାହାରକୁ ଯିବାର ଖର୍ଚ୍ଚ, ନର୍ସ ଏବଂ ଅନ୍ୟ କର୍ମଚାରୀଙ୍କ ଦରମା ବାବଦରେ ଅର୍ଥ, ପରିବାରର ସମସ୍ତଙ୍କ ପାଇଁ ଗାଡ଼ି ବ୍ୟବସ୍ଥା ଏବଂ ଘୋଡ଼ା ଏବଂ ଅନ୍ୟ ପୋଷ୍ୟଜନ୍ତୁ ପାଳନ ପାଇଁ ଶେଖ୍‌ଙ୍କୁ ଅର୍ଥ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତାଙ୍କର ପୁଅ ଝିଅଙ୍କ ପାଇଁ ମଧ୍ୟ ବଡ଼ ପରିମାଣ ଅର୍ଥ ଦେବା ପାଇଁ କୁହାଯାଇଥିଲା। ନ୍ୟାୟାଧୀଶ ହାୟାଙ୍କୁ ଦୁଇ ସପ୍ତାହ ବ୍ରିଟେନରେ ଏବଂ ନ' ସପ୍ତାହ ତାଙ୍କ ପସନ୍ଦର ଯେକୌଣସି ଜାଗାକୁ ଛୁଟି କାଟିବା ପାଇଁ ଯାଇପାରିବେ ଏବଂ ଏହାର ଖର୍ଚ୍ଚ ପ୍ରତିବର୍ଷ ୫୧ କୋଟି ଏବଂ ପ୍ରାଇଭେଟ୍ ବିମାନ ଭଡ଼ା ଓ ଖାଦ୍ୟପେୟ ବାବଦରେ ଆଉ ୧୦ କୋଟି ଦୁବାଇର ଶେଖ୍ ଦେବେ। ହାୟାଙ୍କର କିଛି ଦାବିକୁ ଜଜ୍ ସମାଲୋଚନା ମଧ୍ୟ କରିଥିଲେ। ତାଙ୍କର ମାତ୍ର ନ' ବର୍ଷର ପୁଅଙ୍କୁ ଅତି ଦାମୀ ତିନିଟା କାର୍ ସେ ଉପହାର ଦେବା ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ସମସ୍ତ ବାଦ-ପ୍ରତିବାଦ ଶୁଣିବା ପରେ ୫୫୪ ନିଯୁତ ପାଉଣ୍ଡ୍ ବା ୫୫୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଲେ।

ରାଜକୁମାରୀ ହାୟାଙ୍କ ମାମଲା କେବଳ ଗୋଟିଏ ସାଧାରଣ ଛାଡ଼ପତ୍ର ମାମଲା ନୁହେଁ। ଆରବ ଜଗତର ବିକାଶ ଏବଂ ସେଥିପାଇଁ ନାରୀମାନଙ୍କ ଉପରେ ହେଉଥିବ ଶୋଷଣ ଓ ନିର୍ଯାତନାକୁ ପଦାକୁ ଆଣିଥିଲା। ଏବେ ମଧ୍ୟ ନାରୀକୁ ସେଠାରେ ପଣ୍ୟ ଭାବରେ ଦେଖାଯାଉଛି। ନିଜର ଦୁଇ କନ୍ୟାଙ୍କ ଇଚ୍ଛା ବିରୁଦ୍ଧରେ ସେ ସେମାନଙ୍କୁ ବଳପୂର୍ବକ ଦୁବାଇ ନେଇ ଯିବାକୁ ଆଦେଶ ଦେଇଥିଲେ ବୋଲି ହାୟା ଅଭିଯୋଗ କରିଥିଲେ। ବଡ଼ଘର ବଡ଼ ଗୁମର କଥା।


# କବିବର ରାଧାନାଥ ରାୟ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଊନବିଂଶ ଶତାବ୍ଦୀର ଓଡ଼ିଆ କବିମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ରାଧାନାଥ ରାୟ। ସୁନ୍ଦର କାବ୍ୟ କବିତା ରଚନା ପାଇଁ ତାଙ୍କୁ କବିବର ଉପାଧିରେ ଭୂଷିତ କରାଯାଇଥିଲା। ୧୮୪୮ ମସିହା ସେପ୍ଟେମ୍ବର ୨୮ରେ ବାଲେଶ୍ୱର ସ୍ଥିତ କେଦାରପୁର ଗ୍ରାମରେ ବେଙ୍ଗଲି ଜମିଦାର ପରିବାରରେ ସେ ଜନ୍ମ ହୋଇଥିଲେ। ପିଲାଦିନୁ ଉଭୟ ଓଡ଼ିଆ ଓ ବେଙ୍ଗଲି ଭାଷାରେ ସେ ଲେଖାଲେଖି କରୁଥିଲେ, କିନ୍ତୁ ପରେ କେବଳ ଓଡ଼ିଆରେ ତାଙ୍କ ଲେଖନୀ ଚାଲିଲା। ସେତେବେଳେ ଓଡ଼ିଶାରେ ଓଡ଼ିଆ ଭାଷା ଆନ୍ଦୋଳନ ବେଶ୍ ସକ୍ରିୟ ଥିଲା। କେତେକ ବେଙ୍ଗଲି ଶିକ୍ଷାବିତ୍ ସ୍କୁଲ କଲେଜରୁ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେବାକୁ ଚେଷ୍ଟା ଚଳାଇଥିଲେ। କିନ୍ତୁ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ବ୍ରିଟିଶ ଅଫିସର ଜନ୍ ବିମ୍ସ ବେଙ୍ଗଲି ଅପେକ୍ଷା ଓଡ଼ିଆ ଅଧିକ ପ୍ରାଚୀନ ଭାଷା ବୋଲି ପ୍ରମାଣ କରିବାକୁ ପ୍ରଥମେ ଚେଷ୍ଟା କରିଥିଲେ।

ଏହି ସମୟରେ ଓଡ଼ିଶାରୁ ଓଡ଼ିଆ ଭାଷାର ମୂଳୋତ୍ପାଟନକୁ ପ୍ରୋତ୍ସାହନ ଦେଉଥିବା ବେଙ୍ଗଲି ଶିକ୍ଷାବିତ୍‌ଙ୍କ ବିରୋଧରେ ସ୍ୱରୋତ୍ତଳନ କରିଥିବା ଓଡ଼ିଆଙ୍କ ମଧ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ରାଧାନାଥ। ତାଙ୍କ ପ୍ରଥମ ମୁଖ୍ୟ ଅବଦାନ ଥିଲା ବେଙ୍ଗଲି କବିତା ସଂକଳନ କବିତାବଳୀ, ଯାହା ସେ ୧୮ବର୍ଷ ବୟସରେ ରଚନା କରିଥିଲେ। ତା'ପରେ ଓଡ଼ିଆରେ ପ୍ରସିଦ୍ଧ କାବ୍ୟ କେଦାର ଗୌରୀ, ନନ୍ଦିକେଶ୍ୱରୀ, ଚିଲିକା, ମହାଯାତ୍ରା



ଯଯାତିକେଶରୀ, ଉର୍ବଶୀ, ଦରବାର, ଦଶରଥ ବିୟୋଗ, ସାବିତ୍ରୀ ଚରିତ୍ର ଏବଂ ମହେନ୍ଦ୍ରଗିରି ପ୍ରମୁଖ ରଚନା କରିଥିଲେ। ଏଥିସହ ୧୫ରୁ ଅଧିକ ନିବନ୍ଧର ସେ ସ୍ରଷ୍ଟା। ଏସବୁକୁ ବାଦ ଦେଲେ ଲାଟିନ୍ ସାହିତ୍ୟକୁ ଅନୁବାଦ ଓ ରୂପାନ୍ତରଣ ପାଇଁ ରାଧାନାଥ ବେଶ ପରିଚିତ। ଅନେକ ଇଂରାଜୀ ସାହିତ୍ୟିକଙ୍କ ଦ୍ୱାରା ତାଙ୍କ ରଚନାବଳୀଗୁଡ଼ିକ ପ୍ରେରିତ। ଜୀବନକୁ ସାହିତ୍ୟ ସାଧନାରେ ଉତ୍ସର୍ଗ କରିଥିବା ରାଧାନାଥ ୧୯୦୮ ମସିହା ଏପ୍ରିଲ ୨୭ ତାରିଖରେ ଇହଧାମ ତ୍ୟାଗ କରିଥିଲେ।

# ଦ୍ରୁତଗତି ମହା ବିପତ୍ତି



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୯୩୭୯୦୨୦୬୬

ଭାରତରେ ସଡ଼କ ଦୁର୍ଘଟଣା ସହ ଜଡ଼ିତ ସଙ୍କଟ ଏକ ଜରୁରିକାଳୀନ ସଙ୍କେତ ଦେଉଛି। ଏହି ବିପର୍ଯ୍ୟୟ ପରିସଂଖ୍ୟାନ ଆଶ୍ଚର୍ଯ୍ୟଜନକ। କେବଳ ୨୦୨୨ ମସିହାରେ ସଡ଼କ ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଏହା ଡାଭୋସ୍, ମୋନାକୋ କିମ୍ବା ଭୁଟାନର ରାଜଧାନୀ ଥିମ୍ପୁର ଜନସଂଖ୍ୟାଠାରୁ ଅଧିକ। ବେସରକାରୀ ପରିସଂଖ୍ୟାନ ଅନୁଯାୟୀ, ବର୍ଷକ ମଧ୍ୟରେ ଦେଶରେ ହାରାହାରି ୩.୩ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହା ଆଇସଲାଣ୍ଡର ଜନସଂଖ୍ୟା କିମ୍ବା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ଆମେରିକୀୟ ସୈନିକଙ୍କ ସଂଖ୍ୟାଠାରୁ ଅଧିକ। ସଡ଼କ ଦୁର୍ଘଟଣା ଦୃଷ୍ଟିରୁ ଭାରତ ଆଗରେ ଥିବା ସ୍ପଷ୍ଟ ହୋଇଛି। ବିଶ୍ୱର ସଡ଼କ ଦୁର୍ଘଟଣାର ୧୧ ପ୍ରତିଶତ ଭାରତରେ ହେଉଥିବା ବେଳେ ଯାନବାହନ ହେଉଛି ମାତ୍ର ୧ ପ୍ରତିଶତ। ପ୍ରତିଦିନ ସଡ଼କ ଦୁର୍ଘଟଣାରେ ୪୫୦ରୁ ଅଧିକ ଭାରତୀୟଙ୍କ ମୃତ୍ୟୁ ଘଟୁଛି। ଏହାକୁ ଏପରି କୁହାଯାଇପାରେ ଯେ, ପ୍ରତିଦିନ ଏକ ଯାତ୍ରୀଭର୍ତ୍ତି ଏୟାରବସ୍ ଏବଂ ବିମାନ ଦୁର୍ଘଟଣାଗ୍ରସ୍ତ ହେଉଛି। ଏହା ପରେ ବି ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିନାହିଁ। ସଡ଼କ ଦୁର୍ଘଟଣାର ଆହୁରି ଦୁଃଖଦ ଦିଗ ରହିଛି। ପ୍ରାଣ ହରାଇଥିବା ଅଧିକାଂଶ ଲୋକଙ୍କ ବୟସ ୧୫ରୁ ୨୯ ବର୍ଷ। ଅଧିକାଂଶ ସମୟରେ ସେମାନେ ନିଜ ଘରର ରୋଜଗାରକ୍ଷମ ଲୋକ କିମ୍ବା ଆଗକୁ ରୋଜଗାର କରିବାର ଦାୟିତ୍ୱ ସେମାନଙ୍କ କାନ୍ଧରେ ଥାଏ।

ସଡ଼କ ଦୁର୍ଘଟଣାରେ ପ୍ରତି ୪ ଜଣଙ୍କ ମଧ୍ୟରୁ ଜଣେ ଏହି ବୟସବର୍ଗର। ଦୁର୍ଘଟଣାରେ ମୃତ୍ୟୁର ଅଧା ଦୁଇ ଚକିଆ ଯାନ ବା ପଥଚାରୀଙ୍କ ହୋଇଥାଏ। ଏହି ତଥ୍ୟ ଦୁର୍ବଳ ଭିତ୍ତିଭୂମି ଏବଂ ରାସ୍ତାରେ ସୁରକ୍ଷାର ଅବହେଳାକୁ ଦର୍ଶାଉଛି।ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା କୌଣସି ମହାମାରୀ କିମ୍ବା ଆତଙ୍କବାଦୀ ଆକ୍ରମଣ ଠାରୁ ବହୁତ ଅଧିକ, କିନ୍ତୁ ଏହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ଆଇନଗତ ପଦକ୍ଷେପ କିମ୍ବା ସଂସ୍କାର ଆରମ୍ଭ ହୋଇଛି କି? ସଂକ୍ଷିପ୍ତରେ କହିବାକୁ ଗଲେ ସଡ଼କ ଦୁର୍ଘଟଣା ସବୁଠାରୁ ବଡ଼ ମାନବ ସୃଷ୍ଟ ବିପର୍ଯ୍ୟୟ ହୋଇଥିଲେ ମଧ୍ୟ ସବୁଠାରୁ ଅଧିକ ଅଣଦେଖା ହୋଇଥାଏ। ଦୁର୍ଘଟଣା ଜନିତ ସଙ୍କଟର ମୂଳ କାରଣ ହେଉଛି ନିମ୍ନମାନର ଇଞ୍ଜିନିୟରିଂ, ନିମ୍ନମାନର ପ୍ରକଳ୍ପ, ସାଇନ୍ ବୋର୍ଡର ଅନୁପସ୍ଥିତି, ବିଭ୍ରାନ୍ତିକର ସାଇନ୍ ବୋର୍ଡ, ବେପରୱା ଗାଡି ଚାଳନା ଏବଂ ପରାମର୍ଶଦାତାଙ୍କ ଉତ୍ତରଦାୟିତ୍ୱର ଅଭାବ। ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ଓ ପୁନଃନିର୍ମାଣ ଭଳି ପଦକ୍ଷେପ ସରକାର ଓ ଏନ୍‌ଏଚ୍‌ଏଆଇ ହାତକୁ ନେଇଥିଲେ ମଧ୍ୟ କାମ ହେଉନାହିଁ। ସାଧାରଣ ରାସ୍ତାଠାରୁ ଆରମ୍ଭ କରି ରାଜପଥ ପର୍ଯ୍ୟନ୍ତ ଏହାର ସମାଧାନ ଦୂରରେ ରହିଛି। ଅନେକ ସ୍ଥାନରେ ଉପଯୁକ୍ତ ସଙ୍କେତ ତ ଦୂରର କଥା, ଲେନ୍ ମାର୍କିଂ ଠିକ୍ ହୋଇନାହିଁ। ଯଦି ଦେଖାଯାଏ, ତେବେ ଭାରତରେ ସଡ଼କର ଭିତ୍ତିଭୂମି ଏତେ ବଡ଼ ସମସ୍ୟା ନୁହେଁ ଯେତିକି ରାସ୍ତାରେ ଗାଡି ଚାଳନାର ଶୃଙ୍ଖଳାହୀନତା। ଏଭଳି ସ୍ଥିତିରେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ସମୟ କ୍ରମେ ଭାରତରେ ସଡ଼କ ଅବସ୍ଥା ଏବଂ ଯାନବାହନ ବେଗରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି, କିନ୍ତୁ ଲାଇସେନ୍ସ ମାନଦଣ୍ଡ ପ୍ରାୟତଃ ସମାନ ରହିଛି। ହାଇସ୍ପିଡ୍ ଯାନ ଏବଂ ଏକ୍ସପ୍ରେସ୍ ୱେ ସଂଖ୍ୟା ବୃଦ୍ଧି ସହିତ ଲାଇସେନ୍ସ ପ୍ରକ୍ରିୟା ତାଳ ଦେଇ ପାରୁନାହିଁ। ଦେଶର ଅଧିକାଂଶ ସ୍ଥାନରେ ଡ୍ରାଇଭିଂ ଟେଷ୍ଟ ନାମରେ ଟେବୁଲ ତଳ ବେପାର ହୋଇଥାଏ। ଗାଡିକୁ କେବଳ ପାର୍କିଂରେ ରଖିବା ଭଳି କୌଶଳ ପରୀକ୍ଷା କରାଯାଏ। ଅନେକ ଆବେଦନକାରୀଙ୍କୁ ବାସ୍ତବ ସଡ଼କ ଅବସ୍ଥା, ରାତିରେ ଡ୍ରାଇଭିଂ, କିମ୍ବା ଜରୁରୀକାଳୀନ ପ୍ରତିକ୍ରିୟା ଭଳି ମାନଦଣ୍ଡ ଉପରେ ବିଚାର କରାଯାଏ ନାହିଁ। ସବୁଠାରୁ ଖରାପ କଥା ହେଉଛି, ବିନା କୌଣସି ଯାଞ୍ଚରେ ସମସ୍ତ ଲାଇସେନ୍ସ ପ୍ରଦାନ କରାଯାଏ, ଯେଉଁଥିରେ ଦଲାଲମାନେ କାମ କରିବା ପାଇଁ ଲାଞ୍ଚ ଦିଅନ୍ତି। ଭାରତ ତୁଳନାରେ ବିକଶିତ ଦେଶମାନଙ୍କରେ ଲାଇସେନ୍ସ ପ୍ରକ୍ରିୟା ବହୁତ ବ୍ୟାପକ। ଜର୍ମାନୀରେ ବାଧ୍ୟତାମୂଳକ କ୍ଲାସରୁମ୍ ନିର୍ଦ୍ଦେଶ, ସିମୁଲେଟର ଅର୍ଥାତ୍ ଭର୍ଚୁଆଲ୍ ଟ୍ରେନିଂ ଏବଂ ତଦାରଖ ଅଧୀନରେ ଡ୍ରାଇଭିଂ କରିବାର କିଛି ଘଣ୍ଟା ପରେ ହିଁ ଡ୍ରାଇଭିଂ ଲାଇସେନ୍ସ ଦିଆଯାଏ। ଏଭଳି ସ୍ଥିତିରେ ଭାରତର ଲାଇସେନ୍ସ ବ୍ୟବସ୍ଥା ବିପଜ୍ଜନକ। ଏହା ନବାଗତ ଚାଳକଙ୍କୁ ରାସ୍ତାକୁ ଓହ୍ଲାଇବାକୁ ଅନୁମତି ଦେଇ ଦୁର୍ଘଟଣାକୁ ଆମନ୍ତ୍ରଣ କରିଥାଏ। ଦୁର୍ଘଟଣା ରୋକିବା ପାଇଁ ଏହା ପ୍ରଥମ ପଦକ୍ଷେପ ହେବା ପରିବର୍ତ୍ତେ ଏହା ସେମାନଙ୍କୁ ପ୍ରୋତ୍ସାହିତ କରିବାର ମାଧ୍ୟମ ପାଲଟିଛି। ଏଭଳି ଲାଇସେନ୍ସ ପ୍ରକ୍ରିୟାରୁ ମୁକ୍ତି ପାଇବା ଜରୁରି ହୋଇପଡ଼ିଛି। ଦେଶରେ ଲାଇସେନ୍ସ ପ୍ରକ୍ରିୟାରେ ଉନ୍ନତି ଆଣିବା ପାଇଁ ଏହାକୁ ଔପଚାରିକତାରୁ ବାହାର କରି ବାସ୍ତବତା ପରିସରକୁ ଆଣିବାକୁ ପଡ଼ିବ। ନୂତନ ପ୍ରକ୍ରିୟା ଅଧିକ ଡିଜିଟାଲ ଏବଂ ମାନକ ହେବା ଉଚିତ ଏବଂ ଏପରି ହେବା ଉଚିତ ଯେପରି ତ୍ରୁଟିର କୌଣସି ସୁଯୋଗ ରହିବ ନାହିଁ। ପ୍ରାରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସମସ୍ତ ଦିଗକୁ ଭଲ ଭାବେ ଅନୁସନ୍ଧାନ କରାଯିବା ଉଚିତ୍, ସର୍ବନିମ୍ନ ମାନବିକ ହସ୍ତକ୍ଷେପ ହେବା ଦରକାର। ଦେଶରେ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ ନିର୍ମାଣ କରାଯିବା ଉଚିତ ଯେଉଁଠାରେ ସେନ୍ସର ମାଧ୍ୟମରେ ରିଅଲ ଟାଇମ ମନିଟରିଂ ସମ୍ଭବ ହୋଇପାରିବ। ଲାଇସେନ୍ସକୁ ଆଧାର ବାୟୋମେଟ୍ରିକ୍ ସହ ସଂଯୋଗ କରାଯିବା ସହ ଏକ କେନ୍ଦ୍ରୀୟ ଡାଟାବେସ୍ ତିଆରି କରାଯିବା ଉଚିତ ଯାହା ଦ୍ୱାରା ଲାଇସେନ୍ସ ଏବଂ ନକଲି ପରିଚୟର ନକଲିକରଣକୁ ଏଡାଇ ଦିଆଯାଇପାରିବ। କାର୍ଯ୍ୟଦକ୍ଷତା, ନବୀକରଣ ଏବଂ ଦଣ୍ଡବିଧାନ ଆଇନର ବ୍ୟବସ୍ଥା କରି ଏକ ସାଧାରଣ ଜାତୀୟ ଲାଇସେନ୍ସ ଢାଞ୍ଚା ସହିତ ଜଡିତ ସମସ୍ତ ରାଜ୍ୟରେ ଏଭଳି ପ୍ରକ୍ରିୟା ସମାନ ହେବା ଉଚିତ୍। ଡ୍ରାଇଭିଂ ସ୍କୁଲର ନିୟମିତ ଅଡିଟ୍ ଏବଂ ସେମାନଙ୍କ ପ୍ରଦର୍ଶନର ସାର୍ବଜନୀନ ରେଟିଂ କରାଯିବା ଉଚିତ୍।

ଲାଇସେନ୍ସ ପ୍ରଦାନ ପରେ ମଧ୍ୟ ନିୟମ ପାଳନ ସ୍ତରରେ କୌଣସି କୋହଳତା ହୋଇପାରିବ ନାହିଁ। କୌଣସି ଅବହେଳା ହେଲେ ଡ୍ରାଇଭର ଓ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅନୁଷ୍ଠାନକୁ ଦଣ୍ଡିତ କରିବାକୁ ପଡ଼ିବ। ଏହି ପୂରା ପ୍ରକ୍ରିୟା ତୁରନ୍ତ ଓ ଶୀଘ୍ର ଶେଷ ହେବା ଦରକାର। ବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ କ୍ଷେତ୍ରରେ ମାନ ଅଧିକ ରଖିବାକୁ ପଡିବ, ଯାହାକୁ ନିୟମିତ ନବୀକରଣ ପାଇଁ ମଧ୍ୟ ସତର୍କ ରହିବାକୁ ପଡିବ। ଏକ ପ୍ରଭାବଶାଳୀ ଅଭିଯୋଗ ସମାଧାନ ବ୍ୟବସ୍ଥା ମଧ୍ୟ ସ୍ଥାପନ କରିବାକୁ ପଡ଼ିବ, ଯେଉଁଥିରେ ନାଗରିକଙ୍କ ଅଧିକାରକୁ ଆହୁରି ସୁଦୃଢ଼ କରାଯାଇପାରିବ। ଏହି ସବୁ ଉପାୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କଲେ ସଡ଼କ ଦୁର୍ଘଟଣା ହ୍ରାସ ପାରିବ।

# ପହଲଗାମ୍ ହିଂସା : ଦେଶ ଚାହେଁ ଆତଙ୍କବାଦର ବିନାଶ



ମାନସ କୁମାର କର
କୋତାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଏପ୍ରିଲ ୨୨ରେ ପହଲଗାମ୍ ଉପତ୍ୟକାରେ ଘଟିଥିବା ହତ୍ୟାକାଣ୍ଡ ୩୫ ବର୍ଷର ଆତଙ୍କବାଦୀ ହିଂସା ଇତିହାସରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ। ପାକିସ୍ତାନର ନିର୍ଦ୍ଦେଶରେ ଆତଙ୍କବାଦୀମାନେ ଏହି ଘୃଣ୍ୟ ଅପରାଧ ଘଟାଇ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧାର୍ମିକ ପରିଚୟ ଆଧାରରେ ଟାର୍ଗେଟ କରିଥିଲେ। ହିନ୍ଦୁ ପର୍ଯ୍ୟଟକଙ୍କୁ ବାଛି ବାଛି ଗୁଳି କରାଯାଇଥିଲା। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଈଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀଙ୍କୁ ଅତି ନୃଶଂସ ଭାବରେ ଆତଙ୍କବାଦୀମାନେ ହତ୍ୟା କରିଥିଲେ, ଉଦ୍ଦେଶ୍ୟ ଥିଲା କାଶ୍ମୀରର ଆତ୍ମା ଉପରେ ଆକ୍ରମଣ କରିବା। ଏହି ଆକ୍ରମଣରେ ନିହତ ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନରୁ ଛୁଟି କାଟିବା ଏବଂ ପହଲଗାମ୍‌ର ଥଣ୍ଡା ଏବଂ ଶାନ୍ତିପୂର୍ଣ୍ଣ ଉପତ୍ୟକା ଉପଭୋଗ କରିବାକୁ ଆସିଥିଲେ। ନିହତ ଲୋକଙ୍କ ମଧ୍ୟରେ ଆଦିଲ ଶାହ ନାମକ ଜଣେ ସ୍ଥାନୀୟ ଶ୍ରମିକ ଥିଲେ, ଯିଏ ଜଣେ ଆତଙ୍କବାଦୀଙ୍କ ସହିତ ସଂଘର୍ଷ କରି ତାଙ୍କ ଅସ୍ତ୍ର ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କୁ ମଧ୍ୟ ଗୁଳି କରାଯାଇଥିଲା।

ଏହା ସାମ୍ପ୍ରତିକ ବର୍ଷ ମଧ୍ୟରେ କାଶ୍ମୀରରେ ଘଟିଥିବା ସବୁଠାରୁ ବଡ଼ ଦୁଃଖଦ ଘଟଣା, କିନ୍ତୁ ଏହାର ଏକ ସକାରାତ୍ମକ ଦିଗ ମଧ୍ୟ ଅଛି କାରଣ ସମଗ୍ର କାଶ୍ମୀର ଉପତ୍ୟକା ଏହି ଦୁର୍ଘଟଣା ପାଇଁ କେବଳ ଶୋକ ପ୍ରକାଶ କରିନଥିଲା ବରଂ ଏକତ୍ରିତ ହୋଇ ପ୍ରଦର୍ଶନ ଏବଂ ରାଲି ମାଧ୍ୟମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। କାଶ୍ମୀର ସ୍ପଷ୍ଟ ଏବଂ ଦୃଢ଼ ଭାବରେ ଏହା ପାକିସ୍ତାନର ପରିକଳ୍ପନା ଏବଂ ଆତଙ୍କବାଦ ବିରୁଦ୍ଧରେ ରାୟ ଦେଇଛି।

ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା; ସେମାନେ କାଶ୍ମୀରର ଅର୍ଥନୀତିକୁ ନଷ୍ଟ କରିବାକୁ ଚାହୁଁଥିଲେ କାରଣ ରାଜ୍ୟ ପ୍ରତିବର୍ଷ ପର୍ଯ୍ୟଟନରୁ ୧୦,୦୦୦ କୋଟି ଟଙ୍କାରୁ ଅଧିକ ରୋଜଗାର କରେ ଏବଂ ୧୫ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ପ୍ରଦାନ କରେ। ଧାରା ୩୭୦ ଉଚ୍ଛେଦ ପରେ ପର୍ଯ୍ୟଟନରେ ବୃଦ୍ଧି ଏବଂ ସଂଯୋଗ ଏବଂ ସୁବିଧା ଉନ୍ନତ କରିବା ପାଇଁ ପ୍ରୟାସ କାଶ୍ମୀର ମୁସଲମାନ ଏବଂ ଦେଶ ସାରା ପର୍ଯ୍ୟଟକଙ୍କ ମଧ୍ୟରେ ଏକ ନୂତନ ବନ୍ଧନ ସୃଷ୍ଟି କରିଥିଲା। କାଶ୍ମୀରବାସୀ ସେମାନଙ୍କର ଆତିଥ୍ୟ ପାଇଁ ପ୍ରସିଦ୍ଧ ଏବଂ ପର୍ଯ୍ୟଟକଙ୍କ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ କରୁଥିଲେ। କାରଣ ସେମାନେ ଆତଙ୍କବାଦ ଯୋଗୁଁ ଦୀର୍ଘ ଆର୍ଥିକ ମରୁଡ଼ି ଦେଖିଥିଲେ ଏବଂ ଭୋଗିଥିଲେ, ଯାହା ଶାନ୍ତି ଏବଂ ଯୁବପିଢ଼ିଙ୍କ ସ୍ୱପ୍ନକୁ ବନ୍ଦ କରିଦେଇଥିଲା।



ପାକିସ୍ତାନ ଅନୁଭବ କଲା ଯେ ଚଳିତ ବର୍ଷ ଶେଷ ସୁଦ୍ଧା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି, ଯାହା ତିନି କୋଟି ଅତିକ୍ରମ କରିପାରେ, ତାହା ଏହାର ପ୍ରଚାର ନୀତି ଏବଂ କାଶ୍ମୀର ବିଷୟରେ ସୃଷ୍ଟି କରିଥିବା ମିଥ୍ୟା କାହାଣୀକୁ ଭୁଲ୍ କରୁଛି। ଏହା ପାକିସ୍ତାନ ପାଇଁ ଦ୍ୱିଗୁଣିତ ପରାଜୟ ଥିଲା - ପ୍ରଥମତଃ, ଅଗଷ୍ଟ ୨୦୧୯ରେ ଧାରା ୩୭୦ ପ୍ରତ୍ୟାହାର ନିଷ୍ପତ୍ତିକୁ କାଶ୍ମୀରବାସୀ ଧୀରେ ଧୀରେ ଗ୍ରହଣ କରୁଥିଲେ, ଯେତେବେଳେ ପାକିସ୍ତାନ ସ୍ୱପ୍ନ ଦେଖିଥିଲା ଯେ ସେମାନେ ଏହି ନିଷ୍ପତ୍ତି ବିରୁଦ୍ଧରେ ବିଦ୍ରୋହ କରିବେ। ଚୀନ୍ ଏବଂ ତୁର୍କୀ ବ୍ୟତୀତ ଅନ୍ୟ କୌଣସି ଦେଶ ତାଙ୍କ ସମର୍ଥନରେ ବାହାରି ନଥିଲେ, ଏପରିକି ଇସଲାମିକ ଦେଶମାନେ ମଧ୍ୟ ଭାରତର ନିଷ୍ପତ୍ତିକୁ ସମର୍ଥନ କରିଥିଲେ, ଏହାଦ୍ୱାରା ପାକିସ୍ତାନ ଗଭୀର ଆଘାତ ପାଇଥିଲା। ଦ୍ୱିତୀୟତଃ, କାଶ୍ମୀର ଉପତ୍ୟକାରେ ଭିତ୍ତିଭୂମିର ବିକାଶ ଏବଂ ଦେଶ ସହିତ ବଢୁଥିବା ଏକତା ଦ୍ୱାରା ପାକିସ୍ତାନ ଅସ୍ତବ୍ୟସ୍ତ ଥିଲା। କାଶ୍ମୀରରେ ପର୍ଯ୍ୟଟନ କେବଳ ଏକ ଆର୍ଥିକ କାର୍ଯ୍ୟକଳାପ ନୁହେଁ, ବରଂ ଏହାର ପ୍ରତିଚ୍ଛବିର ଏକ ବଡ଼ ପ୍ରଶ୍ନ। ଉପତ୍ୟକାର ଶାନ୍ତିପ୍ରିୟ ଲୋକମାନେ ସର୍ବଦା ଏକ ସମାଜ ଭାବରେ ପରିଚିତ ହେବାକୁ ଚାହୁଁଥିଲେ ଯାହା ଶାନ୍ତି, ସାଧାରଣ ଜୀବନ ଏବଂ ପର୍ଯ୍ୟଟକଙ୍କ ଆତିଥ୍ୟକୁ ମୂଲ୍ୟ ଦିଏ। ଏହା କେବଳ ପର୍ଯ୍ୟଟକଙ୍କ ସହିତ ସେମାନଙ୍କର ସମ୍ପର୍କକୁ ମଜବୁତ କରିନଥିଲା ବରଂ ଦେଶର ଅନ୍ୟାନ୍ୟ ଅଞ୍ଚଳ ସହିତ ଏକ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲା।

ଏହି ପୃଷ୍ଠଭୂମିରେ, ଯେତେବେଳେ ପାକିସ୍ତାନ ନିଜକୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ପାଇଲା ଏବଂ ଦେଖିଲା ଯେ କାଶ୍ମୀରୀମାନେ ଆଉ ଏହାକୁ ଦେଖୁନାହାଁନ୍ତି, ସେତେବେଳେ ଏହା ପୁଣି ମୃତ୍ୟୁ ଏବଂ ବିନାଶର ପଥ ଗ୍ରହଣ କଲା। ଏହା କହିବା ଭୁଲ୍ ହେବନାହିଁ ଯେ ଏପ୍ରିଲ ୧୫ରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଏ. ମୁନିରର ଭାଷଣ, ଯେଉଁଥିରେ ସେ ଦୁଇ-ରାଷ୍ଟ୍ର ତତ୍ତ୍ୱ ବିଷୟରେ କହିଥିଲା, ହିନ୍ଦୁମାନଙ୍କୁ ଟାର୍ଗେଟ ଏବଂ ଅପମାନିତ କରିଥିଲା ଏବଂ କାଶ୍ମୀର ପ୍ରସଙ୍ଗକୁ ପ୍ରଜ୍ୱଳିତ କରିଥିଲା, ଏହା ହିଁ ଆକ୍ରମଣର ପ୍ରେରଣା ପାଲଟିଥିଲା। ଏହି ହତ୍ୟାକାଣ୍ଡର ଦାୟିତ୍ୱ( ଟିଆର୍‌ଏଫ୍ - ଦି ରେସିଷ୍ଟାନ୍ସ ଫ୍ରଣ୍ଟ ) ଦ୍ୱାରା ନିଆଯାଇଥିଲା, ଯାହା ଲସ୍କର-ଏ-ତୈବାର ଏକ ମାସ୍କ ସଂଗଠନ।

ଇମ୍ରାନ ଖାନର ସପକ୍ଷରେ ଜନ ବିଦ୍ରୋହ ଏବଂ ବେଲୁଚିସ୍ତାନରେ ବିଦ୍ରୋହ ମଧ୍ୟରେ ଫସି ରହି ଜେନେରାଲ ମୁନିର କାଶ୍ମୀରର ପରିସ୍ଥିତିକୁ ଆହୁରି ଖରାପ କରିବା ପାଇଁ ଏକ ରଣନୀତି ପ୍ରସ୍ତୁତ କରିଥିଲା। ପର୍ଯ୍ୟଟକମାନେ ଥିଲେ ସେମାନଙ୍କର ମୁଖ୍ୟ ଟାର୍ଗେଟ ଏବଂ ପାକିସ୍ତାନୀ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲା। ଏହା ପାକିସ୍ତାନକୁ ଅନେକ ଭାବରେ ଲାଭ ଦେଇଥିଲା। ଭୟଭୀତ ପର୍ଯ୍ୟଟକମାନେ ଉପତ୍ୟକା ଛାଡି ଦେଇଥିଲେ, ଯାହାଫଳରେ କାଶ୍ମୀର ଦୁଇଗୁଣ ଯନ୍ତ୍ରଣାରେ ବୁଡ଼ିଯାଇଥିଲା। ଏହାର ପ୍ରତିଚ୍ଛବି ଏବଂ ବ୍ୟବସାୟ ଉଭୟ କ୍ଷତିଗ୍ରସ୍ତ ହୋଇଥିଲା। କିନ୍ତୁ ଏଥର କାଶ୍ମୀର ଏକତ୍ରିତ ହୋଇ ସମ୍ପୂର୍ଣ୍ଣ ବନ୍ଦ ଏବଂ ପ୍ରତିବାଦ ରାଲି ମାଧ୍ୟମରେ ସୀମା ଆରପାରିରେ ବସିଥିବା ଆତଙ୍କବାଦୀ ଏବଂ ସେମାନଙ୍କ ମାଲିକମାନଙ୍କ ବିରୁଦ୍ଧରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥର କାଶ୍ମୀରବାସୀ ପାକିସ୍ତାନ କିମ୍ବା ଆତଙ୍କବାଦୀଙ୍କ କୌଣସି ପ୍ରକାରର ପ୍ରତିକ୍ରିୟାକୁ ଭୟ କରିନଥିଲେ। ପ୍ରତିବାଦ ରାଲିରେ ଲୋକଙ୍କ ଚକ୍ଷୁରେ ସମବେଦନାର କ୍ରନ୍ଦନ ଥିଲା।

ଭାରତ ସରକାର ଏହି ସମ୍ପୂର୍ଣ୍ଣ ଘଟଣାକୁ ବହୁତ ଗମ୍ଭୀରତାର ସହିତ ନେଇଛନ୍ତି। ପ୍ରଧାନମନ୍ତ୍ରୀ ସାଉଦି ଆରବ ଗସ୍ତକୁ ସଂକ୍ଷିପ୍ତ କରିଛନ୍ତି, ଗୃହମନ୍ତ୍ରୀ ଶ୍ରୀନଗରରେ ପହଞ୍ଚି ପରିସ୍ଥିତି ସମୀକ୍ଷା କରିଛନ୍ତି ଏବଂ ପୀଡିତମାନଙ୍କୁ ଭେଟିଛନ୍ତି। ଏହା ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିଛି। ପାକିସ୍ତାନ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ଖୁବ୍‌ଶୀଘ୍ର ନିଆଯାଇପାରେ। ଏଥର କାଶ୍ମୀରର ପରିବର୍ତ୍ତନ ହେଉଛି ଯେ ସମଗ୍ର ଉପତ୍ୟକା ଆତଙ୍କବାଦୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି। ଯାହା ଜଣାପଡୁଛି ପାକିସ୍ତାନର ଷଡ଼ଯନ୍ତ୍ର ବିଫଳ ହୋଇଛି।

# ମା' ଦୁନିଆର ବଡ଼ ସମ୍ପତ୍ତି

ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ମା' ଏମିତି ଗୋଟେ ଶବ୍ଦ ଯୋଉଥିରେ ଥାଏ ଖାଲି ସ୍ନେହ ଓ ଭଲ ପାଇବା। ଏଥିରେ ନା ଥାଏ କିଛି ପାଇବାର ଆଶା ନା ଥାଏ କିଛି ହରେଇବାର ଆଶଙ୍କା। ଯେଉଁ ଶବ୍ଦ ତଳେ ଲୁଚି ରହେ ଜୀବନର ଅମାପ ସ୍ନେହ। ମା'ର ଭଲ ପାଇବା ହେଉଛି ବିନା ସ୍ୱାର୍ଥରେ, ବିନା ଅର୍ଥରେ ଆଉ ବିନା ସର୍ତ୍ତରେ। ଗୋଟେ ପିଲା ନିଜ ସବୁଠୁ ସୁରକ୍ଷିତ ଜାଗା ନିଜ ମା' ପାଖରେ ପାଏ, ସେଇଥି ପାଇଁ ବୋଧେ ହଠାତ୍ କୌଣସି ଅସୁବିଧାରେ ପଡ଼ିଲେ ପାଟିରୁ ସଙ୍ଗେ ସଙ୍ଗେ ବାହାରେ ମା'ଲୋ। ଏହା ହେଉଛି ସବୁଠୁ ବଡ଼ ପ୍ରମାଣ। ବେଳେବେଳେ ମା'କୁ ଦେଖିଲେ ଲାଗେ ଭଗବାନ୍ ସତରେ ଏମିତି କେଉଁ ଶକ୍ତି ଦେଇଛନ୍ତି ମା'କୁ ଯିଏ କି ପେଟ ଦେଖିକି କହିପାରେ କେତେ ଭୋକ ଅଛି ଆଉ ଆଖି ଦେଖିକି ଜାଣିପାରେ ପିଲା ସୁଖରେ ଅଛି ନା ଦୁଃଖରେ। ମା'ର ଆଉଁସା ଓ ମୋଡାଘଷା ପିଲାକୁ ନୂଆଶକ୍ତି ପ୍ରଦାନ କରେ। ଯେତେବେଳେ ସାରା ଦୁନିଆଁ ତମ ଭୁଲ୍‌କୁ ଦେଖେଇବାକୁ ଚାହୁଁଥାଏ ଏକମାତ୍ର ମାଆ ଯିଏ ନିଜ ପଣତ କାନିରେ ପିଲାର ଭୁଲ୍‌କୁ ଲୁଚେଇ ଦିଏ। ଛୋଟ ବେଳେ ଭୁଲ୍ କଲେ ବାଡେଇବା, ପରେ ପୁଣି ବୁଝେଇକି ଖୁଆଇ ଦେବା କେବଳ ମା' ହିଁ କରିଥାଏ। ମା'ର ଡାକରେ ଅଛି ଯେଉଁ ମଧୁରତା ତାହା ଆଉ କେଉଠି ନଥାଏ। ପିଲାର ସୁରକ୍ଷା ପାଇଁ ମା' ଏମିତି କେଉଁ ଦେବୀ ଦେବତା ନଥାନ୍ତି ଯାହାଙ୍କୁ ସେ ନଡାକେ। ପିଲା କିଛି ଅସୁବିଧାରେ ପଡିଲେ ସେତେବେଳେ ମାଆ ହିଁ ସବୁଠୁ ଅଧିକ କଷ୍ଟ ପାଇଥାଏ କିନ୍ତୁ ସେଇ ଭିତରେ ବି ଆଶ୍ୱାସନା ଦିଏ ତୋ'ର କିଛି ହେଇନି। ଯୋଉ ମା' ଆମ ପାଇଁ ଏତେ କିଛି କରୁଛି ସେ ମା'ର ମହତ୍ତ୍ୱ ଏହି ଦୁନିଆଁରେ ସବୁ ପିଲା ବୁଝିବା ଆବଶ୍ୟକ। ଭଗବାନ୍‌ଙ୍କ ସବୁଠୁ ବଡ଼ ଉପହାର ଯାହା ପିଲାକୁ ମା'(ବୋଉ) ହିସାବରେ ମିଳିଛି।

ଗୋଟେ ଦିନର କାହାଣୀ ସନ୍ଧ୍ୟା ସମୟରେ ଗୋଟେ ଚପଲ ଦୋକାନକୁ ଜଣେ ଆସିଲା କହିଲା ମତେ ଚପଲ ଦେଖାଅ। ସେଇ ଚପଲ ଦୋକାନରେ କାମ କରୁଥିବା ପିଲା ପଚାରିଲେ କେତେ ମାପର ଚପଲ ତମକୁ ଦରକାର। ସଙ୍ଗେ ସଙ୍ଗେ ସେ ଗୋଟେ କାଗଜ ବାହାର କରିଲା କହିଲା ଏହି ମାପର ଚପଲ ଦିଅ। ସେଇ ସମୟରେ ଦୋକାନ ମାଲିକଙ୍କ ନଜର ମଧ୍ୟ ସେଇ ପିଲା ଉପରେ ପଡ଼ିଲା। ସେ ଦେଇଥିବା କାଗଜରେ ଗୋଟେ ଗୋଡ଼ ମାପ ହେଉଥିବା ଚିତ୍ରଟେ ଅଙ୍କା ଯାଉଥିଲା। ଦୋକାନର ମାଲିକ କହିଲା ଏମିତି ଚିତ୍ର ଦ୍ୱାରା ଚପଲ ମାପ ଜାଣିବା କଷ୍ଟ ତମେ ଫୋନ କରିକି ବୁଝିଦିଅ କୋଉ ମାପ ଚପଲ ପିନ୍ଧୁଛନ୍ତି ଯାହାଫଳରେ କି ଆମେ ଚପଲ ସହଜରେ ଦେଇପାରିବୁ। କିନ୍ତୁ ବ୍ୟକ୍ତି ଜଣକ ଉତ୍ତର ଦେଲା ଏହି ଚପଲ ହେଉଛି ମୋ ମା' ପାଇଁ। ମୋ ମା' ଆଜିଯାଏ କେବେ ଚପଲ ପିନ୍ଧିବାର ମୁଁ ଦେଖିନି। ଛୋଟ ବେଳେ ଯେତେବେଳେ ତାକୁ ଚପଲ ପିନ୍ଧିବାକୁ ମୁଁ କୁହେ ଯେହେତୁ ଆମ ଘର ସ୍ଥିତି ଭଲ ନଥିଲା ସବୁବେଳେ ସେ କୁହେ ତୁ ବଡ଼ ହେଲେ ଚାକିରି କଲେ ମୋ ପାଇଁ ନେଇ ଆସିବୁ। ଆଜି ଯେହେତୁ ମୁଁ ମୋ ଜୀବନର ପ୍ରଥମ ଦରମା ପାଇଛି ତେଣୁ ଆସିଛି ତା'ପାଇଁ ଚପଲ ନେବା ପାଇଁ। ଦୋକାନ ମାଲିକ ସଙ୍ଗେ ସଙ୍ଗେ ତାକୁ ଚପଲ ଦେଖେଇଲା ଆଉ ଚପଲ ପସନ୍ଦ ଆସିଲା ପରେ ସେ ପଇସା ଦେବା ସମୟ ଆସିଲା ଦୋକାନୀ ସେଇ ବ୍ୟକ୍ତିକୁ ପଚାରିଲା ଏହି ଚପଲ ଅଧିକ ଦମ୍ ହେଇଯାଉନି ତ? ସେ ଉତ୍ତରରେ କହିଲା ଯେହେତୁ ଆଜିଯାଏ ସେ ଆମକୁ ଭଲ ଜୋତା ପିନ୍ଧେଇବାକୁ ଯାଇକି ନିଜେ ଚପଲ ପିନ୍ଧିନି ତା' ଆଗରେ ଏହି ଚପଲର ମୂଲ୍ୟ କିଛି ବି ନୁହେଁ। ପଇସା ଦେବା ସରିଲା ପରେ ଦୋକାନର ମାଲିକ ସଙ୍ଗେ ସଙ୍ଗେ ଆଉ ଗୋଟେ ଚପଲ ଦେଲା ଆଉ କହିଲା ସେଇ ମା'ଙ୍କୁ କହିଦେବ ତାଙ୍କ ଆଉ ଗୋଟେ ପୁଅ ଏହି ଚପଲଟା ଦେଇଛି। ଯଦିଓ ପୁଅ ନେବା ପାଇଁ ପ୍ରଥମେ ଚାହୁଁ ନଥିଲା କିନ୍ତୁ ତା'ର ଭଲ ପାଇବା ପାଇଁ ସେ ଚପଲ ନେବା ପାଇଁ ବାଧ କରିଲା। ଗଲାବେଳେ ସେଇ ଦୋକାନୀ ସେଇ ବ୍ୟକ୍ତିକୁ ଅନୁରୋଧ କଲେ ମତେ ଏହି କାଗଜ ଦେଇପାରିବ ବ୍ୟକ୍ତି ଜଣକ ସେଇ କାଗଜକୁ ଦୋକାନର ମାଲିକଙ୍କୁ ଦେଇଦେଲେ। ମାଲିକ ସେଇ କାଗଜକୁ ନେଇ ଦୋକାନରେ ବସୁଥିବା ଠାକୁରଙ୍କ ପାଖରେ ରଖିଲା।

ଦୋକାନରେ କାମ କରୁଥିବା ପିଲା ପଚାରିଲେ ଆପଣ ପୂଜା କରୁଥିବା ଜାଗାରେ ଏହାକୁ ରଖିଲେ କ'ଣ ପାଇଁ? ଉତ୍ତରରେ ମାଲିକ କହିଲେ- ଏମିତି ଭଗବାନ୍‌ଙ୍କ ପାଦଚିହ୍ନ ମତେ କୋଉଠି ମିଳିଥାନ୍ତା, ଯିଏ କି ନିଜେ କଷ୍ଟ ସହିକି ପୁଅକୁ ମଣିଷ କରିଛନ୍ତି। ସେ ହେଉଛନ୍ତି ମା' ଅବତାରରେ ଭଗବାନ ବୋଉ ସହିତ ସଂପର୍କ ପିଲାର ବହୁତ୍ ନିବିଡ଼। ସେଇଥି ପାଇଁ ସବୁ ପିଲା ତାଙ୍କ ଭୁଲ୍‌କୁ ବୋଉ ଆଗରେ କହି ଦିଅନ୍ତି। ପିଲା ଯେତେ ବଡ଼ ହେଉ ପଛେ ମାଆ ଆଗରେ ସବୁବେଳେ ପିଲା ହେଇକି ରହେ। ପିଲାଟି ଯେତେ ବେଳେ ଚାକିରୀ କରି ଯୋଗ୍ୟ ହୋଇଯାଏ ସବୁ ଜିନିଷ ସିନା କିଣି ପାରେ କିନ୍ତୁ ମାଆର ଭଲପାଇବା କେବେ କାହା ସହିତ ତୁଳନା ହେଇପାରେନି। ଖାଲି ଶେଷରେ ଗୋଟେ କଥା କହିବି କେଉଁ ପିଲା ଏତେ ବଡ ନ ହେଇଯାନ୍ତୁ ଯିଏ ମାଆର ଭଲ ପାଇବା ଠୁଁ ବଡ଼ ହୋଇପାରିବ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ଖଇରପୁଟ(ଭାସ୍କର ନ୍ୟୁଜ): ଜାମ୍ମୁ-କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ହିନ୍ଦୁମାନଙ୍କୁ ଚିହ୍ନଟ କରି ନିର୍ମମ ଭାବରେ ହତ୍ୟାକୁ ନିନ୍ଦା କରିବା ସହିତ ଗତକାଲି ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲା ମାଥିଲି କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବାଲାରାଜୁ କୋପେଙ୍କ ନେତୃତ୍ୱରେ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ପୁରୁଣା ସହିଦ ଭବନଠାରୁ ବାହାରି ବଜାର ପରିକ୍ରମା କରି ମାଥିଲି ଥାନା ପରିସର ଥିବା ସହିଦ ସ୍ତମ୍ଭ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କିଛି ସମୟ ଧରି ପାକିସ୍ତାନ ବିରୁଦ୍ଧରେ ନରାବାଜି ସହ ଆତଙ୍କବାଦୀମାନଙ୍କୁ ସମୂଳେ ମୂଳ ପୋଛ କରିବା ସହିତ ଆତଙ୍କବାଦୀମାନଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ କଡ଼ା ଜବାବ ଦିଆଯିବ ବୋଲି ନରାବାଜି ଦେଉଥିବା ଦେଖିବାକୁ ମିଳିଥିଲା। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ କଂଗ୍ରେସ ବ୍ଲକ ସଭାପତି ମଙ୍ଗଳା ଗୌଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୁତି ରଞ୍ଜନ ଓ ଏମ୍‌ଡି, ଆକବର, ପୂର୍ଣ୍ଣ ମହାରଣା, ଉମାଶଙ୍କର ସାହୁ, ଡ୍ରାଇଭର ମହାସଙ୍ଘର ବ୍ଲକ ସଭାପତି ଶିବ ପ୍ରସାଦ ରାଓ ଓ କର୍ମକର୍ତ୍ତା ଓ ଟ୍ରାକ୍ଟର ସଂଘର ସଭାପତି ଏ ରାଜୁ (ମୁଣ୍ଡେ)ଙ୍କ ସମେତ ମହିଳା, ପୁରୁଷ ଓ ବହୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।



ସୂଚନା ଅଧିକାର ଆଇନକୁ ଜଳ ସଂପଦ ବିଭାଗର ଫୁ

## ଦୁର୍ନୀତିକୁ ଘଣ୍ଟ ଘୋଡାଇବାକୁ ତଥ୍ୟ ଦେଉନାହାଁନ୍ତି ଅଧିକ୍ଷଣ ଯନ୍ତ୍ରୀ

ଗୋପ(ଭାସ୍କର ନ୍ୟୁଜ): ନିମାପଡା ଜଳସଂପଦ ବିଭାଗ ଉପଖଣ୍ଡ ଅଧୀନ ଗୋପ ଜଳ ସଂପଦ ବିଭାଗ ଦୁର୍ନୀତିର ଗଭାଘର ପାଲଟିଛି। କେନାଲ ବନ୍ଧ ମରାମତି, ସଦୃଢୀକରଣ ଓ ଘାସ ଚଂଛା ଠାରୁ ଆରମ୍ଭ କରି କୁଶଭଦ୍ରା ନଦୀ ବନ୍ଧ ମରାମତି, ସଦୃଢୀକରଣ ଏବଂ ମେଣ୍ଟାଲ ମୋରମ ରାସ୍ତା ତଥା ଲୁଣା ନଦୀ ବନ୍ଧ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ସାଙ୍ଗକୁ ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାର୍ଯ୍ୟ କରି କିଛି ବର୍ଷ ହେଲା କୋଟିକୋଟି ଟଙ୍କା ଦୁର୍ନୀତି କରୁଥିବା ଗୋପ ଜଳ ସଂପଦ ବିଭାଗ କାର୍ଯ୍ୟାଳୟ ନାମରେ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହେବା ସହ ଏସଂପର୍କିତ ତଥ୍ୟ ପଚାରିଲେ କୌଣସି ସଠିକ ଉତ୍ତର ମିଳିନଥିବା ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ମଧ୍ୟ ତଥ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଜଳ ସଂପଦ ବିଭାଗରେ ଗତ ପ୍ରାୟ ୩ ବର୍ଷ ହେବ କୋଟି କୋଟି ଟଙ୍କାର ଦୁର୍ନିତି ହେଉଥିବା ନେଇ ପୂର୍ବ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେବା ସହ ନୂତନ ସରକାରଙ୍କ ନିକଟରେ ମଧ୍ୟ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏପରିକି ଉପ-ମୁଖ୍ୟମନ୍ତ୍ରୀ ପ୍ରଭତି ପରିଡାଙ୍କ ନିକଟରେ ଏହି ଦୁର୍ନୀତିକୁ ନେଇ ୧୧ ନଂ ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟ ବାରମ୍ବାର ଅଭିଯୋଗ କରୁଥିବା କହିଛନ୍ତି। ଖାଲି ସରକାରଙ୍କ ନିକଟରେ ନୁହେଁ ଏନେଇ ଜଳ ସଂପଦ ବିଭାଗର ସଚିବ, ମୁଖ୍ୟଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଏହି ଦୁର୍ନୀତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଲେ ଏହି ଦୁର୍ନୀତିକୁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳାଇ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି। ଏହି ଦୁର୍ନୀତିରେ ସହକାରୀ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ଜଡିତ ଥିବାରୁ ଅଧିକାରୀମାନଙ୍କ ଅସଲ ମୁଖା ଖୋଲିଯିବା ଭୟରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ତଥ୍ୟ ଦେବାକୁ ଅଧିକାରୀମାନେ ପଛଘୁଂଚା ଦେଉଥିବା ଚର୍ଚ୍ଚା ହେଉଛି। ଏପରିକି ଗୋଟିଏ କାର୍ଯ୍ୟକୁ ଏପଟ ସେପଟ କରି ବାରମ୍ବାର ଟେଣ୍ଡର କରି କୋଟି କୋଟି ବ୍ୟୟ କରୁଥିଲେ ମଧ୍ୟ ବର୍ଷ ବର୍ଷ ଧରି ଏହି କାର୍ଯ୍ୟ ଶେଷ ହୋଇପାରୁନଥିବା ଦେଖିବାକୁ ମିଳିଛି। ଯାହାର ନମୁନା ଖୋଲପୁର-ମାଟିଆଖାଡ ନଦୀବନ୍ଧ ମରାମତି, ସଦୃଢୀକରଣ ଓ ମେଣ୍ଟାଲ ମୋରମ ରାସ୍ତା କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି କାର୍ଯ୍ୟର ଅସଲ ମୁଖା ଖୋଲିଯିବା ଏବଂ କୋଟିକୋଟି ଟଙ୍କା ଚକ୍କୁ କରୁଥିବା ଅଧିକାରୀମାନଙ୍କ କଳାକାରନାମା ଧରାପଡିଯିବା ଭୟରେ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ସର୍ବସାଧାରଣରେ ସୂଚନା ଫଳକ ଲଗାଇ ନାହାନ୍ତି। ଅନ୍ୟପକ୍ଷରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ କାର୍ଯ୍ୟର ମାତ୍ର କିଛି ଦିନ ପରେ ଉକ୍ତ ସ୍ଥାନ ଯଥା ପୂର୍ବଂ ତଥା ପରଂ ଅବସ୍ଥାକୁ ଫେରିଯାଇଛି। ଯାହାକି ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ମଧ୍ୟ ମାସ ମାସ ଧରି ତଥ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଗତ କିଛି ଦିନ ତଳେ ଜଣେ ଜୈନିକ ବ୍ୟକ୍ତି ଗୋପ ଜଳସଂପଦ ବିଭାଗର ବିଭିନ୍ନ କାର୍ଯ୍ୟ ସଂପର୍କିତ ତଥ୍ୟ ବିଭଗୀୟ ନିର୍ବହୀଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ମାଗିଥିଲେ। ମାତ୍ର ତଥ୍ୟ ନମିଳିବାରୁ ସେ ପୂର୍ଣ୍ଣବାର ତା ୨୬.୧୧.୨୦୨୪ ରିଖରେ ନିମାପଡା ଡିଭିଜନ ବିଭାଗୀୟ ଅଧିକ୍ଷଣଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳାଇଙ୍କୁ ତତ୍ସଂପର୍କିତ ତଥ୍ୟ ସୂଚନା ଅଧିକାର ଆଇନ(୨୦୦୫) ବଳରେ ମାଗିଥିଲେ। ମାତ୍ର ଅଧିକ୍ଷଣ ଯନ୍ତ୍ରୀ ଇଂ ଦଳାଇ ସଠିକ୍ ସମୟରେ ତଥ୍ୟ ନଦେବାରୁ ଗତ ତା ୦୯.୦୧.୨୦୨୫ ରିଖରେ ସଂପୃକ୍ତ ଜୈନିକ ବ୍ୟକ୍ତି ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଥମ ଅପିଲ କରିଥିଲେ। ଏସଂପର୍କ ଅଧିକ୍ଷଣଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ସେ ତଥ୍ୟ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରିବା ସହିତ ନିର୍ବାହୀଯନ୍ତ୍ରୀ ଇଂ ସଂଗ୍ରାମ ମହାନ୍ତିଙ୍କୁ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇଂ ମହାନ୍ତି ତଥ୍ୟ ଦେଉନଥିବା ଅଭିଯୋଗ ହୋଇଛି। ହେଲେ କଣ ପାଇଁ ଅଧିକ୍ଷଣଯନ୍ତ୍ରୀ ତଥ୍ୟ ଦେବାକୁ ନାରାଜ ହେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦୁର୍ନୀତି ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ କୋଟିକୋଟି ଟଙ୍କାର ଦୁର୍ନିତି ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଏଥିପ୍ରତି ବିଭାଗୀୟ ସଚିବ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଦୃଷ୍ଟି ଦେବା ସହ ତଦନ୍ତ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଆଳିରେ ମାତିଛନ୍ତି ବାଲି ଓ ମାଟିମାଫିଆ

## ସବୁ ଜାଣି ଅଜଣା ଖଣି ବିଭାଗ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଖଣି ବିଭାଗ ଅଧୀନରେ ଥିବା ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ। ବିଭାଗୀୟ ଅଧିକାରୀଙ୍କ ସହଯୋଗ ରହୁଥିବାରୁ ଏହି ବେଆଇନ କାର୍ଯ୍ୟ ଅଣାୟତ୍ତ ହୋଇପଡ଼ିଛି। ପ୍ରତ୍ୟହ ଦିନ ନଦୀପଠା ଓ ସରକାରୀ ଜମିରୁ ନିୟମିତ ବାଲି ଓ ମାଟି ଚୋରି ହେଉଥିବା ଅଭିଯୋଗ ହେଉଥିବାବେଳେ ଖଣି ବିଭାଗ ଟେର ପାଉନାହିଁ। କେତେକ ସ୍ଥାନରେ ଖବର ପାଇ ରାଜସ୍ୱ ବିଭାଗ ଚଢ଼ାଉ କରୁଥିବା ବେଳେ ସବୁ ଜାଣି ଅଜଣା ଖଣି ବିଭାଗ। ରାତି ହେଲେ ମାଫିଆ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ସରକାରୀ ଜମି ଓ ନଦୀ ପଠାକୁ ତାଡ଼ି ବାଲି ଓ ଧସା ମାଟି ନେଇଯାଉଛନ୍ତି। ତାହାକୁ ଟ୍ରିପ୍ ପିଛା ହଜାର ହଜାର ଟଙ୍କାରେ ବିକ୍ରୀ କରୁଥିବା ଜଣାପଡ଼ିଛି। ତେବେ ଏହି ବାଲି ଓ ମାଟି ଦିନରାତି ଜେସିବି ଦ୍ୱାରା ଟ୍ରାକ୍ଟର ଓ ବଡ଼ ବଡ଼ ଟ୍ରକ ସହଯୋଗରେ ବୁହା ହେଉଛି। ବାରମ୍ବାର ଏ ପ୍ରଶ୍ନ ଉଠେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଲୁଟ ହେଉଥିବା ବେଳେ ଖଣି ବିଭାଗ କରୁଛି କଣ। ବିଶେଷ କରି ଆଳି ବ୍ଲକ ଅଧୀନରେ ଥିବା ଜୁଆଣିଆ, ପେତପଡା, ମେଣ୍ଡପୁର, ନରେନ୍ଦ୍ରପୁର, ବାଳକାଟି ଆଦି ପ୍ରାୟ ସମସ୍ତ ନଦୀପାଖ ପଠା ଏବଂ ସରକାରୀ ଜମିରେ ବାଲି ଓ ମାଟିମାଫିଆ ସକ୍ରିୟ ଥିବା ବେଳେ ପ୍ରଶାସନ ଚୁପ ବସିଛି, ଏନେଇ ସାଧାରଣ ଲୋକେ ଆଳିର ଅନେକ ଅଞ୍ଚଳରୁ ଆଳି ପ୍ରଶାସନ ୦ ଆରମ୍ଭରେ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଦାବୀ ହୋଇ ଆସିଥିଲେ ବି କୌଣସି ସୁଫଳ ମିଳିନଥିବା ନେଇ ଲୋକେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଖୋଳା ଯାଉଥିବା ସ୍ଥାନଗୁଡ଼ିକରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବାରୁ ବିଭିନ୍ନ ସମୟରେ ସେଥିରେ ଗାଈଗୋରୁ ପଡ଼ି ହଇରାଣ ହେଉଛନ୍ତି। ସୂଚନା ସୂତ୍ରରୁ ପ୍ରକାଶ ଯେ ପୂର୍ବରୁ ମଧ୍ୟ ଆଳି ପୋଲିସ ଓ ରାଜସ୍ୱ ବିଭାଗ ଦ୍ୱାରା ମିଳିତ ଚଢ଼ାଉ କରି ବହୁ ଗାଡି ଜବତ ହୋଇ ଆଳି ଥାନାରେ ପଡ଼ି ରହିଛି। ବାରମ୍ବାର ଏ ନେଇ ଖବର ପ୍ରସାରଣ ପରେ ଖଣି ବିଭାଗରେ କନିଷ୍ଠ ଖଣି ବିଭାଗ ଅଧିକାରୀ ଧର୍ମକୁ ଆଖିଆଡ କରି ଆଳିର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଜଣା ପଡିଛି। ଏନେଇ ଆଜି ଆଳି ଥାନା ପରିସରରେ କନିଷ୍ଠ ଖଣି ବିଭାଗ ଅଧିକାରୀ ଦୀନେଶ ମହାପାତ୍ରଙ୍କୁ ପଚାରିବାରୁ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ନେଇ ପ୍ରତିକ୍ରିୟା ଦେବା ପାଇଁ ସେ ମନା କରି ଦେଇଥିଲେ।

## ପାଣିରେ ବୁଡି ୨ ଶିଶୁଙ୍କ ଅକାଳ ବିୟୋଗ, ବିଭିନ୍ନ ମହଲରେ ଶୋକ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡି ୨ଜଣ କୋମଳମତୀ ଶିଶୁ ମୃତ୍ୟୁବରଣ କରିବା ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମାହାଙ୍ଗା ବ୍ଲକ ଉମର ଗ୍ରାମପଂଚାୟତ ଓସ୍ତପୁର ଗ୍ରାମର ବଳରାମ ସାହୁଙ୍କ ପତ୍ନୀ ମଧୁସ୍ମିତା ସାହୁ ତାଙ୍କର ୪ବର୍ଷର ଶିଶୁ କନ୍ୟାକୁ ଧରି ନିକଟରେ ନିଜର ଭିଣୋଇ ଘର ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମକୁ ଆସିଥିଲେ। ପୂର୍ବାହ୍ନରେ ରାମକୃଷ୍ଣପୁର ଗ୍ରାମର ଦିଲିପ କୁମାର ସାହୁଙ୍କ ପରିବାର ବର୍ଗ ଅସହ୍ୟ ଗୁଳୁଗୁଳି ହେତୁ ଘରେ ବିଶ୍ରାମ ନେଉଥିଲେ। ଏହି ସମୟରେ ଦିଲିପ କୁମାର ସାହୁଙ୍କ ୨ବର୍ଷର ପୁତ୍ର କାମେଶ୍ୱର ସାହୁ ଓ ତାଙ୍କ ବନ୍ଧୁଙ୍କ ଝିଅ (ସନ୍ତୁ) ଭାଗ୍ୟଲକ୍ଷ୍ମୀ ସାହୁ(୪ବର୍ଷ) ଘର ନିକଟରେ ଖେଳୁଥିଲେ। ଅସାବଧାନତା ହେତୁ ଏହି ୨ନିଷ୍ପାପ ଶିଶୁ ତାଙ୍କ ଘର ପାଖରେ ଥିବା ଏକ ପୋଖରୀ କୂଳକୁ ଚାଲିଯାଇଥିଲେ। ତେବେ ପୋଖରୀରେ ଏହି ଶିଶୁଦ୍ୱୟ ବୁଡି ମୃତ୍ୟୁବରଣ କରିଥିବା କେହି ଜାଣିପାରିନଥିଲେ। ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ପୋଖରୀକୁ ଶୌଚହେବା ପାଇଁ ଯାଇଥିଲା ବେଳେ ପୋଖରୀରେ ଶିଶୁ କନ୍ୟାଟି ଭାସୁଥିବା ଦେଖିବାକୁ ପାଇ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଘରଲୋକେ ଘଟଣାସ୍ଥଳରେ ଭାସୁଥିବା ଶିଶୁକନ୍ୟାଟିକୁ ଉଦ୍ଧାର କରିବା ସହ ପୋଖରୀରେ ଖୋଜାଖୋଜି କରି ବହୁ ସମୟ ପରେ ଶିଶୁ ପୁତ୍ରଟିକୁ ପାଇଥିଲେ। ତେବେ ପରିବାର ଲୋକେ ଏହି ଶିଶୁ ପୁତ୍ରକୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସେଠାରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଏହି ଶିଶୁଙ୍କ ମୃତଦେହକୁ ଜବତ କରିଛନ୍ତି। ତେବେ ଆସନ୍ତାକାଲି ୨ଶିଶୁଙ୍କ ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଜଣାଯାଇଛି। ତେବେ ଏହି ଘଟଣାକୁ ନେଇ ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ବିପୁଳ ପରିମାଣର ମହୁଲ ପୋଚ ସହ ମଦ ନଷ୍ଟ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବା ବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର କରଞ୍ଜିଆ ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ, ଅବକାରୀ ଇନ୍ସପେକ୍ଟର ସଂଜୟ କୁମାର କାଣ୍ଡୀ, କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଠାକୁରମୁଣ୍ଡା ଅବକାରୀ ଓଆଇସି ଭାରତୀ ନାୟକଙ୍କ ନେତୃତ୍ୱରେ ଅବକାରୀ ଦଳ ଓ କରଞ୍ଜିଆ ଥାନା ସବ୍ ଇନ୍ସପେକ୍ଟର ବଳରାମ ମହାରଣାଙ୍କ ନେତୃତ୍ୱରେ ପୋଲିସର ଏକ ଦଳ ମିଳିତ ଭାବେ ଆଜି ଦିନ ତମାମ ଜରାସାହି ଏବଂ ଖଣ୍ଡିଆଧର ଗ୍ରାମ ନିକଟ ତଥା ଗ୍ରାମ ସଂଲଗ୍ନ ନଦୀ କୂଳମାନଙ୍କରେ ଚଢାଉ କରି ୬୦୦୦ ଲିଟର ମହୁଲ ପୋଚ ଓ ୨୩୦ ଲିଟର ମହୁଲିମଦ ଜବତ୍ ପରେ ନଷ୍ଟ କରିଥିବା ଏବଂ ଏନେଇ କୌଣସି ଗିରଫଦାରୀ ହୋଇନଥିବା କରଞ୍ଜିଆ ଅବକାରୀ ଓଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ପ୍ରଚଣ୍ଡ ତାତିରେ ସୁରକ୍ଷା ବିନାକାର୍ଯ୍ୟ କରୁଛନ୍ତି ଶ୍ରମିକ



କଣାସ(ଭାସ୍କର ନ୍ୟୁଜ): ରାଜ୍ୟରେ ଗ୍ରୀଷ୍ମ ପ୍ରଭାବହ ଦିନକୁ ଦିନ ବଢି ଚାଲିଥିବାରୁ ରାଜ୍ୟ ସରକାର ଦିନ ୯ଟା ପରେ ଦିନ ମଜୁରିଆମାନେ କାମ ନକରିବା ପାଇଁ ଗଣ ମାଧ୍ୟମରେ ଢେଙ୍ଗୁରା ପିଟୁଥିବାବେଳେ ଆଜି ପୁରୀ ଜିଲ୍ଲା କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ପାଣ୍ଡିଆକେରା ଗ୍ରାମରେ ନିର୍ମାଣ କରାଯାଇଥିବା ୫୦ ଫୁଟରୁ ଉର୍ଦ୍ଧ୍ୱ ଓଭର ହେଡ ପାଣି ଟାଙ୍କି ଉପରେ ବିନା ସୁରକ୍ଷାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏ ସଂପର୍କରେ କଣାସ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଶ୍ରମିକମାନେ କାମ କରୁଥିବା ଖବର ପାଇ ମୁଁ ଦିନ ଗୋଟାଏ ବେଳେ ଘଟଣା ସ୍ଥଳରେ ପହଁଚି ଦେଖିଲି ଯେ ସେମାନେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ମନାକରିବାରୁ ସେମାନେ ତଳକୁ ଓହ୍ଲାଇ ଆସିଲେ। କେଉଁ ସରକାରୀ ଅଧିକାରୀ ନିର୍ଦ୍ଦେଶରେ ଶ୍ରମିକମାନେ ବିନା ସୁରକ୍ଷାରେ ଡହ ଡହ ତାତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ତାହା ଆଲୋଚନାର ବିଷୟବସ୍ତୁ ହୋଇଛି।

## ଇଙ୍ଗାକୁ 'ନୋ ୱାର୍କ ନୋ ପେ' ଅଡୁଆ: ଶ୍ରମିକମାନେ ଥାନାର ଦ୍ୱାରସ୍ଥ



କାଳିଆପାଣି, (ଭାସ୍କର ନ୍ୟୁଜ ) କାଳିଆପାଣିରେ କ୍ରୋମ ଉତ୍ତୋଳନ କରୁଥିବା ଇଙ୍ଗା କମ୍ପାନିରେ କ୍ରୋମ ଲୋଡିଙ୍ଗ ଶ୍ରନିକଙ୍କୁ ମାସିକ ୨୬ଦିନ କାମ ଯୋଗାଇଦେବାକୁ ଓଡିଶା ମାଇନିଙ୍ଗ ୱାର୍କର୍ଷ ୟୁନିଅନ ପକ୍ଷରୁ ଇଙ୍ଗା ମାଇନ୍ସ ମୁଖ୍ୟ ଫାଟକ ଆଗରେ ଚାଲିଥିବା ଗଣଧାରଣା ୧୦ଦିନରେ ପହଞ୍ଚି ଥିବାବେଳେ କମ୍ପାନିରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଶ୍ରମିକ ମାନେ ଖଣିମଧ୍ୟକୁ ପ୍ରବେଶ କରିପାରୁନଥିବାରୁ ପ୍ରତିଦିନ ଗେଟ ସମ୍ମୁଖରୁ ଫେରିଆସୁଛନ୍ତି। ଗଣଧାରଣାରେ ବସିଥିବା ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ନକରି କମ୍ପାନି ପକ୍ଷରୁ ନୋ ୱାର୍କ ନୋ ପେ ନୋଟିସ ଜାରି କରାଯାଇଥିବାରୁ ୨୫୦ ଲୋଡ଼ିଂ ଶ୍ରମିକଙ୍କ ପାଇଁ ପ୍ରାୟ ଏକହଜାରରୁ ଉର୍ଦ୍ଧ ଶ୍ରମିକଙ୍କ ହାଜିର ବନ୍ଦ କରିବା ଫଳରେ ଭିଭିନ୍ନ ଠିକା ସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନେ ଇଙ୍ଗା କମ୍ପାନିର ଶ୍ରମିକ ମାରଣ ନିତି ନୋ ୱାର୍କ ନୋ ପେ ବିରୁଦ୍ଧରେ ଆନ୍ଦୋଳନ ପାଇଁ ଶନିବାର ଦିନ ଶହ ଶହ ସଂଖ୍ୟାରେ ଏକତ୍ରିତ ହୋଇ କାଳିଆପାଣି ଥାନା, ମାହେଶ୍ୱରୀ ଓ ନାରାୟଣୀ, ଠିକା ସଂସ୍ଥାକୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। କମ୍ପାନି ପକ୍ଷରୁ ଦିଆଯାଇଥିବା ନୋଟିସକୁ କମ୍ପାନି ତୁରନ୍ତ ପ୍ରତ୍ୟାହାର କରି ସମସ୍ତ ଶ୍ରମିକଙ୍କ ହାଜିର ପ୍ରଦାନ କରାନଗଲେ ଅଗାମୀ ଦିନରେ ସମସ୍ତ ଶ୍ରମିକ ମାନେ ଖଣିକାର୍ଯ୍ୟରେ ଅସହଯୋଗ କରିବା ସହ କମ୍ପାନି ମୁଖ୍ୟ ଫାଟକ ଆଗରେ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଚେତାବନି ଦେଇଛନ୍ତି। ଶଶିଭୂଷଣ ମହାନ୍ତଙ୍କ ନେତୃତ୍ୱରେ, ଭାଗିରଥି ମଲ୍ଲିକ, ସଦାଶିବ ଦାସ, ରଞ୍ଜନ କୁମାର ଭୂୟାଁ, କ୍ଷୀରୋଦ ମହାନ୍ତ, ଜହରଲାଲ ମହାନ୍ତଙ୍କ ସମେତ ଶତାଧିକ ଶ୍ରମିକ କାଳିଆପାଣି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ।

## ମହିଳାଙ୍କୁ ପାଣିମାଗି ସୁନାଚେନ ଲୁଟିଲେ ଦୁର୍ବୃତ୍ତ, ଥାନାରେ ଏତଲା



ଆଳି(ଭାସ୍କର ନ୍ୟୁଜ): ଆଳି ଥାନା ଅଧୀନରେ କିଛି ଦିନ ହେବ ଲୁଟେରା ମାତିଛନ୍ତି। କେଉଁଠି ରାତିରେ କାହା ଗ୍ରିଲ ତାଡି ଚୋରୀ କଲେଣି ତ କେଉଁଠି ବନ୍ଧୁକ ଦେଖାଇ ରାସ୍ତାରୁ ଚେନ ଓ ଟଙ୍କା ଲୁଟିଲେଣି ତ କାହାର ଘର ଦୁଆର ମୁହଁରୁ ଗାଡି ଲୁଟେଲଣି ଏନେଇ ବାରମ୍ବାର ଥାନାରେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନି ପ୍ରଶାସନ। ଏଭଳି ପୁଣି ଏକ ଅଭିଯୋଗ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବଳଭଦ୍ରପୁର ଶାସନ ଗ୍ରାମରୁ। ଗ୍ରାମର ୬୪ବର୍ଷୀୟ ନିରୁପମା ମିଶ୍ରଙ୍କୁ ପାଣି ମାଗି ବେକରୁ ସୁନା ଚେନ ଝାମ୍ପି ନେଲେ ଦୁର୍ବୃତ୍ତ। ଘଟଣା ଅନୁସାରେ ଆଜି ମଧ୍ୟାହ୍ନ ସମୟରେ ଦୁଇ ଜଣ ଯୁବକ ଏକ ବାଇକ ଯୋଗେ କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାର ମାତ୍ର ୨ ଶହ ମିଟର ଦୂରରେ ଥିବା ନିରୁପମା ମିଶ୍ରଙ୍କ ଘର ଆଗରେ ରହି ନିରୁପମାଙ୍କୁ ଗେଟ ପାଖକୁ ଡାକିଥିଲେ। ମିଶ୍ର ପହଞ୍ଚି ଦେଖନ୍ତି ତ ଜଣେ ରାସ୍ତା ପାଖରେ ହେଲମେଣ୍ଟ ପିନ୍ଧି ଗାଡିରେ ବସିଥିବା ବେଳେ ଆଉ ଜଣେ ତାଙ୍କ ଗେଟ ଆଗରେ ଛିଡା ହୋଇଛି। କଣ ପାଇଁ ଡାକିଛ ବୋଲି ପଚାରିବାରୁ ବାହାରେ ଥିବା ଯୁବକ ଜଣଙ୍କ ପାଣି ମାଗିଥିଲେ। ପାଣି ପିଇ ସାରିବା ପରେ ତାଙ୍କୁ ବିଭିନ୍ନ କଥା କହି ବୃଦ୍ଧା ମହିଳା ଜଣଙ୍କ ଅନ୍ୟମନସ୍କ ହେବାର ସୁଯୋଗ ନେଇ ତାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିବା ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କା ହେବ। ଏନେଇ ମହିଳା ଜଣଙ୍କ ଥାନାରେ ଏତଲା ଦେଲା ପରେ ଆଳି ଥାନା ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ବାରମ୍ବାର ଆଳି ଅଞ୍ଚଳରେ ଲୁଟତରାଜ ବଢ଼ି ବଢ଼ି ଚାଲିଥିବା ବେଳେ ଚୋରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ଗଛ କାଟିବାକୁ ଡାକି ନେଇ ମାରିଦେଲେ, ସ୍ତ୍ରୀଙ୍କ ଅଭିଯୋଗ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ଏକ ବରୁଆ ପଂଚାୟତ କୂଳନାଟି ଗ୍ରାମର ଲିଙ୍ଗରାଜ ଖଟୁଆ (୪୫) ଦିନ ମଜୁରିଆ ଭାବେ କାମ କରନ୍ତି। ଶନିବାର ତାଙ୍କ ପାଇଁ ଥିଲା କାଳର ଦିନ। ସକାଳ ୭ଟାରୁ ସ୍ଥାନୀୟ ଅଞ୍ଚଳର ଗଛ କାଟୁଥିବା ବେପାରୀ ଓ କାଠ କିଣୁଥିବା ବେପାରୀ ସାଙ୍ଗ ହୋଇ ଆସି ଲିଙ୍ଗରାଜଙ୍କୁ ଗଛ କାଟିବା ପାଇ ଆସି ଡାକି ନେଇ ଗଛ କାଟିବାକୁ ଏରେଡା ଅଞ୍ଚଳକୁ ଯାଇଥିଲେ। ଯେଉଁ ଜାଗାରେ ଗଛ କାଟିଥିଲେ ସେହି ଜାଗାରେ ଲିଙ୍ଗରାଜଙ୍କ ପାଟିରୁ ପ୍ରବଳ ରକ୍ତସ୍ରାବ ହେବା ସହ ଏବଂ ଦୁଇଟି ଗୋଡ଼ ଭାଙ୍ଗିଯାଇଥିବା ବେଳେ ଯୌନାଙ୍ଗରୁ ପ୍ରବଳ ରକ୍ତ ଶ୍ରାବ ହୋଇଛି। ଲିଙ୍ଗରାଜ ଜୀବନ ବଂଚେଇବାକୁ ସେଠାରେ ଡାକ ପକାଇଥିବା ବେଳେ, ଗଛ କାଟିବାକୁ ଡ଼ାକିଥିବା ବେପାରୀ ଓ ଅନ୍ୟ କାଠ କାଟୁଥିବା କର୍ମଚାରୀମାନେ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିବା ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି। ତାଙ୍କ ମତ୍ୟୁ ସନ୍ଦେହ ଥିବା ବେଳେ ସ୍ଥାନୀୟ ଲୋକମାନେ ଲିଙ୍ଗରାଜଙ୍କୁ ଉଦ୍ଧାର କରି ଜଗତସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରେ ଶବ ଥାନାକୁ ନିଆଯାଇ ଶବ ବ୍ୟବଛେଦ କରାଯାଇଛି। ଏହି ଘଟଣାକୁ ନେଇ ନାଟିରେ ପ୍ରବଳ ଜନଅସନ୍ତୋଷ ଲାଗିଥିବା ବେଳେ ଗ୍ରାମର ଦୁଇ ଶହରୁ ଉର୍ଦ୍ଧ ଲୋକ ଜଗତସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଗଛ କାଟିବାକୁ ଡ଼ାକିଥିବା ବେପାରୀଙ୍କ ଉତ୍ତର ତାଙ୍କ ଉପରେ ୫ ଫୁଟ ଗୋଲେଇର ଡାହି ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ପରିବାର ଲୋକେ ସହଜେ ଗ୍ରହଣ କରିପାରୁନାହାନ୍ତି। ଲିଙ୍ଗରାଜ ସ୍ତ୍ରୀଙ୍କ ଅଭିଯୋଗ ସକାଳ ୭ଟାରେ ଗଛ କାଟିବାକୁ ଡ଼ାକିଥିବା ବେଳେ ଦିନ ୧୧ଟାରେ ସ୍ୱାମୀଙ୍କ ଦେହ ଖରାପ ବୋଲି ଖବର ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ବିନା ଲାଇସେନ୍ସ ଓ ବିନା ସୁରକ୍ଷାରେ ଶ୍ରମିକଙ୍କୁ ନେଇ ଶହ ଶହ ବିଶିଷ୍ଟ ଉଚ୍ଚତାକୁ ଚଢାଇ ଗଛ କାଟୁଛନ୍ତି। ଲିଙ୍ଗରାଜ ଖଟୁଆଙ୍କ ଦୁଇଟି ଝିଅ ଥିବା ବେଳେ ସେ ଏକମାତ୍ର ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏଭଳି ହୃଦୟ ବିଦାରକ ଘଟଣା ସାରା ଅଞ୍ଚଳକୁ ସ୍ତମ୍ଭିଭୂତ କରିଦେଇଛି। ଶବ ବ୍ୟବଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପ୍ରସ୍ତୁତ ଟ୍ରଷ୍ଟ ପକ୍ଷରୁ ଜଳସେବା କେନ୍ଦ୍ର ଉଦ୍‌ଘାଟିତ




ପାରାଦ୍ୱୀପ(ଭାସ୍କର ନ୍ୟୁଜ): ପାରାଦୀପ ବଡପଡ଼ିଆ ମାର୍କେଟ ନିକଟସ୍ଥ ପାରାଦ୍ୱୀପ ବନ୍ଦର ମୁଖ୍ୟ ଚିକିତ୍ସାଳୟ,ପୋଲିସ୍ ଷ୍ଟେସନ ଠାରୁ ଆରମ୍ଭକରି ସ୍କୁଲ କଲେଜ ବ୍ୟାଙ୍କକୁ ପ୍ରତିଦିନ ବହୁ ସଂଖ୍ୟାରେ ଜନସାଧାରଣ ଯିବା ଆସିବା କରିଥାନ୍ତି। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଦିନକୁଦିନ ଗରମ ତାତି ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଲୋକ ମାନଙ୍କର ଶୋଷ ମେଣ୍ଟାଇବା ପାଇଁ ପାରାଦ୍ୱୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରସ୍ତୁତ ଟ୍ରଷ୍ଟ ପକ୍ଷରୁ ବନ୍ଦର ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ଜଳ ସେବା କେନ୍ଦ୍ର ଶନିବାର ପୂର୍ବାହ୍ନରେ ଉଦଘାଟିତ ହେଇଯାଇଛି। ପାରାଦ୍ୱୀପ ନୋଟାରି ପବ୍ଲିକ ସଞ୍ଜୟ ମିଶ୍ର ଓ ଆଇନିଜିବୀ ଦେବବ୍ରତ ସାହୁ ଏହି ଜଳ ସେବା କେନ୍ଦ୍ରକୁ ଉଦଘାଟନ କରିଥିଲେ। ପ୍ରସ୍ତୁତ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଭଗବାନ୍ ସ୍ୱାଇଁ, ବିଜୟ ବେହେରା, ପ୍ରସନ୍ନ ପରିଡା ପ୍ରଭାତ କୁମାର ଜେନା ଟ୍ରଷ୍ଟ ସଭାପତି ମିଳନ ସାହାଣୀ, ଶାଗର ବିଶ୍ୱାଳ, ସଞ୍ଜୟ କୁମାର ସ୍ୱାଇଁ, ତାପସ ଲେଙ୍କା, ଜିବନ ସାମନ୍ତରାୟଙ୍କ ସହିତ ଟ୍ରଷ୍ଟର ଅନ୍ୟ ସଦସ୍ୟ ମାନଙ୍କର ଏଭଳି ଜନମଙ୍ଗଳ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ମେ ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ମେ ୧୦ ତାରିଖରେ ସମସ୍ତ ଅଦାଲତ, ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରାଧିନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ, ଯଦି କୌଣସି ବିଚାରାଧିନ ମୋକଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ୫ ପରିବାରର ୧୫ ବଖରା ଜଳିପୋଡି ପାଉଁଶ



ଟାଙ୍ଗି(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ପଞ୍ଚାୟତର ବିନ୍ଧାଣିଆ ଗାଁରେ ଲାଗିଲା ନିଆଁ। ୫ ପରିବାରର ୧୫ ବଖରା ଘର ଜଳିପୋଡି ପାଉଁଶ। ବିନ୍ଧାଣିଆ ଗାଁର ସୁଧାକର ବେହେରା, ବୃନ୍ଦାବନ ବେହେରା, ଗୋପୀନାଥ ବେହେରା, ସ୍ୱର୍ଗତ କାର୍ତ୍ତିକ ବେହେରା ଓ ରବୀନ୍ଦ୍ର ବେହେରାଙ୍କର ଘର ଜଳିପୋଡି ପାଉଁଶ ହୋଇଯାଇଛି। ଟାଙ୍ଗୀ ଦମକଳ ବାହିନୀ ଓ ସ୍ଥାନୀୟ ଯୁବଗୋଷ୍ଠୀ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ସବୁକିଛି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରାଥମିକ ତଦନ୍ତ ହୋଇଛି ଏବଂ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହିତ ପଞ୍ଚାୟତ ପକ୍ଷରୁ ଅଗ୍ନିକାଣ୍ଡ ପିଡୀତଙ୍କୁ ଶୁଖିଲା ଖାଦ୍ୟ ଓ ନଗଦ ଅର୍ଥରାଶି ସହାୟତା ଯୋଗାଇ ଦିଆଯାଇଛି।

## ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସଚେତନତା ଅଭିଯାନ




ଭବାନୀପାଟଣା,(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲାର ନାକରୁଣ୍ଡି ଏବଂ ଗୁଣପୁର ନାମକ ଦୁଇଟି ଗ୍ରାମରେ ସଚେତନତା ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ ୩୮୦ ରୁ ଅଧିକ ବାସିନ୍ଦାଙ୍କୁ ଆକର୍ଷିତ କରି ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଆକର୍ଷଣୀୟ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ସିଜିମାଳି ବକ୍ସାଇଟ୍ ଟିମ୍ ଦ୍ୱାରା ବଣ୍ଟନ କରାଯାଇଥିବା ଔଷଧଯୁକ୍ତ ମଶାରୀ ବ୍ୟବହାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଏହି ପଥପ୍ରାନ୍ତ ନାଟକଗୁଡ଼ିକ ପ୍ରମୁଖ ମ୍ୟାଲେରିଆ ପ୍ରତିରୋଧ ରଣନୀତିଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିଥିଲା। ଏହି ପ୍ରଦର୍ଶନ ପରେ ଉପସ୍ଥିତ ଲୋକଙ୍କୁ ନେଇ ଆଲୋଚନା କରାଯାଇଥିଲା, ଯାହା ଗ୍ରାମବାସୀଙ୍କୁ ପ୍ରଶ୍ନ ପଚାରିବା ଏବଂ ଅଭିଜ୍ଞତା ବାଣ୍ଟିବାରେ ସକ୍ଷମ କରିଥିଲା। ଯାହାଦ୍ୱାରା ମ୍ୟାଲେରିଆ ନିୟନ୍ତ୍ରଣ ବିଷୟରେ ଗୋଷ୍ଠି ବୁଝାମଣା ବୃଦ୍ଧି ପାଇଥିଲା। ଏହି କାର୍ଯ୍ୟକ୍ରମ ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠି କଲ୍ୟାଣ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ବିଶେଷ। କମ୍ପାନୀ ଗତବର୍ଷ ସ୍ୱାସ୍ଥ୍ୟ ଶିବିର, ସ୍ୱର୍ଣ୍ଣ ପ୍ରାଶନ ଟୀକାକରଣ ପଦକ୍ଷେପ ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ୪୫,୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି। କଳାହାଣ୍ଡି ଜିଲ୍ଲା ଏକଦା ଦାରିଦ୍ର୍ୟ ପାଇଁ କୁଖ୍ୟାତି ଅର୍ଜନ କରିଥିଲା। ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ନଗଣ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମି, କମ୍ ସଚେତନତା ଏବଂ ଅଧିକ ରୋଗ ବୋଝ ଯୋଗୁଁ ସଂଘର୍ଷ କରୁଥିଲା। ଦଶନ୍ଧି ଦଶନ୍ଧି ଧରି ମ୍ୟାଲେରିଆ ଏକ ନିରନ୍ତର ବିପଦ ଭାବରେ ଉଭା ହୋଇଥିଲା, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ମୌଳିକ ପରିମଳ ଅଭାବରୁ କଳାହାଣ୍ଡି ଜିଲ୍ଲାର ଦୂର ଦୂରାନ୍ତର ଗ୍ରାମବାସୀମାନେ ବାରମ୍ବାର ଏହି ରୋଗର ଶିକାର ହେଉଥିଲେ। ତେବେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି କାହାଣୀ ନାଟକୀୟ ଭାବେ ବଦଳିଛି-ଏହି ଅଞ୍ଚଳରେ ବେଦାନ୍ତ ଆଲୁମିନିୟମର ନିରନ୍ତର ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସି.ଓ.ଓ) ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ଉତ୍ତମ ସ୍ୱାସ୍ଥ୍ୟସେବା ହେଉଛି ସମୃଦ୍ଧ ଗୋଷ୍ଠି ଏବଂ ସ୍ଥାୟୀ ବିକାଶର ମୂଳଦୁଆ। ଆମର ପ୍ରତିବଦ୍ଧତା ସ୍ୱାସ୍ଥ୍ୟସେବା ପ୍ରଦାନ ଠାରୁ ଉର୍ଦ୍ଧ୍ୱରେ। ଆମେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସୁସ୍ଥତାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛୁ ଯାହା ତୃଣମୂଳ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିଥାଏ। ମ୍ୟାଲେରିଆ ପ୍ରତିରୋଧ ହେଉ, ପୁଷ୍ଟିସାଧନ ସଚେତନତା ହେଉ, କିମ୍ବା ଯୋଗ ଏବଂ କର୍କଟ ଶିକ୍ଷା ଭଳି ସାମଗ୍ରିକ ସ୍ୱାସ୍ଥ୍ୟ ପଦକ୍ଷେପ ହେଉ, ଆମର ଲକ୍ଷ୍ୟ ହେଉଛି ସୁସ୍ଥ ଜୀବନଶୈଳୀକୁ ସକ୍ଷମ ଏବଂ ସୁସ୍ଥ ସମ୍ପ୍ରଦାୟ ଗଠନ କରି ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା।

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

## ମ୍ୟାଜିକ୍ ନମ୍ବର ଛୁଇଁବା ନେଇ ରାଜନୈତିକ ତତ୍ପରତା

ନିଶ୍ଚିନ୍ତକୋଇଲ(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ପଚାଂୟତ ସମିତି ଅଧ୍ୟକ୍ଷାଙ୍କୁ କ୍ଷମତାରୁ କଳେ ବଳେ କୌଶଳେ ହଟାଇବା ନିମନ୍ତେ ରାଜନୈତିକ ଖେଳ ଆରମ୍ଭ ହୋଇଯାଇଛି। ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ପଂଚାୟତ ସମିତିର ବହୁ ସରପଂଚ ଓ ସମିତି ସଭ୍ୟ କଟକ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଟକ ଉପଜିଲ୍ଲାପାଳ ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଦସ୍ତଖତ ଯାଂଚ ନିମନ୍ତେ ବିଡିଓଙ୍କ ନିକଟକୁ ପଠାଇଥିବା ଜଣାଯାଇଛି। ଏପରିସ୍ଥଳେ ମ୍ୟାଜିକ ନମ୍ବର ଛୁଇଁବା ନିମନ୍ତେ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି। ଏହି ବ୍ଲକର ସରପଂଚ ସମିତିସଭ୍ୟସଭ୍ୟାଙ୍କୁ କିଣାବିକା କରିବା ନିମନ୍ତେ ଘୋଡାବେପାର ଜୋରଦାର ଆରମ୍ଭ ହୋଇ ଯାଇଥିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଅନାସ୍ଥା ପ୍ରସ୍ତାବ କାଟ ଖାଇବ ନା ଗୃହିତ ହେବ ତାହା ଭୋଟ ଗ୍ରହଣ ପରେ ହିଁ ଜଣାପଡିବ ବୋଲି ସାଧାରଣରେ କୁହାଯାଉଛି। ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ। ଗତ ବିଧାନ ସଭା ନିର୍ବାଚନରେ କଟକ ସଦର ବିଜେପି ପ୍ରାର୍ଥୀ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କୁ ପରାସ୍ତ କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟ ବିଜେଡିର ତୁଙ୍ଗନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁତ୍ର ତଥା ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ପରାସ୍ତ କରି ସ୍ୱାଧିନ ପ୍ରାର୍ଥୀ ସାରଦା ପ୍ରଧାନ ମାହାଙ୍ଗାର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ। ମାହାଙ୍ଗା ଆସନକୁ ବିଜେଡି ହାତରୁ ସ୍ୱାଧିନ ଓ କଟକ ସଦର ଆସନକୁ ବିଜେଡି ହାତରୁ ବିଜେପି ଛଡାଇ ଆଣିବାକୁ ସକ୍ଷମ ହୋଇଥିଲା। ବିଜେଡିର ଦୁର୍ଗ ଭାବେ ପରିଚିତ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରକୁ ମଧ୍ୟ ବିଜେଡି ହାତରୁ ଛଡାଇ ଆଣିବାରେ ବିଜେପି ସକ୍ଷମ ହୋଇଛି। କଟକ ସଂସଦୀୟ କ୍ଷେତ୍ରକୁ ମଧ୍ୟ ବିଜେଡି ହାତରୁ ଛଡାଇ ଆଣିବାରେ ସକ୍ଷମ ହୋଇଛି। ତେବେ ଏହି ବ୍ଲକରୁ ୨ଜଣ ବିଧାୟକ ଓ ୨ଜଣ ସାଂସଦ ପ୍ରତିନିଧିତ୍ୱ କରୁଛନ୍ତି। ତେବେ ଗତ ଶୁକ୍ରବାର ଦିନ ଏହି ବ୍ଲକର ବହୁ ସରପଂଚ ଓ ସମିତି ସଭ୍ୟ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ କଟକ ଉପଜିଲ୍ଲାପାଳଙ୍କ ନିକଟରେ ଦାୟର କରିଛନ୍ତି। କଟକ ଉପଜିଲ୍ଲାପାଳ ଦସ୍ତଖତର ଯାଂଚ ନିମନ୍ତେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦସ୍ତଖତ ଯାଂଚର ୭ ଦିନ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ଅପରପକ୍ଷରେ ଏହି ଅନାସ୍ଥା ପ୍ରସ୍ତାବ କାଟ ଖାଇବା ନିମନ୍ତେ ୫୮ଜଣ ସଭ୍ୟଙ୍କ ସମର୍ଥନ ଆବଶ୍ୟକ। ଏହି ଭୋଟରେ ୪୧ଜଣ ସରପଂଚ ,୪୧ଜଣ ସମିତି ସଭ୍ୟ ,୨ଜଣ ବିଧାୟକ ସ ୨ଜଣ ସାସଂଦ ଅଂଶଗ୍ରହଣ କରି ଭୋଟଦେବାର ବ୍ୟବସ୍ଥା ରହିଛି। ମ୍ୟାଜିକ ନମ୍ବର ୫୮ଛୁଇଁବାକୁ ବିରୋଧିଙ୍କ ନିମନ୍ତେ କାଠିକରପାଠ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବିଧାୟକ ସାରଦାଙ୍କ ସହ କଟକ ସଦର ବିଧାୟକଙ୍କ ଅହିନକୂଳ ସମ୍ପର୍କ କାହାରିକୁ ଅଛପା ନାହିଁ। ସେପଟେ ପ୍ରତାପଙ୍କ ହାତରେ ବ୍ଲକର ପ୍ରାୟ ୫ଜଣ ଜିଲ୍ଲାପରିଷଦ ସଭ୍ୟ ବହୁ ସରପଂଚ ସମିତି ସଭ୍ୟ ରହିଥିବାର ଜଣାଯାଇଛି। ତେବେ ଯେକୌଣସି ମତେ ଅଧ୍ୟକ୍ଷ ଆସନ ବଜାୟ ରଖିବା ନିମନ୍ତେ ପ୍ରତାପ ଗୋଟି ଚାଳନା ଜାରି ରଖିଛନ୍ତି। ତେବେ ଏହି ଯୋଜନା କେତେଦୂର ସଫଳ ହେଉଛି ତାହା ଭବିଷ୍ୟତହିଁ କହିବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ଉମରକୋଟ, (ଭାସ୍କର ନ୍ୟୁଜ୍): ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଉମରକୋଟ ଠାରେ ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ସମୟରେ ସହରର ସମସ୍ତ ଦୋକାନ ବଜାର ଦୁଇ ଘଣ୍ଟା ପାଇଁ ବନ୍ଦ କରାଯିବା ସହ ସହର ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏବଂ ଶତାଧିକ ଲୋକେ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଦିନକରେ ଗୋପବନ୍ଧୁ ଛକ ଠାରୁ ଏକ ବିଶାଳ ରାଲି ବାହାରି ପୁରୁଣା ବସଷ୍ଟାଣ୍ଡ ଠାରେ ଏକ ପଥ ପ୍ରାନ୍ତ ସଭା କରାଯାଇ ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଭାରତର ନିରୀହ ଲୋକଙ୍କୁ କାଶ୍ମୀରରେ ନିର୍ମମ ଭାବେ ଧର୍ମ ପଚାରି ହତ୍ୟା କରିଛନ୍ତି ସେମାନଙ୍କ ବିରୋଧରେ ଏବଂ ଆତଙ୍କବାଦୀଙ୍କୁ ସହଯୋଗ କରୁଥିବା ପଡୋଶୀ ଦେଶ ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିରୋଧ ପ୍ରଦର୍ଶନ ସମୟରେ ସହରର ଶତାଧିକ ଯୁବକ ଅଂଶ ଗ୍ରହଣ କରିଥିଲେ।



## ଓଡ଼ିଆ ପୁଅ ଦୀପକ୍ ପଶ୍ଚିମବଙ୍ଗରେ ସମ୍ବର୍ଦ୍ଧିତ




ଫୁଲନଖରା, (ଭାସ୍କର ନ୍ୟୁଜ୍ ): କେନ୍ଦ୍ରୀୟ ରକ୍ତ ଭଣ୍ଡାର କଟକ ଆୱାରନେସ୍ କମିଟି ସଦସ୍ୟ ବିଶିଷ୍ଟ ରକ୍ତଦାତା ଦୀପକ୍ କୁମାର ଚୌଧୁରୀଙ୍କୁ ସମାଜସେବା, ରକ୍ତଦାନ, ବିଭିନ୍ନ ସ୍କୁଲ୍, କଲେଜ୍, ଇଣ୍ଡଷ୍ଟ୍ରିଜରେ ଦୁର୍ଘଟଣା ପରେ ପ୍ରାଥମିକ ଚିକିତ୍ସା ନେଇ ତାଲିମ ପ୍ରଦାନ, ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା ଇତ୍ୟାଦି ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ ସୁଦୂର ପଶ୍ଚିମବଙ୍ଗ ଦୁର୍ଗାପୁର ଠାରେ ଆୟୋଜିତ ଭାରତର ଏମଡ଼ି ୩୨୨ ମଲ୍ଟିପୁଲ୍ ଆନ୍ତର୍ଜାତୀୟ ସମ୍ମିଳନୀ ସମାରୋହରେ ଭାରତର ଉଚ୍ଚ ପଦାଧିକାରୀ ମାନଙ୍କ ଗହଣରେ ଆନ୍ତର୍ଜାତୀୟ ତୃତୀୟ ଭାଇସ୍ ପ୍ରେସିଡେଣ୍ଟ ଡାକ୍ତର ମନୋଜ ଶାହା ଏହି ପ୍ରେସିଡେନ୍ସିଆଲ ଆୱାର୍ଡ଼ ପ୍ରଦାନ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନାଯୋଗ୍ୟ ଲାୟନ ଦିପକ କୁମାର ଦୀର୍ଘ ୨୭ ବର୍ଷ ଧରି ସମାଜ ପାଇଁ ସମର୍ପିତ ଜଣେ ଉଦାହରଣୀୟ ବ୍ୟକ୍ତିତ୍ୱ। କେନ୍ଦ୍ରାପଡ଼ା ମାଟିର କୃତୀ ସନ୍ତାନ ଦୀପକ୍ ଜୀ ୫୫ ବର୍ଷ ବୟସରେ ଏଯାବତ୍ ୧୦୦ ଥର ସ୍ୱେଚ୍ଛାକୃତ ରକ୍ତଦାନ କରିବା ସହ ୧୦ ଥର ଏସଡିପି ଦାନ କରି ରକ୍ତଦାନ ମହାସେବା କ୍ଷେତ୍ରରେ ସମଗ୍ର ରାଜ୍ୟରେ ଏକ ମାଇଲି ଖୁଣ୍ଟ ତିଆରି କରିଛନ୍ତି।

## ସ୍ୱାଭିମାନ ଅଞ୍ଚଳରୁ ମାଓ ଡମ୍ପ ଠାବ

ମାଲକାନଗିରି, (ଭାସ୍କର ନ୍ୟୁଜ): ଅପ୍ରେଲ ମାଲକାନଗିରି ଜିଲ୍ଲାରେ ବିଏସଏଫ ବାହିନୀକୁ ମିଳିଲା ବଡ ସଫଳତା। ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଠାବ ହେଲା ମାଓ ଡମ୍ପ। ଏହି ଡମ୍ପ ଭିତରୁ ଚାରୋଟି ଟିଫିନ ବୋମା ସହ ଗୋଟିଏ ୧୨ ଭୋଲ୍ଟ ବ୍ୟାଟେରୀ, ବିଦ୍ୟୁତ ତାର, ବଡ ପ୍ଲାଷ୍ଟିକ ଡ୍ରମ, ଅକ୍ସିଜେନ ସିଲିଣ୍ଡର ସହ ଅନେକ ବିସ୍ଫୋରକ ସାମଗ୍ରୀ ବାହାରିଛି। ଖବର ଅନୁଯାୟୀ, ଘନବେଡା ଓ ଗୋରାସେତୁ ବିଏସଏଫ କ୍ୟାମ୍ପର ୧୭୭ ବାଟାଲିୟନର ଜବାନ ମାନେ ଏରିଆ ଡମିନେସନ ଲାଗି ପଣଷପୁଟ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ଯାଞ୍ଚ ଚାଲିଥିବା ବେଳେ ଗୋଟିଏ ସ୍ଥାନରେ ଲ୍ୟାଣ୍ଡମାଇନ ଡିଟେକ୍ଟର ଦ୍ୱାରା ଜବାନମାନେ ଏହି ସବୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି । ଛତିଶଗଡ଼ରେ ମାଓବାଦୀ ବିରୋଧୀ ଅପରେସନ ଜୋରଦାର ଚାଲିଥିବା ବେଳେ ମାଓବାଦୀ ମାନେ ମାଲକାନଗିରି ସୀମା ଭିତରେ ପ୍ରବେଶ କରି ଏହିସବୁ ବିସ୍ଫୋରକ ସାମଗ୍ରୀ ମାଟି ତଳେ ଡମ୍ପ କରିଥିବା ନେଇ ସୂଚନା ଦେଇଛନ୍ତି ବିଏସଏଫ ଆଇଜି।

## ବିଶ୍ୱ ମାଲେରିଆ ଦିବସ ପାଳିତ

# ୨ବର୍ଷରେ ୧୬,୪୫୮ ମାଲେରିଆ ପଜିଟିଭ ଚିହ୍ନଟ

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମାଲେରିଆ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏଡିପିଏଚଓ (ଭିଭିଡି) ଡାକ୍ତର ମୁକ୍ତିକାନ୍ତ ଖଟୁଆ ଯୋଗଦେଇଥିଲେ । ଜିଲ୍ଲାରେ ଗତ ୨ବର୍ଷ ମାଲେରିଆ ସ୍ଥିତି ନେଇ ଡ. ଖଟୁଆ ରିପୋର୍ଟ ପ୍ରଦାନ କରିଥିଲେ। ୨୦୨୩ରେ କୋରାପୁଟ ଜିଲ୍ଲାରେ ୫ଲକ୍ଷ ୪୩ହଜାର ୮୦ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୭ହଜାର ୭ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ୨୦୨୪ରେ ମୋଟ ୫ଲକ୍ଷ ୯୭ହଜାର ୨୦୯ଜଣଙ୍କ ମଧ୍ୟରୁ ୯ହଜାର ୪୫୧ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ । ଗତ ୨ବର୍ଷରେ ଜିଲ୍ଲାରୁ ୧୬ହଜାର ୪୫୮ ମାଲେରିଆ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଥିଲା । ସେହିପରି ଜିଲ୍ଲାରେ ମାଲେରିଆ ପଜିଟିଭ ସଂଖ୍ୟା ହ୍ରାସ ପାଇଁ ଗତ ୨୦୨୪ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୮ଲକ୍ଷ ୬୦ହଜାର ୬୮ଟିକୀଟନାଶକ ମଶାରୀ ଲୋକଙ୍କୁ ପ୍ରଦାନ କରାଯାଇଥିବା ଡ. ଖଟୁଆ ସୂଚନା ଦେଇଛନ୍ତି। ମାଲେରିଆ ପ୍ରବଣ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁତ ପଦକ୍ଷେପ ନେବାକୁ ଉଦ୍ୟମ ଜାରି ଥିବାବେଳେ ତୁରନ୍ତ ମଶାରୀ ପ୍ରଦାନ ସହ ସମସ୍ତ ମେଡିକାଲରେ ମାଲେରିଆ କୀଟ୍ ରଖିବା ବ୍ୟବସ୍ଥା ରହିଛି ବୋଲି ମେଡିକାଲ ଅଫିସର ସୂଚନା ଦେଇଥିଲେ । ଅଧିକ ସଚେତନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ଡ. ନିଳମାଧବ ଶତପଥି, ଏଡିପିଏଚଓ ଶିବସାଇ ସ୍ୱରୂପ, ମାଲେରିଆ ବିଶେଷଜ୍ଞ ଅୁମ୍ ୟୁସନ୍ କେ ଓ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## କୋର୍ଟରେ ହାଜର ନହେଲେ ବାଜ୍ୟାପ୍ତ ହେବ ଅଭିଯୁକ୍ତଙ୍କ ସମ୍ପତ୍ତି

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଓଡ଼ିଶାର ଶାସନ ଢିଲା ଫଳରେ ଗଂଜେଇ ମାଫିଆ ଏବେ କୋଟିପତି। କିନ୍ତୁ ବାହାର ରାଜ୍ୟର ପୋଲିସ ଓ ଆଇନ ଏତେ କଡ଼ା ଦେଖାଇଛି। ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ନେଇ ଝାଡ଼ଖଣ୍ଡର ରାଞ୍ଚି ରେଳ ଥାନାରେ ଅଭିଯୁକ୍ତ ରାହୁଲ ଦିଗାଲ କବରଖାନା ସାହି, ପିଅନ ପଡ଼ା, ଫୁଲବାଣୀ କନ୍ଧମାଳଙ୍କ ନାମରେ ଏକ ଏନ୍‌ଡିପିଏସ୍ କେସ ନଂ ୦୫/୨୦୨୩ (ଏସ )ରେ ମାମଲା ରୁଜୁ କରାଯାଇ ଥିଲା। ରାଞ୍ଚି ପୋଲିସ ରାହୁଲକୁ ଖୋଜା ଖୋଜି ଆରମ୍ଭ କରିଥିଲା ଶେଷରେ ରାଞ୍ଚି ରେଳ ପୋଲିସ ଫୁଲବାଣୀ ଥାନାକୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ଫୁଲବାଣୀ ପୋଲିସ ଖୋଜ ଖବର ନେବା ପରେ ମଧ୍ୟ ରାହୁଲକୁ ପାଇ ନଥିଲା। ଶେଷରେ ରାଞ୍ଚିର ମାନ୍ୟବର ଅଦାଲତ



ଏକ ନୋଟିସ ଜାରି କରାଇଛନ୍ତି। ଉକ୍ତ ନୋଟିସ ରାହୁଲ ଡିଗାଲଙ୍କ ଘର କାନ୍ଥରେ ଫୁଲବାଣୀ ପୋଲିସ ସହାୟତାରେ ମରାଯାଇ ଥିବା ଦେଖିବାକୁ ମିଳିଛି। ଏଥିରେ ଉଲ୍ଲେଖ ଅଛି ଯେ ରାହୁଲ ଯଦି ଏକ ମାସ ମଧ୍ୟରେ କୋର୍ଟରେ ନିର୍ଦ୍ଦିଷ୍ଟ ତାରିଖରେ ହାଜର ନ ହୁଅନ୍ତି, ତାହେଲେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟପ୍ତ ହେବା ସହ ତାଙ୍କୁ ପଳାତକ ଘୋଷଣା କରାଯିବ।

## ଚିକିଟିରେ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚିକିଟି, (ଭାସ୍କର ନ୍ୟୁଜ୍ ) : ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଚିକିଟି ଗଡ଼ ଠାରେ ସାଇ ବାବାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବୈଶାଖ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥି ଇଂରାଜୀ ତାରିଖ ୨୧ ସୋମବାର ଠାରୁ ଆରମ୍ଭ ହୋଇ ଦୀର୍ଘ ଚାରି ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବ ୨୪ତାରିଖ ଗୁରୁବାର ପୁର୍ଣ୍ଣାହୁତି ହୋଇଛି। ପ୍ରଥମ ଦିବସରେ ଅଙ୍କୁରା ରୋପଣ ଓ ମଣ୍ଡପ ଅଧିବାସ ହୋଇଥିବା ବେଳେ ଦ୍ୱିତୀୟ ଦିନ ଶତାଧିକ ମହିଳା ଓ ପୁରୁଷ ଜଳ କଳସ ଧରି ଜଳଯାତ୍ରା କରିବା ପରେ ଅଗ୍ନି ସ୍ଥାପନ ହୋଇଥିଲା। ତୃତୀୟ ଦିନରେ ବୈଦିକ ରୀତିରେ ଦେବତା ସ୍ନାନ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଶେଷ ଦିନରେ ପ୍ରାଣ ପ୍ରତିଷ୍ଠା ସାଇଙ୍କୁ ପୂର୍ଣ୍ଣାହୂତି ହୋଇଥିଲା। ସନ୍ଧ୍ୟାରେ



ସାଇଙ୍କ ଚଉଡ଼ି ଯାତ୍ରା ପରିକ୍ରମା ଦେଖିବା ପାଇଁ ଚିକିଟି ଗଡ଼, ଚିକିଟି ପେଣ୍ଠରେ ଶହ ଶହ ଶ୍ରଦ୍ଧାଳୁଙ୍କୁ ଦେଖିବାକୁ ମିଳିଥିଲା। ସୁଦୂର ଭୁବନେଶ୍ୱରରୁ ଆସିଥିବା ମୁଖ୍ୟ ପଣ୍ଡିତ କାଶୀନାଥ ମିଶ୍ରଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଓ ସହଯୋଗୀଙ୍କ ପୂଜାପାଠରେ ଅଞ୍ଚଳ ପ୍ରକମ୍ପିତ ହେଉଥିବା ବେଳେ ମୁଖ୍ୟକର୍ତ୍ତା ଭାବେ ସୁଦୀପ୍ତ କୁମାର ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି ପଟ୍ଟନାୟକ ଓ ସହକର୍ତ୍ତା ଭାବେ ସୁରେନ ମାଝୀ ଓ ଧର୍ମ ପତ୍ନୀ ବୀଣା ପାଣି ମାଝୀ, ବାବୁଲା ସାହୁ ଓ ମଞ୍ଜୁଶ୍ରୀ ସାହୁଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାପନ ହୋଇଥିଲା। ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଗ୍ରାମବାସୀ, ଯୁବଗୋଷ୍ଠୀ, ଅଞ୍ଚଳବାସୀ ପରିଚାଳନା କମିଟିର ସହଯୋଗ କରିଥିଲେ। ମନ୍ତ୍ର ଉଚ୍ଚାରଣରେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶରେ ପ୍ରକମ୍ପିତ ହେଉଥିବା ବେଳେ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟା ଓ ସକାଳୁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହେବା ସହ ସନ୍ଧ୍ୟା ଆଳତୀ, ଅନ୍ନଯଜ୍ଞ ରେ ସାମିଲ ହୋଇ ପ୍ରଭୁ କୃପା ଓ ଆଶୀର୍ବାଦ ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା ।

## ଆତଙ୍କୀ ଆକ୍ରମଣକୁ ପ୍ରତିବାଦ କରି ପ୍ରଦୀପ ଶୋଭାଯାତ୍ରା



ଶୁଳିଆପଦା, (ଭାସ୍କର ନ୍ୟୁଜ୍ ) : ଜାମ୍ମୁ କାଶ୍ମୀର ସ୍ଥିତ ପୋହଲଗାମ ଠାରେ ଆତଙ୍କବାଦୀ ଦ୍ୱାରା ନିରିହ ପର୍ଯ୍ୟଟକ ଭାରତୀୟ ହିନ୍ଦୁ ମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ହତ୍ୟା ଘଟଣାକୁ ଶୁଳିଆପଦା ଶ୍ରୀ ରାମ ନବମୀ ଉତ୍ସବ ସମିତି ପକ୍ଷରୁ ଦୃଢ ନିନ୍ଦା କରାଯିବା ସହିତ ଏକ ପ୍ରତିବାଦ ସଭା ଓ ପ୍ରଦିପା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ର ସଭାପତି, ସମ୍ପାଦକ, ସକ୍ରିୟ ସଦସ୍ୟ ଓ ଅଞ୍ଚଳର ଜନସାଧାରଣଙ୍କୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ଦୂର୍ଗା ମଣ୍ଡପରୁ ବାହାରି ପଞ୍ଚାୟତ ଛକ, ବ୍ଲକ୍ ଛକ ପରିଭ୍ରମଣ କରି ମଣ୍ଡପ ନିକଟକୁ ପହଞ୍ଚି ଥିଲା। ଶୋଭାଯାତ୍ରାରେ ଆତଙ୍କବାଦୀ ବିରୋଧରେ ନାରା ଦେଇ ଶାନ୍ତିପୁର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟ ମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଛି। ଆତଙ୍କବାଦି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ଆଉ ଥରେ ଭୟାନକ ସର୍ଜିକାଲ୍ ଷ୍ଟ୍ରାଇକ କରାଯିବା ପାଇଁ ଶୁଳିଆପଦା ଶ୍ରୀ ରାମ ନବମୀ ଉତ୍ସବ ସମିତି ପକ୍ଷରୁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମାନନୀୟ ଗୃହ ମନ୍ତ୍ରୀ ଅମିତ ଶାହା ଏବଂ ମାନନୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଦାବି କରାଯାଉଛି। ରାଞ୍ଚି ରେଳ ଥାନା ପୋଲିସ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଫୁଲବାଣୀ ଅଭିଯୁକ୍ତଙ୍କ ଘରେ ମାରିଲା ନୋଟିସ।

## ବ୍ଲକ ପରିସରରେ ନାହିଁ ପାନୀୟ ଜଳ ବ୍ୟବସ୍ଥା, ଭରସା ବୋତଲ ପାଣି

ଆଳି: (ଭାସ୍କର ନ୍ୟୁଜ୍ ) : ୩୪ଗୋଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ଆଳି ବ୍ଲକ କାର୍ଯ୍ୟାଳୟରେ ଲୋକଙ୍କ ପାଇଁ ନାହିଁ ପାନୀୟ ଜଳ ଓ ପାଇଖାନା ସୁବିଧା। ଉହ ଉହ ଖରାକୁ ଝାଞ୍ଜି ପବନ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ କରୁଥିବା ବେଳେ ବ୍ଲକକୁ ସହ ସହ ଗ୍ରାମାଞ୍ଚଳର ବିଭିନ୍ନ ବର୍ଗର ଲୋକେ ନିଜର କାମ କରିବାକୁ ଆସିଥାଆନ୍ତି। କିନ୍ତୁ ପାଣିୟ ଜଳ ସୁବିଧା ନଥିବା ବେଳେ ଦୋକାନରୁ ବୋତଲ ପାଣି କିଣି ନିଜର ତୃଷ୍ଣା ମେଣ୍ଟେଇବା ସହ ଖର୍ଚ୍ଚାନ୍ତରେ ପଡିଥାନ୍ତି ଲୋକେ। ଏମିତିକି ପଞ୍ଚାୟତର ଜନପ୍ରତିନିଧି ମଧ୍ୟ ପାଣି ନପାଇ ବୋଟଲ ପାଣି କିଣି ତୃଷ୍ଣା ମେଣ୍ଟାଉ ଥିବା ଦେଖା ଯାଇଛି। ଯଦି ଆଳି ବ୍ଲକ କିଛି କାମ ପାଇଁ ଆସୁଛନ୍ତି ତାହାଲେ ଘରୁ ପାଣି ଧରି ବାହାରି ନାହାନ୍ତି। ତାହା ହେଲେ ଖର୍ଚ୍ଚାନ୍ତ ହେବା ସହ ପାଣି କିଣିକି ପିଇବା ଏକ ପ୍ରକାର ସାର ହି ହେବ। ସବୁଠୁ ବଡ଼ କଥା ହେଲା ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜାଗା ଜାଗା ଜଳଛତ୍ର ଖୋଲା ହୋଇ ଲୋକଙ୍କ ତୃଷ୍ଣା ମେଣ୍ଟେଇବାକୁ ସରକାର ନିର୍ଦ୍ଦେଶ ଥିବାବେଳେ ଖୋଦ ବ୍ଲକରେ ଜଳଛତ୍ର ଖୋଲା ନହେବା ସାଧାରଣରେ ବଡ ପ୍ରଶ୍ନବାଚି ସୃଷ୍ଟି କରିଛି। ଅନ୍ୟପଟେ ବ୍ଲକରେ ଦୀର୍ଘ ଦିନ ଧରି ଏକ ନଳକୂପ ଥିବା ବେଳେ ଲୋକେ ନଳକୂପରୁ ତାଙ୍କର ତୃଷ୍ଣା ମେଣ୍ଟାଇ ଥାଆନ୍ତି। କିନ୍ତୁ ନଳ କୂପ କିଛି ଦିନ ଧରି ଏକ ପ୍ରକାର ଅଚଳ ଅବସ୍ଥାରେ ଥିବାବେଳେ ଲୋକେ ନାହିଁ ନ ଥିବାର ଅବସ୍ଥା ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ବ୍ଲକ ଅଫିସ ଆସିଥିବା ଲୋକେ ତୃଷ୍ଣା ମେଣ୍ଟାଇବା ଏକ ମାତ୍ର ଭରସା କିଣା ବୋତଲ ପାଣି। ଯଦି କହିବା ଗୋଟିଏ ପଟେ ନଳକୂପ ଖରାପ ଅନ୍ୟ ପଟେ ଜଳଛତ୍ର ଖୋଲା ନ ହେବା ବ୍ଲକ ଅଫିସ ଆସିଥିବା ଲୋକେ ପିଇବା ପାଣି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି। ସେଥିଯୋଗୁଁ ବ୍ଲକ ପରିସରରେ ନୂତନ ନଳକୂପ ଖନନ ସହ ଜଳଛତ୍ର ଖୋଲିବାକୁ ଦାବି ଜୋର ଧରିଛି। ସେ ପଟେ ଯୋଉ ବ୍ଲକ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ହୋଇଛି କିନ୍ତୁ ଯଦି ବ୍ଲକ ଅଫିସ ପିଇବା ପାଣି ସମସ୍ୟା ଘେରରେ ରହି ଥାଏ ତାକୁ ସମାଧାନ କରିବ କିଏ ବୋଲି ସାଧାରଣରେ ପ୍ରସନ୍ନ ବାଛି ସୃଷ୍ଟି କରିଛି। ଯାହାକୁ ନେଇ ବ୍ଲକ ପ୍ରଶାସନ କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ କିପରି ୩୪ ପଞ୍ଚାୟତରେ ପାନୀୟ ଜଳର ସମସ୍ୟା ସମାଧାନ ହୋଇଥିବ ତାହା ସ୍ପଷ୍ଟ ଅନୁମେୟ। ଅନ୍ୟ ପଟେ କିନ୍ତୁ ପ୍ରତି ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ବ୍ଲକ ବିଭିନ୍ନ ସ୍ଥାନରେ ଜଳ ଛତ୍ର ଖୋଲା ହେବାର ନଜିର ଥିବା ବେଳେ। ଚଳିତବର୍ଷ ଗ୍ରୀଷ୍ମ ଋତୁରେ ଜଳ ଛତ୍ର ଖୋଲା ନହେବା ଲୋକଙ୍କ ମନରେ ବଡ ପ୍ରଶ୍ନ ବାଛି ହୋଇ ଠିଆ ହୋଇଛି। ଅନ୍ୟ ପଟେ ବିଡ଼ିଓଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ କେବେ ବ୍ଲକକୁ ଆସୁଥିବା ଗରିବ ଲୋକେ ବିନା ଖର୍ଚ୍ଚାନ୍ତରେ ନିଜର ତୃଷ୍ଣା ମେଣ୍ଟାଇବେ ବ୍ଲକ ପ୍ରଶାସନ ।

## କଫି ଉନ୍ନୟନ କମିଟି ବୈଠକ

### ଏସ୍‌ଏଚ୍‌ଜି ଓ ଯୁବ ଉଦ୍ୟୋଗୀଙ୍କୁ ସାମିଲ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

କୋରାପୁଟ, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାରେ କଫି ଚାଷ ଓ ଉଦ୍ୟୋଗୀଙ୍କ ସଂଖ୍ୟା ବୃଦ୍ଧି କରାଯିବ । ଏଥିସହିତ କଫି ଉତ୍ପାଦିତ ଅଞ୍ଚଳ ନାମରେ ବ୍ରାଣ୍ଡ ପ୍ରସ୍ତୁତ କରି ପ୍ରଚାର ପ୍ରସାର କରାଯିବ। ୧ହଜାର ହେକ୍ଟରକୁ ବୃଦ୍ଧି କରିବାକୁ ନିଷ୍ପତି ହୋଇଛି । ବିକ୍ରି ପାଇଁ ବାହାରର ବଡ ବଡ କମ୍ପାନିକୁ ଡାକି ଏମଓୟୁ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଚାରା ଉତ୍ପାଦନ ୧୦ହଜାର



କଫି ଉନ୍ନୟନ କମିଟି ବୈଠକରେ ଏହା କହିଛନ୍ତି ଜିଲ୍ଲାପାଳ ଭି କୀର୍ତ୍ତିଭାସନ। କୋରାପୁଟ କଫିର ଚାହିଦା ବିଶ୍ୱ ଦରବାରରେ ରହିଥିବା ବେଳେ ଚାଷ ପ୍ରତି ଅଧିକ ସଂଖ୍ୟକ ଚାଷୀ ଆକୃଷ୍ଟ ହେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବ ଉଦ୍ୟୋଗୀଙ୍କୁ କଫି ଚାଷରେ ସାମିଲ କରି ସ୍ୱାବଲମ୍ବୀ ଓ ସଶକ୍ତୀକରଣ କରିବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ । ସରକାରୀ ଓ ବେସରକାରୀସ୍ତରରେ କୋରାପୁଟ ଜିଲ୍ଲାର ୪ହଜାର ହେକ୍ଟରରେ କଫି ଚାଷ ହେଉଛି। ପ୍ରଶାସନ ତଥା ଓଡିଶା ଜୀବିକା ମିଶନ ପକ୍ଷରୁ ଚାଷ ଅପେକ୍ଷା ଏହାର ଚାରା ଉତ୍ପାଦନ ଦିଗରେ ଗୋଷ୍ଠୀ ମହିଳାଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ୧୫ଟି ଏସଏଚଜିର ୨ହାଜରରୁ ଅଧିକ ମହିଳା ଚାରା ଉତ୍ପାଦନ ମାଧ୍ୟମରେ ସ୍ୱାବଲମ୍ବି ହୋଇପାରିଛନ୍ତି । ଚାରା ଉତ୍ପାଦନ ୧୦ହଜାର ହେକ୍ଟରରେ ଜମିରେ କରିବା ସହ କଫି ଚାଷ ଅଞ୍ଚଳ ହେକ୍ଟରରେ ହେବା ଦ୍ୱାରା କମ୍ପାନି ପ୍ରତିଷ୍ଠା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ୪ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଜୀବିକାରେ ସୁଧାର ଆସିବା । ଜିଲ୍ଲା ପ୍ରଶାସନ ଏବଂ ଓଡିଶା ଜୀବିକା ମିଶନ ପକ୍ଷରୁ କୋରାପୁଟ, ଦଶମନ୍ତପୁର, ଲମତାପୁଟ, ନନ୍ଦପୁର, ଲକ୍ଷ୍ମୀପୁର, ପଟାଙ୍ଗି ଓ ସେମିଳିଗୁଡା ବ୍ଲକରେ ୧୫ଟି କଫି ନର୍ସରୀ ରହିଛି । ଗତ ବର୍ଷ କଫି ଡେଭଲପମେଣ୍ଟ ଟ୍ରଷ୍ଟ ୪ଲକ୍ଷ ୬୦ହଜାର ଚାରା କ୍ରୟ କରିଥିଲେ। ଚଳିତ ବର୍ଷ ୧୦ଲକ୍ଷ ୪୭ହଜାର ଚାରା କିଣିବା ପାଇଁ ଟ୍ରଷ୍ଟ ବରାଦ କରିଛି । ବୈଠକରେ କଫି ଉନ୍ନୟନ ସହକାରୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ, କଫି ବୋର୍ଡର ବରିଷ୍ଠ ସମ୍ପ୍ରସାରଣ ଅଧିକାରୀ ଉପେନ୍ଦ୍ର କୁମାର ସାହା, କୋରାପୁଟ ଡିଏଫଓ କେ. ଭି ଭାସ୍କର ରାଓ, ଜୟପୁର ଡିଏଫଓ ପ୍ରତାପ ବେହେରା, ଜଳ ବିଭାଜିକା ପ୍ରକଳ୍ପର ସହକାରୀ ନିର୍ଦ୍ଦେଶକ ଓ ଜୀବିକା ମିଶନ ଅଧିକାରୀ ଉପସ୍ଥିତ ଥିଲେ ।

## ତ୍ରିବେଣୀଶ୍ୱର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ



କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ନିକଟସ୍ଥ ତିରୁଣା ଗ୍ରାମର ଆରାଧ୍ୟ ଦେବତା ତ୍ରିବେଣୀଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୮ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ତିନିଦିନ ବ୍ୟାପି ମହାସମାରୋହରେ ପାଳିତ ହୋଇଯାଇଛି। ରବିବାର ଘଟ ସ୍ଥାପନ କରାଯାଇଥିବା ବେଳେ ସୋମବାର ନାମଯଜ୍ଞ, ହରିହାଟ ଅନୁଷ୍ଠିତ ହୋଇଥଲା। ମଙ୍ଗଳବାର ନଗର କୀର୍ତନ କରାଯାଇ ଉତ୍ସବର ସମାପନ କରାଯାଇଥିଲା। ଗ୍ରାମବାସୀଙ୍କ ମଧ୍ୟରେ ଈଶ୍ୱର ଭକ୍ତି ଆମ ଓଡ଼ିଆ କଳା ସଂସ୍କୃତି ଭାବଧାର ଉଜୀବିତ କରେଇବା ଲକ୍ଷ୍ୟ ନେଇ ଗ୍ରାମବାସୀ ଏହି ପ୍ରୟାସ ଜାରି ରଖିଛନ୍ତି। ଗ୍ରାମ ସଭାପତି କାଳନ୍ଦୀ ସ୍ୱାଇଁ କୃଷ୍ଣ ଚନ୍ଦ୍ର ସ୍ୱାଇଁ, କାଳନ୍ଦୀ ପରିଡା ଦାଇତ୍ୱ ତୁଲାଇଥିବା ବେଳେ ରଞ୍ଜନ ସ୍ୱାଇଁ ସୁରେନ୍ଦ୍ର ନାୟକ, ନିରାକାର ନାୟକ ଏବଂ ସମସ୍ତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



କୋରାପୁଟ, (ଭାସ୍କର ନ୍ୟୁଜ) ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଏବଂ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ ସରକାର ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ପ୍ରତି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଗୁଡିକର ସଫଳ ରୂପାୟନ କରି ଗାଁର ସର୍ବାଙ୍ଗୀନ ବିକାଶ କରିବା ହିଁ ପ୍ରଶାସନର ପ୍ରାଥମିକ ଲକ୍ଷ୍ୟ ବୋଲି ଜିଲ୍ଲାପାଳ କହିଥିଲେ । ଏଥିପାଇଁ ପଲ୍ଲୀସଭା ଓ ଗ୍ରାମସଭାରେ ଅଧିକରୁ ଅଧିକ ଲୋକ ଅଂଶଗ୍ରହଣ କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତିରେ ନିଜ ନିଜର ମତ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ୧୯୬ ନୂତନ ହିତାଧିକାରୀମାନଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଜୟପୁର, କୋଟପାଡ଼ ଓ ନନ୍ଦପୁର ବ୍ଲକକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୟପୁର ବ୍ଲକର ବିଡ଼ିଓ ଶକ୍ତି ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ଜିଲ୍ଲାର ଶ୍ରେଷ୍ଠ ପଞ୍ଚାୟତ ଭାବେ କୋଟପାଡ ବ୍ଲକର ଘୁମର, ଷଡରଙ୍ଗା, ବୋବେୟା, ଚିତ୍ରା, ଚାନ୍ଦିଲି ପ୍ରଥମ, ଡାମଣାହାଣ୍ଡି, କୁସୁମି ଦ୍ୱିତିୟ, ଶ୍ରେଷ୍ଠ ପୁଷ୍ଟିକର ପଞ୍ଚାୟତ ଭାବେ କୁନ୍ଦୁରା ବ୍ଲକର ରାଣିଗୁଡା ପଞ୍ଚାୟତକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ କୋରାପୁଟ ବ୍ଲକର ୩ଟି ମଇଳା ଉଠା ଗାଡିକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ କୋରାପୁଟ ବିଡିଓ ଡ. ଦେବାଶିଷ ଗୌଡ, ସହକାରୀ ଯୋଗାଣ ଅଧିକାରୀ ଖଗେଶ୍ୱର ପଣ୍ଡା, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ସତ୍ୟ ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ଉତ୍ସବ ପାଳନ କରାଯାଇଥିଲା।

## ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା

ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ଠାରେ ବେତନଟୀ ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ରଞ୍ଜନ କୁମାର ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଅର୍କେନ୍ଦୁ ପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଗୋପାଳ ଚରଣ ବଳ, ଜିଲ୍ଲା ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଭାଗବତ ଘୋଷ, ବୈଜ୍ଞାନିକ ପ୍ରଫେସର ଗୁରୁପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ



ହେମ୍ବ୍ରମ, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଣୀ ସମ୍ପଦର ଚିକିତ୍ସା କ୍ଷେତ୍ରରେ ହାସଲ କରିଥିବା ସଫଳତାକୁ ପାଥେୟ କରି ବିଭାଗୀୟ ବିଶେଷଜ୍ଞ ଡ଼ାକ୍ତର ମାନଙ୍କ ଦ୍ୱାରା ରଚିତ ପୁସ୍ତକ “ମୟୂରୀ” ର ମୁଖ୍ୟ ଅତିଥି ସନାତନ ବିଜୁଳି ଉନ୍ମୋଚିନ କରିଥିଲେ। ପ୍ରାଣୀ ସମ୍ପଦ ମେଳାରେ ଅନେକ ଚାଷୀ ସେମାନଙ୍କ ଗୃହପାଳିତ ପ୍ରାଣୀ ମାନଙ୍କୁ ନେଇ ମେଳାରେ ଅଂଶଗ୍ରହଣ କରିଥିଲେ। ଗୋପାଳକମାନେ ବିଭିନ୍ନ ପ୍ରଜାତିର ଗାଈଗୋରୁ, ପୋଷା କୁକୁର, ଛେଳି, ଘୁଷୁରୀ, ମଇଁଷି, କୁକୁଡ଼ା ଆଦି ଗୃହପାଳିତ ପ୍ରାଣୀ ମାନଙ୍କୁ ନେଇ ମେଳାରେ ଅଂଶଗ୍ରହଣ କରିଥିଲେ। ପ୍ରାଣୀ ସମ୍ପଦର ବିକାଶରେ ସହାୟକ ହୋଇଥିବା ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ରକ୍ତ ଦେଇ ଜୀବନ ରକ୍ଷା କଲେ ମୁକେଶ



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍ ) : ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବରୀଗୁଡା ଗ୍ରାମର ମୁକେଶ ସାହୁ ନାମକ ଏକ ଯୁବକ ସ୍ୱେଚ୍ଛାକୃତ ଭାବେ ମହିଳାଙ୍କୁ ରକ୍ତ ଦାନ କରି ନିଜ ମାନବିକତା ଦେଖାଇଛନ୍ତି। ସୂଚନା ଅନୁଯାୟୀ କୌଣସି ଏକ ଗ୍ରୁପରୁ ଚନ୍ଦାହାଣ୍ଡି ପାଟଖଲିଆ ଗ୍ରାମର ସୁଖ ମାଝୀ ପଡୋଶୀ ଧର୍ମଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେବା ସହ ରକ୍ତ ଆବଶ୍ୟକତା ଥିବା ମନୋଜ ଜାଣିବାକୁ ପାଇଥିଲେ। ଏବଂ ରୋଗୀଙ୍କ ପରିବାର ସହ ଯୋଗାଯୋଗ କରି ପ୍ରବଳ ଖରା ସତ୍ତ୍ୱେ ମଧ୍ୟ ଦୀର୍ଘ ୪୦ କିଲୋମିଟର ବାଇକ୍‌ରେ ଯାଇ ରୋଗୀଙ୍କୁ ରକ୍ତ ଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇଥିଲେ। ବିପଦ ସମୟରେ ରକ୍ତ ଦାନ କରି ନିଜ ମହାନତା ଦେଖାଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇବା ସହ ତାଙ୍କର ସୁଦୀର୍ଘ ଜୀବନ କାମନା କରିଛନ୍ତି।

## ନଡ଼ିଆ ଗଛପଡ଼ି ମହିଳା ମୃତ



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୁଜଙ୍ଗ ପଞ୍ଚାୟତ ବଳରାମପୁର ଗ୍ରାମରେ ରାମଲୀଳା ଦେଖିବାକୁ ଆସିଥିବା ଜଣେ ମହିଳାଙ୍କ ଉପରେ ନଡ଼ିଆ ଗଛ ପଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ ବଳରାମପୁର ଗ୍ରାମରେ ତୃତୀୟ ରାତ୍ରି ରାମଲୀଳା ଯାତ୍ରା ଚାଲୁଥିବା ସମୟରେ ହନୁମାନ ଚରିତ୍ରର ଅଭିନୟକୁ ଉପଭୋଗ କରିବା ପାଇଁ ନଡିଆ ଗଛରୁ ଦଉଡ଼ି ବାନ୍ଧି ଟ୍ରାକ୍ଟର ସାହାଯ୍ୟରେ ଟାଣିବା ସମୟରେ ନଡ଼ିଆ ଗଛଟି ଭାଙ୍ଗି ଯାଇଥିଲା। ଯାହା ଫଳରେ ରାମଲୀଳା ଦେଖିବାକୁ ଆସିଥିବା ଦର୍ଶକଙ୍କ ଉପରେ ପଡ଼ି ଯିବାରୁ ଘଟଣା ସ୍ଥଳରେ ଗୋପିଆକୁଦ ପଞ୍ଚାୟତ ସମାଗୋଳ ଗ୍ରାମର ଟୁଟୁ ଦାସଙ୍କ ପତ୍ନୀ କୁନି ଦାସଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଅନ୍ୟ ଆହାତ ମାନଙ୍କୁ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସ୍ଥାନୀୟ କୁଜଙ୍ଗ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ସହ କ୍ୟାଣ୍ଡେଲ ଶୋଭଯାତ୍ରା




ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ମାନେ ନୀରିହ ପର୍ଯ୍ୟଟକ ମାନଙ୍କୁ ନେଇ ଯେଉଁ ନରସଂହାର ସୃଷ୍ଟି କଲେ, ତାହାକୁ ନେଇ ବିଶ୍ୱର ପ୍ରମୁଖ ଦେଶ ଏବଂ ରାଷ୍ଟ୍ରନେତା ଗଣ ନିନ୍ଦା କରିଛନ୍ତି । ତାହାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ନାରୀ ଶକ୍ତି ଓ ୱାନ୍ ଷ୍ଟେପ୍ ସେଣ୍ଟର ପକ୍ଷରୁ ପହଲଗାମ ଠାରେ ପ୍ରାଣ ହରାଇଥିବା ଦିବଂଗତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ ଗାନ୍ଧି ଛକ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲେ। ଏହି ଅବସରରେ ନାରୀ ଶକ୍ତିର ମନରମା ମାଝି, ସ୍ୱର୍ଣ୍ଣଲତା ପଟନାୟକ, କିଶୋରୀ ପଟ୍ଟନାୟକ, ସଫିଆ ବାନ, ପ୍ରଭାସିନୀ ମହାନ୍ତି, ସାମା ଅହମଦ୍, ଅମ୍ବୀକା ରଥ, ବିନୟୀ ମିଶ୍ର, ମମତା ମହାରଣା, ପ୍ରଭାସିନି ପଟ୍ଟନାୟକ, ବବିତା ସାହୁ, ସନମ୍ ବେଗମ୍, ସାଇରା ବାନ, ସାକିନା ବାନ, ଦାମିନୀ ନାୟକ, ଜସମିନ୍ ନାୟକ, ସୁମିତା ଗରଡା, ଆଫସାନା ବେଗମ୍, ନାଜ୍ ଆଫରିନ୍, ବନ୍ଦିତା ମଲ୍ଲିକ, ସ୍ୱର୍ଣ୍ଣ ବାଗ୍,ନାସରିନ୍ ବାନ, ଦିପ୍ତୀମୟି ଆଚାରୀ, ଶୁଲେଖା ସୁନା, ସୁଜାତା ମାଝି, ସୁଚିସ୍ମିତା ପାଢ଼ି, ମନୀଷା ପଟ୍ଟନାୟକ, ଟୁନି କନ୍ଧପାନ ଓ ନାରୀଶକ୍ତିର ଆଇନ ପରାମର୍ଶ ଦାତା ରାମ ପ୍ରସାଦ ପାତ୍ର ମଧ୍ୟ ଉପସ୍ଥିତ ଥିଲେ।




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଜାମ୍ମୁ କାଶ୍ମୀରର ପହଲଗାମ୍ ଠାରେ ଆତଙ୍କୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟଙ୍କ ଆତ୍ମାର ସଦ୍‌ଗତି ପାଇଁ ଧାନମଣ୍ଡଳ ସ୍ଥିତ ହୋଲି ଜେସସ୍ ବିଦ୍ୟାଳୟ ପକ୍ଷରୁ ମହମବତୀ ଶୋଭାଯାତ୍ରା ସହିତ ଏକ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକ ଅଧକ୍ଷତା କରି ଆତଙ୍କବାଦୀଙ୍କ ଏଭଳି ଏକ ଅମାନୁଷିକ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହିତ ପ୍ରାଣ ହରାଇଥିବା ପର୍ଯ୍ୟଟଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ସୁଭାସିନୀ ମଲ୍ଲିକ, ମୌସୁମୀ ଦାସ, ଶୁଭାସିନୀ ଦାସ ଯାଦବ, ପୁନମ ଭାରତୀ, ପ୍ରିୟଙ୍କା ମଲ୍ଲ, କିରଣ ଯାଦବ, ସାଗରିକା ଶର୍ମା, ଜ୍ୟୋତିକା ଶର୍ମା, ଚିରଞ୍ଜିବୀ ଜେନା, ସୁଚେତା ଗିରି, ଶୁଭଶ୍ରୀ ବେହେରା, ରେଶ୍ମା ପରବିନ, ଚନ୍ଦନ ନାୟକ, ଦେବାଶିଷ ନାୟକ, ନଳିନୀକାନ୍ତ ବେହେରା, ଭାନୁପ୍ରତାପ ଦାସ, ସୁନୀଲ ପାଟୋଡ଼ିଆ, ଉତ୍ତମ ମଲ୍ଲିକ, ଇପ୍ସିତା ରାଉତ ଓ ଦେବବ୍ରତ ଶୁଭଦର୍ଶନ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


### ବନ୍ଦର ଅଧକ୍ଷଙ୍କୁ ସାଧୁବାଦ ଜଣାଇଲା ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ

## କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ୯ ଜଣିଆ କମିଟି ଗଠିତ



ପାରାଦୀପ (ଭାସ୍କର ନ୍ୟୁଜ୍) : ଦୀର୍ଘଦିନ ହେବ ପାରାଦୀପ ବନ୍ଦର ଠିକା ବା ଡିଏଲ୍‌ଆର୍ କର୍ମଚାରୀମାନଙ୍କ ଅଫଗ୍ରେଡେସନ (କ୍ରମୋନ୍ନତି) ଓ ରେସନାଲାଇଜେସନ (ଯୁକ୍ତିକରଣ) ସହିତ ଅନ୍ୟାନ୍ୟ ଦାବି କରିଆସୁଥିଲା ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ (ଏଚଏମଏସ) । ତେବେ ଉକ୍ତ ଦାବିଗୁଡ଼ିକୁ ବିଚାର କରି ୟୁନିଅନକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷାକରି ସମସ୍ୟାର ସମାଧାନ ପାଇଁ ବନ୍ଦର ଅଧକ୍ଷ ଏକ ୯ ଜଣିଆ କମିଟି ଗଠନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୈତନ୍ୟ, କୋଷାଧକ୍ଷ ବ୍ରିଜେଶ କୁମାର ଲେଙ୍କା, କାର୍ଯ୍ୟକାରୀ ସଭ୍ୟ ସଂଗ୍ରାମ ପଟ୍ଟନାୟକ, ଲଳିତ ମହାପାତ୍ର, ଅଭିତାଂଶୁ ରଥ, ସୂର୍ଯ୍ୟ ନାରାୟଣ ବାରିକ, ପ୍ରସନ୍ନ ବଳ ଏବଂ ଅନ୍ୟ କର୍ମକର୍ତ୍ତା ଓ କର୍ମଚାରୀମାନେ ବନ୍ଦର ଅଧକ୍ଷଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଫୁଲତୋଡ଼ା ଦେଇ ଧନ୍ୟବାଦ ଜଣାଇବା ସହିତ ଡିଏଲ୍‌ଆର ଏବଂ ବନ୍ଦର କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ। ସେଥିମଧ୍ୟରେ ବନ୍ଦରରେ କାର୍ଯ୍ୟରତ ଅନୁକମ୍ପାମୂଳକ ନିଯୁକ୍ତିରେ ଥିବା ଡିଏଲଆର କର୍ମଚାରୀ ସେମିଓଲ କାଟାଗୋରୀରେ ଅନ୍ତର୍ଭୁକ୍ତ କରିବା, ଆଇଏଫ୍‌ପି ଭିତ୍ତିକରେ କାର୍ଯ୍ୟରତ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଏବଂ ବନ୍ଦର କର୍ମଚାରୀ ମାନଙ୍କ ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇଥିଲା। ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସମସ୍ତ ବିଷୟ ଉପରେ ବିଚାର କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ୟୁନିଅନ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀ ମାନଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ନେଇ ୟୁନିଅନ ପକ୍ଷରୁ ସୂଚନା ମିଳିଛି। ତେବେ ଏ ସମସ୍ତ କାର୍ଯ୍ୟ ୟୁନିଅନର ସଭାପତି ଡ. ବିଭୁ ପ୍ରସାଦ ତରାଇଙ୍କ ଦୃଢ଼ ନେତୃତ୍ୱ ଓ ଦିଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ଶତପଥୀ କହିଛନ୍ତି।

## ମୁଣ୍ଡଫଟା ଖରାରେ ଚାଲୁଛି କାମ




### ◆ ବ୍ଲକ ପ୍ରଶାସନର ସରକାରୀ ନିର୍ଦ୍ଦେଶକୁ ଖୁଲମଖୁଲ୍ଲା ଉଲ୍ଲଙ୍ଘନ

### ◆ ପେଟପାଟଣା ପାଇଁ ଶ୍ରମିକ ନାଚାର; ଚୁପ୍ ବସିଛି ଶ୍ରମ ବିଭାଗ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ସକାଳ ସୂର୍ଯ୍ୟୋଦୟ ପରେ କାମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ଭିତରେ କାମ ବନ୍ଦ ହେବ। ପୁନର୍ବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ କରାଯିବ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମଖୁଲ୍ଲା ଉଲ୍ଲଙ୍ଘନ କରୁଛନ୍ତି ବ୍ଲକ ପ୍ରଶାସନିକ ବିଭାଗୀୟ ଅଧିକାରୀ, ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର। ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମ କରାଉଛନ୍ତି, ତାହା ପୁଣି ଦିନ ସାରା। ଶନିବାର ଦିନ ୧ଘ ୧୪ମିନିଟ୍ ସମୟରେ ଡହଡହ ଖରାରେ ଅସ୍ତରଙ୍ଗ ବ୍ଲକ ପରିସରରେ ନିର୍ମାଣ ହେଉଥିବା କୋଠାରେ କାମ କରୁଛନ୍ତି ଶ୍ରମିକ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସରକାରୀ ନିର୍ମାଣ କାମରେ ବି ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଅସ୍ତରଙ୍ଗ ବ୍ଲକ ପ୍ରଶାସନ ବିଭାଗୀୟ ଯନ୍ତ୍ରୀ ନିଜ ଘରେ ରହୁଥିବା ବେଳେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହେଉଥିବା କୋଠା ହେଉ, ନଚେତ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ବିଦ୍ୟାଳୟ କାମ ହେଉଥିବା ବେଳେ ଯେଉଁମାନେ କାର୍ଯ୍ୟ ତଦାରଖ କରିବାକୁ ଯାଉନାହାନ୍ତି, ସେଠି ଠିକାଦାରମାନେ ଶ୍ରମିକମାନଙ୍କୁ ଡହଡହ ଖରାରେ କାମରେ ଲଗାଉଛନ୍ତି। ହେଲେ ଜିଲ୍ଲା ଶ୍ରମ ବିଭାଗ ପୂରା ନିଦାବିଷ୍ଟ ହୋଇ ବସିଛି। ନା ପଞ୍ଜିକୃତ ଠିକାଦାରଙ୍କ ନିର୍ମାଣସ୍ଥଳରେ ଯାଞ୍ଚ ହେଉଛି, ନା ସାଧାରଣ ଯାଞ୍ଚ ହେଉଛି। ସାଧାରଣତଃ ଡିସେମ୍ବର ମାସରୁ ନିର୍ମାଣ କାମ ଅଧିକ ମାତ୍ରାରେ ହୋଇଥାଏ। ରାସ୍ତା ହେଉ ବା କୋଠା କାମ ବର୍ଷାଋତୁ ପୂର୍ବରୁ ଶେଷ କରିବା ପାଇଁ ଉଭୟ ଠିକାଦାର ଓ ଘରୋଇ ଲୋକ ଉଦ୍ୟମ କରିଥାନ୍ତି। ସେଥିପାଇଁ ଲଗାତାର କାମ କରାଯାଏ। ହେଲେ ଗତ ମାର୍ଚ୍ଚ ମାସ ଆରମ୍ଭରୁ ହଠାତ ଗ୍ରୀଷ୍ମ ପ୍ରବାହ ହେବାରୁ ନିର୍ମାଣ ସ୍ଥଳରେ ଶ୍ରମିକଙ୍କ କାମ କରାଇବା ସମୟରେ ସରକାର କଟକଣା ଜାରି କଲେ। ମଧ୍ୟାହ୍ନ ସମୟରେ କୌଣସି ପ୍ରକାର କାମ କରାଯିବନି। ଯାହାକୁ ନେଇ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ଗ୍ରୀଷ୍ମକାଳୀନ ମୁକାବିଲା ପାଇଁ ନିଜେ ବିଡ଼ିଓ ବୈଠକ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ସଚେତନ କରିଥିଲେ। କିନ୍ତୁ ଗୋଟେପଟେ ପ୍ରଶାସନିକ ଅଧିକାରୀ ନିୟମ କରୁଥିବାବେଳେ ଖୁଲମଖୁଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ କାର୍ଯ୍ୟାଳୟ ମଧ୍ୟରେ କୋଠା ନିର୍ମାଣରେ ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମରେ ଲଗାଯାଉଛି। ଯଦି କୌଣସି ଶ୍ରମିକଙ୍କର କିଛି ଅସୁବିଧା ହୁଏ କିଏ ଦାୟୀ ରହିବେ? କାମ ସାରିବା ଟାର୍ଗେଟ ନେଇ ଠିକାଦାର ଲଗାତାର କାମ ଜାରି ରଖିଛନ୍ତି। ଶ୍ରମିକଙ୍କ ସ୍ୱାସ୍ଥ୍ୟ ଚିନ୍ତା ନକରି, ଠିକାଦାର ଜବରଦସ୍ତ କାମ କରାଉଛନ୍ତି। ଡହଡହ ଖରାରେ ଶ୍ରମିକମାନେ ବାଲି, ସିମେଣ୍ଟ ଗୋଳାଉଛନ୍ତି, ମହିଳାମାନେ ଡହଡହ ଖରାରେ ଇଟା ବୋହୁଛନ୍ତି। ପେଟପାଟଣା ପାଇଁ ଅନ୍ୟ ଉପାୟ ନପାଇ ଶ୍ରମିକ କାମ କରୁଛନ୍ତି। ଖରା ଅଧିକ ହେଲେ ମଧ୍ୟ ମୁହଁ ଖୋଲିବାକୁ ସାହା କରୁନାହାନ୍ତି। ଅସ୍ତରଙ୍ଗ ଅଞ୍ଚଳ ପ୍ରଚଣ୍ଡ ଖରା ସାଙ୍ଗକୁ ଝାଞ୍ଜି ଅନୁଭୂତ ହେଉଥିବା ବେଳେ ଡହଡହ ଖରାରେ ଅସ୍ତରଙ୍ଗ ବ୍ଲକ ପରିସରରେ ନିର୍ମାଣ କୋଠା କାମ ଚାଲୁ ରହିଥାଏ। ଗୁରୁତ୍ୱପୂର୍ଣ୍ଣ ହେଉଛି, ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଏ ଯାବତ କୌଣସି ତଦାରଖ ଦେଖିବାକୁ ମିଳିନି। ଏପରିକି ଶ୍ରମ କାର୍ଯ୍ୟାଳୟର ଟିମ୍ ଏନେଇ ସଚେତନ ମଧ୍ୟ କରାଯାଉନଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ପ୍ରିୟଦର୍ଶୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ। ଏ ନେଇ କିଛି ସମାଜସେବୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ, ରାଜ୍ୟସମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ଶ୍ରମମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇ ଦିଆଯାଇଛି।

## ନାଇସ ହାଇଟେକ ସ୍କୁଲର ବାର୍ଷିକ ଉତ୍ସବ




ତିହିଡି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବଜାର ସ୍ଥିତ ନାଇସ୍ ହାଇଟେକ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ ସ୍କୁଲର ଅଧକ୍ଷ ଦୁର୍ଗା ପ୍ରସନ୍ନ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ସୋମନାଥ ପାଢ଼ୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୃପାସିନ୍ଧୁ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ତାଳପଦା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଗିରିଶ ଚନ୍ଦ୍ର ସାହୁ ଓ ବରାଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ ମହଲା ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ କରିବାକୁ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସମେତ ଅଭିଭାବକଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍କୁଲ ପିଲାମାନେ ନୃତ୍ୟ, ସଂଗୀତ, କମେଡି ପରିବେଷଣ କରି ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ପିଲାମାନଙ୍କୁ ମୋବାଇଲ ଠାରୁ ଦୂରେଇ ରଖିବା ପାଇଁ ଏକ ଶିକ୍ଷଣୀୟ ନାଟକ 'ରୁବିର ମୋବାଇଲ ନିଶା' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ । ସ୍କୁଲ ପକ୍ଷରୁ ନିବେଦିତା ଲେଙ୍କା, ସୁକାନ୍ତି ଦାସ, ଧୀରେନ୍ଦ୍ର ମହାନ୍ତି, ନନ୍ଦନ ଦାସ, ଦେବସ୍ମିତା ତ୍ରିପାଠୀ, ଇତିଶ୍ରୀ ସାମଲ, ସବିତା ପ୍ରଧାନ, ସୂର୍ଯ୍ୟକାନ୍ତ ମଲିକ, ଲିଜାରାଣୀ ବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଜାମ୍ମୁ କାଶ୍ମୀରର ପହଲଗାମ୍‌ରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ସ୍ଥାନୀୟ ବିଜେପି ସଙ୍ଗଠନ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ଗିରିଶ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ମଣ୍ଡଳ ସଭାପତି ତରଣୀସେନ ଯେନା, ରଞ୍ଜନ ପରିଡା, ପ୍ରଣବ ରାଉତଙ୍କ ସମେତ ବହୁ କର୍ମୀ ଯୋଗଦେଇ ଦିବଙ୍ଗତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଏହାର ଦୃଷ୍ଟାନ୍ତମୂଳକ ପ୍ରତିକାର ପାଇଁ ମୋଦି ସରକାରଙ୍କୁ ନିବେଦନ କରିଥିଲେ।

## କମ୍ପାନୀ ବିରୋଧରେ ଅଭିଯୋଗର ପ୍ରତିବାଦ କଲେ ଶ୍ରମିକ



ପାରାଦୀପ (ଭାସ୍କର ନ୍ୟୁଜ୍) : ଜେଏମ୍‌ବକ୍ସି କମ୍ପାନୀ ଅଧୀନରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ଇଣ୍ଡୋ ଗ୍ଲୋବାଲ୍ ଏଚ୍‌ଆର୍ ସଲ୍ୟୁସନ ପ୍ରାଇଭେଟ ଲିମିଟେଟ ସଂସ୍ଥା ଅଧୀନରେ କାମ କରୁଥିବା କିଛି ଶ୍ରମିକ ମିଥ୍ୟା ଅଭିଯୋଗ କରି ସଂସ୍ଥାକୁ ବଦନାମ କରିଛନ୍ତି ବୋଲି ସଂସ୍ଥାର କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର କର୍ମଚାରୀ ପ୍ରମୋଦ ପ୍ରଧାନ, ଶିଶିର ଦଳାଇ, ନିରଞ୍ଜନ ଜେନା ଓ ଅଲେଖ ରାଉତ କହିଛନ୍ତି ଯେ, ପ୍ରତ୍ୟେକ ମାସର ୧ ତାରିଖରୁ ୮ ତାରିଖ ମଧ୍ୟରେ କମ୍ପାନୀ ଆମକୁ ଦରମା ଦେଇଥାଏ। ହେଲେ ରାଜନୈତିକ ଅଭିସନ୍ଧି ରଖି କିଛି ଖଳବ୍ୟକ୍ତି ସଂସ୍ଥାକୁ ବଦନାମ କରିବା ସହିତ ସେମାନଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ସଂସ୍ଥା ବିରୋଧରେ ଅଭିଯୋଗ କରିଥିବା ଶ୍ରମିକମାନଙ୍କ ମଧ୍ୟରୁ ବହୁ ନିଜର ଭୁଲ୍ ବୁଝିପାରି ଏବେ ଆମ ସାଙ୍ଗରେ ଅଛନ୍ତି ବୋଲି ଶ୍ରମକମାନେ ସ୍ପଷ୍ଟ କରିଛନ୍ତି। ସଂସ୍ଥା ନାମରେ କେବେ ବି କୌଣସି ଶ୍ରମିକମାରଣ ଅଭିଯୋଗ ନାହିଁ। କିଛି ବ୍ୟକ୍ତି ସଂସ୍ଥାର ମାଲିକଙ୍କ ବିରୋଧରେ ହୀନ ଅଭିସନ୍ଧି ନେଇ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସଂସ୍ଥାର ମୁଖ୍ୟ କୁମରକାନ୍ତ ମହାନ୍ତି କହିଛନ୍ତି। ସିଧାସଳଖ ଭାବେ ତାଙ୍କର କୌଣସି ରାଜନୈତିକ ଦଳ ବା ଶ୍ରମିକ ସଙ୍ଘ ସହିତ ସମ୍ପର୍କ ନାହିଁ ବୋଲି କହିବା ସହ କମ୍ପାନୀ କାର୍ଯ୍ୟରେ ବାଧକ ନସାଜିବାକୁ ଶ୍ରୀ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଛନ୍ତି।

## ବଡ଼ଚଣାରେ ଯୋଗଦେଲେ ନୂତନ ଥାନାଧିକାରିଣୀ




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଓଡ଼ିଶାର ପୁରାତନ ଓ ଏକ ଗୁରୁତ୍ୱପୂର୍ଣ୍ଣ ଥାନା ଭାବରେ ବଡଚଣା ଥାନା ପରିଚିତ। ଦୀର୍ଘଦିନ ଧରି ଥାନାରେ ଥାନା ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ଗତକାଲି ବଡଚଣା ଥାନାରେ ନୂତନ ଥାନା ଅଧିକାରୀ ଭାବେ ମଧୁସ୍ମିତା ବେହେରା ଯୋଗଦେଇଛନ୍ତି। ଶ୍ରୀମତୀ ବେହେରା ଜଣେ ଦକ୍ଷ, କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ, ସତ୍ୟନିଷ୍ଠ, ନିର୍ଭୀକ ଓ ନିରପେକ୍ଷ ମହିଳା ପୋଲିସ ଅଧିକାରୀ ଭାବେ ସମଗ୍ର ଓଡ଼ିଶାରେ ପରିଚିତ। ପୂର୍ବରୁ ସେ ଯାଜପୁର ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଦକ୍ଷତାର ସହିତ କାର୍ଯ୍ୟକରି ଜନସାଧାରଣ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ବଡ଼ଚଣା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଜନସାଧାରଣ ଓ ପୋଲିସ ମଧ୍ୟରେ ଏକତା ଭାଇଚାରା ରକ୍ଷାକରି ସତ୍ୟ ନିଷ୍ଠ ନିର୍ଭୀକ ଭାବରେ ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ମୋର ପ୍ରାଥମିକତା ହେବ ବୋଲି କହିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ଚରମ୍ପା, ଭଦ୍ରକ ଠାରେ ମାନସିକ ଅସୁସ୍ଥତା ଜାତୀୟ ଆଇନ୍ ଶାରିରୀକ ଅକ୍ଷମତା ତଥା ମାନସିକ ଅସୁସ୍ଥତା, ଯୋଜନା ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅରୋଲିପି ପରିଜା, ଭାରାପ୍ରାପ୍ତ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ, ପବିତ୍ର କୁମାର ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଭଗବାନ ପରିଡ଼ା, ସାଧରଣ ସଂପାଦକ, ସି.ଆର.ଏସ୍.ଆର, ଭଦ୍ରକ, ମୋଜାହିଦ ଅଖତର ଖାନ, ଡେପୁଟି, ଏଲ ଏଡି ଏସ୍‌ସ୍, ଭଦ୍ରକ, ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ସହକାରୀ, ଏଲଏଡିଏସସ, ଭଦ୍ରକ ତଥା ସି.ଆର୍.ଏସ୍.ଆର୍‌ର ସମସ୍ତ କର୍ମୀଗଣ ମଧ୍ୟ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ସମସ୍ତ ଅଭିଭାବକ ତଥା ମାନସିକ ଅସୁସ୍ଥତା ତଥା ଶାରିରୀକ ଅକ୍ଷମତା ସଂପନ୍ନ ଲୋକମାନଙ୍କୁ ଜାତୀୟ ଆଇନ୍ ସେବା ସହ ଯୋଜନା ୨୦୨୪ ଯାହାକି ସେମାନଙ୍କୁ ଅତ୍ୟନ୍ତ ଉପାଦେୟ ମୂଳକ ତଥ୍ୟଦାନ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଦାସର୍ବଦା ସମସ୍ତଙ୍କ ପାଇଁ ସମାନ୍ୟାୟ ହେବା, ଅକ୍ଷମ ଲୋକଙ୍କୁ ସାହାଯ୍ୟ କରିବା ଦିଗରେ କ'ଣ ସବୁ କାର୍ଯ୍ୟ କରୁଛି, ପି.ଏଲ.ଭି ( ପାରା ଲିଗାଲ ଭଲ୍ୟୁଣ୍ଟର) ମାଧ୍ୟମରେ ମଧ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ସେମାନେ ଆସି ପାରିବେ ତଥା ନିଜର ସମସ୍ୟାର ସମାଧାନ ନିମିତ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସର୍ବଦା କାର୍ଯ୍ୟରତ ବୋଲି ଅତିଥିମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ଭୌରବ ନାଥ, ହଳଦୀଡୀହ, ଭଦ୍ରକ, ସଞ୍ଜୁକ୍ତା ସାହୁ, ନଦୀଗାଁ , ଧୂସୁରୀ, ଭଦ୍ରକ, ସମ୍ଭୁନାଥ ସେଠୀ, ଖଟୁଆ ପାଟଣା, ସୁନ୍ଦରପୁର, ଚନ୍ଦବାଲୀ, ଭଦ୍ରକ, ମନୋଜ କୁମାର ପ୍ରଧାନ, ଦଶମଣିଆ, ଡୁବୁରି, ଆଦି ହିତାଧିକାରୀ ମାନଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ସେମାନେ ବି କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ୯୦ରୁ ଊର୍ଦ୍ଧ୍ୱ ମାନସିକ ଅସୁସ୍ଥତା ତଥା ଶାରିରୀକ ଅକ୍ଷମତା ଲୋକ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ସହାୟକ ହୋଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ।

## ଟିମ୍ ବଡଚଣା ପକ୍ଷରୁ ମହମବତୀ ଶୋଭାଯାତ୍ରା

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଜାମ୍ମୁ କାଶ୍ମୀର ରାଜ୍ୟର ଦକ୍ଷିଣ କାଶ୍ମୀର ରେ ଥିବା ଅନନ୍ତ ନାଗ ଜିଲ୍ଲାର ପହଲଗ୍ରାମ ଅଞ୍ଚଳରେ ଆତଙ୍କବାଦୀମାନଙ୍କ ଦ୍ୱାରା ଅତି ଅମାନୁଷିକ ଭାବରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବ ଆକ୍ରମଣ ଓ ଏଥିରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଆତଙ୍କବାଦୀ ମାନଙ୍କୁ କଠୋର ଦଣ୍ଡ ଦେବା ପାଇଁ ଟିମ୍ ବଡଚଣା ପକ୍ଷରୁ ଦାବି କରଯାଇଛି। ଟିମ୍ ବଡଚଣାର ଅଧକ୍ଷ ଅଦ୍ୱିତୀୟ ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଆଜି ସନ୍ଧ୍ୟାରେ ଏକ ମହମବତୀ ଶୋଭାଯାତ୍ରା ଚଣ୍ଡିଖୋଲ ଛକ ପରିକ୍ରମା କରିବା ସହିତ ଗୌତମ ବୁଦ୍ଧ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରତିବାଦ ସଭା ଟିମ୍ ବଡଚଣାର ସଂଯୋଜକ ମୁସ୍ତାକ ଅଲ୍ଲି ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିମ୍ ବଡଚଣାର ସଭାପତି ଅଦ୍ୱିତୀୟ ଶତପଥୀ ଯୋଗଦେଇ ଭାରତର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ ଓ ଭାରତର ଆତ୍ମା ଉପରେ ସନ୍ତ୍ରାସବାଦୀମାନେ ଯେଉଁ ଆକ୍ରମଣ କରିଛନ୍ତି ତାହା କଦାପି ବରଦାସ୍ତ କରାଯିବ ନାହିଁ। ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତରେ ମୂଳ ଲକ୍ଷ୍ୟ। କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେବେ ତାକୁ ସମଗ୍ର ଦେଶବାସୀ ସମର୍ଥନ ଜଣାଇବା ସହିତ ମୃତକଙ୍କ ସହିତ ସମଗ୍ର ଦେଶବାସୀ ଅଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିତାଂଶୁ ସେନାପତି, ଅମିନ ନାୟକ, ରଶ୍ମିରଞ୍ଜନ ଦାସ, ବିଶ୍ୱଜିତ୍ ବିଶ୍ୱାଳ, ମହମ୍ମଦ ଫର୍କାନ୍, ରଫିକ୍ ଖାଁ, ମହମ୍ମଦ ଇମ୍ରାନ୍, ସେକ ଜାକିରୁଦ୍ଦିନ୍, ସୁଜିତ୍ ସୌରଭ ସାମଲ, ଶରତ ପାଣିଗ୍ରାହୀ, କ୍ରିତି ରାଜ୍ ପ୍ରଧାନ ପ୍ରମୁଖ ଶତାଧିକ ଯୁବକ ଉପସ୍ଥିତ ଥିଲେ।





## ଅଖିଳ ଭାରତ ଯୁବସଂଘ ସମ୍ମିଳନୀ




ବୋଲଗଡ଼ (ଭାସ୍କର ନ୍ୟୁଜ୍): ଅଖିଳ ଭାରତ ଯୁବ ସଂଘ, ଖୋର୍ଦ୍ଧା - ନୟାଗଡ଼ ଜିଲ୍ଲା ସମ୍ମେଳନ ଖୋର୍ଦ୍ଧା ମାଣିକଗୋଡା ସ୍ଥିତ ପରିଛା ବଗିଚା ଠାରେ ଭୁବନ ଚାନ୍ଦ ହାତୀଙ୍କ ସଭାପତିତ୍ୱରେ ଓ ବିଜୟ ବେହେରାଙ୍କ ଆବାହକତ୍ୱରେ ଜିଲ୍ଲାସ୍ତରୀୟ ଅଖିଳ ଭାରତ ଯୁବ ସମ୍ମିଳନୀ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏହି ଯୁବ ସମ୍ମିଳନୀ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା-ନୟାଗଡ଼ ଜିଲ୍ଲା ସମ୍ପାଦକ ଆଡଭୋକେଟ ଅମିୟ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦେଶ ରାଜ୍ୟ ଜିଲ୍ଲାର ଯୁବଛାତ୍ର, ଶ୍ରମିକ, ମହିଳା, ଶିଶୁମାନଙ୍କର ସମସ୍ୟା ଉପରେ ଆଲୋଚନା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଶାନ୍ତି, ପ୍ରଗତି ବୈଜ୍ଞାନିକ ଏବଂ ସମାଜବାଦକୁ ବିଶ୍ୱାସ କରୁଥିବା ଯୁବକମାନେ ସଂଗଠିତ ହୋଇ ସଂଗ୍ରାମ କଲେ ଦେଶ ଦୁନିଆରୁ ଅନ୍ୟାୟ, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଶିଶୁ ଅତ୍ୟାଚାର ଲୋପ ପାଇବ। ଅଖିଳ ଭାରତ ଯୁବ ସଂଗଠନର ଜାତୀୟ ଉପସଭାପତି ମୁଖ୍ୟବକ୍ତା ଭାବେ ପ୍ରଦୀପ ସେଠୀ ସମ୍ମିଳନୀରେ ଯୋଗ ଦେଇ ଦେଶ ଓ ରାଜ୍ୟରେ ବଢ଼ି ଚାଲିଥିବା ସାମ୍ପ୍ରଦାୟିକତାବାଦ, କୁସଂସ୍କାର ବିରୁଦ୍ଧରେ ଲଢ଼ିବାକୁ ଯୁବପିଢ଼ି ମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବଶକ୍ତି ହେଉଛି ଦେଶର ପ୍ରଗତି ବୋଲି ସେ ମଧ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ସତ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ଆସନ୍ତା ୭ତାରିଖ ଦିନ କୋରାପୁଟ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଓ ଜାତୀୟ ସମ୍ମିଳନୀରେ ଯୋଗ ଦେବାକୁ କହିଥିଲେ। ସଂଗଠନକୁ ସୁଦୃଢ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସମସ୍ତ ଯୁବଗୋଷ୍ଠୀ ଦେଶ ଓ ରାଜ୍ୟର ଭବିଷ୍ୟତ ହୋଇଥିବାରୁ ଏବଂ ଯୁବଶକ୍ତି ଦେଶର ପ୍ରଗତି ବୋଲି ସମ୍ମାନିତ ଅତିଥି ତଥା ବୋଲଗଡ ବ୍ଲକର ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଘର ପୂର୍ବତନ ନେତା ଦିବାକର ପରମଗୁରୁ, ମୂରଲୀଧର ଜେନା ମତପ୍ରକାଶ କରିଥିଲେ। ପାଞ୍ଚ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଭାବେ ।ଅଖିଳ ଭାରତ ଯୁବ ସଂଘ ଖୋର୍ଦ୍ଧା - ନୟାଗଡ଼ ଜିଲ୍ଲାରେ ଭୁବନ ଚାନ୍ଦ ହାତୀଙ୍କୁ ଆବାହକ ଏବଂ ବିଜୟ ବେହେରା, ଆକାଶ ଜେନାଙ୍କୁ ଯୁଗ୍ମ ଆବାହକ ସହିତ ୧୫ ଜଣିଆ କମିଟି ଗଠନ କରାଗଲା। ପରିଶେଷରେ ବିଜୟ ସେଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ


**ରବିବାର, ୨୭ ଏପ୍ରିଲ ୨୦୨୫**



**ମେଷ:** ଲାଭ ପାଇଁ ସୁଯୋଗ ଆସିବ। ରୋଜଗାର ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ। ସେୟାର ବଜାରରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ। ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ।




**ବୃଷ:** ରିସ୍କ ନେବାକୁ ସାହସ କରିବେ। ଆୟ ଜାରି ରହିବ। ଭାଇମାନେ ସମର୍ଥନ ପାଇବେ। ବିନିଯୋଗ ଭଲ ହେବ। ଆସନ୍ତାକାଲି ପାଇଁ ଆଜିର କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ନାହିଁ। ଦୁଷ୍ଟ ଲୋକମାନଙ୍କ ପ୍ରତି ସାବଧାନ ରୁହ, ସେମାନେ କ୍ଷତି କରିପାରନ୍ତି। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ।




**ମିଥୁନ:** ଶୀଘ୍ର କୌଣସି କାରବାର କର ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଅପଚୟ ଖର୍ଚ୍ଚ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭ ହୋଇପାରେ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ସହଭାଗୀମାନେ ସମର୍ଥନ ପାଇବେ।



**କର୍କଟ:** ଜଣେ ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ। ସମୟ ଚାଲିଯାଇଛି। ନକାରାତ୍ମକତା ରହିବ। ବ୍ୟବସାୟ ଭଲ ହେବ। ଆୟରେ ନିଶ୍ଚିତତା ରହିବ। ମୂଲ୍ୟବାନ ସାମଗ୍ରୀ ନିଜ ସହିତ ରଖ। ପତି-ପତ୍ନୀଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବାଠାରୁ ଦୂରେଇ ରୁହନ୍ତୁ।




**ସିଂହ:** ଶତ୍ରୁମାନେ ଶାନ୍ତ ରହିବେ। ଲାଭ ପାଇଁ ସୁଯୋଗ ଆସିବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ। ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** ଶିଶୁ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ଅଧ୍ୟୟନ ସମ୍ବନ୍ଧୀୟ ଚିନ୍ତାଧାରା ରହିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ତୁରନ୍ତ କୈାଣସି ଲାଭ ହେବ ନାହିଁ। କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ହୋଇପାରେ। ବ୍ୟବସାୟ ଲାଭଦାୟକ ହେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ।



**ତୁଳା:** ଥକ୍କା ଏବଂ ଦୁର୍ବଳତା ରହିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ। ଏକ ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଲାଭ ସୁଯୋଗ ଆସିବ। ସୁଖର ମାଧ୍ୟମ ମିଳିପାରିବ। ଟଙ୍କା ପାଇବା ସହଜ ହେବ।



**ବିଛା:** ପ୍ରେମ ସଂପର୍କରେ ଶୀଘ୍ର ଯାଅ ନାହିଁ। ବିବାଦ ହୋଇପାରେ। ନକାରାତ୍ମକତା ରହିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ। ଯୁବକ ଓ ଯୁବତୀଙ୍କ ବିଶେଷ ଯତ୍ନ ନିଅନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।




**ଧନୁ:** ଆଇନଗତ ବାଧା ସମ୍ଭବ। ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ। ଯେ କୈାଣସି ପ୍ରକାରେ ଟଙ୍କା କ୍ଷତି ହୋଇପାରେ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ। ଘର ବାହାରେ ଖୁସିର ପରିବେଶ ରହିବ। ବ୍ୟବସାୟ ଭଲ ହେବ। ଲାଭ ବୃଦ୍ଧି ପାଇବ।



**ମକର:** ସୁଖର ମାଧ୍ୟମ ପାଇଁ ଖର୍ଚ୍ଚ ହେବ। ସ୍ଥିର ସମ୍ପତ୍ତିରେ ବୃଦ୍ଧି ହେବାର ସମ୍ଭାବନା ଅଛି। ସମ୍ପତ୍ତି କାର୍ଯ୍ୟ ବଡ ଲାଭ ଦେଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ଚାକିରିରେ ସୁଖ ଏବଂ ଶାନ୍ତି ରହିବ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଅପମାନଜନକ କିଛି କରନ୍ତୁ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଚିନ୍ତା ଏବଂ ଟେନସନ ହେବ।



**କୁମ୍ଭ:** ଏକ ମନୋରମ ଯାତ୍ରା ଯୋଜନା କରାଯାଇପାରେ। ଏକ କାର୍ନିଭାଲରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ତୁମର ପ୍ରିୟ ଖାଦ୍ୟ ଉପଭୋଗ କର। ଭଲ ସମୟ ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ବିତାଇବେ। ବ୍ୟବସାୟ ଅନୁକୂଳ ହେବ। ରିସ୍କ ନିଅ ନାହିଁ। ଆଖିକୁ ରୋଗ ଏବଂ ଆଘାତ ଆସିପାରେ। କାରବାରକୁ ଶୀଘ୍ର କର ନାହିଁ।



**ମୀନ:** ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେତୁ ହତାଶ ହେବେ। ବ୍ୟବସାୟ ଭଲ ହେବ। ରିସ୍କ ନିଅ ନାହିଁ। ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



ଶ୍ରୀପତି ଆଚାର୍ଯ୍ୟ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ): ଗୁରୁବାର ଦିନ ବୌଦ୍ଧ ବ୍ଲକ ମୁର୍ଖଷ୍ଟେ ସ୍ଥିତ ଖେଳପଡିଆ ଠାରେ ଜିଲ୍ଲା ତଥା ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ ଯୋଗ ଦେଇଥିଲେ । ବୌଦ୍ଧ ବିଡ଼ିଓ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବୌଦ୍ଧ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି ମାନେ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇଥିଲେ । ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ କରା ଯାଇଥିଲା । ଉକ୍ତ ଅବସରରେ ଅତିଥି ମାନଙ୍କ ଦ୍ୱାରା ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ସହ ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟାଦେଶ ବଣ୍ଟନ, ନୂତନ ଖାଉଟି କାର୍ଡ ବଣ୍ଟନ, ମହିଳା ଏସଏଚଜି ଗୋଷ୍ଠୀ ମାନଙ୍କୁ ସହାୟତା ଓ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

# ଗଞ୍ଜେଇ ମାମଲାରେ ଅଭିଯୁକ୍ତଙ୍କ ଘରେ ନୋଟିସ ମାରିଲା ପୋଲିସ

## ଏକମାସ ଭିତରେ କୋର୍ଟରେ ହାଜର ନହେଲେ ବାଜ୍ୟାପ୍ତ ହେବ ସମ୍ପତ୍ତି



କନ୍ଧମାଳ(ଭାସ୍କର ନ୍ୟୁଜ):ଓଡ଼ିଶାର ଶାସନ ଢିଲା ଫଳରେ ଗଂଜେଇ ମାଫିଆ ଏବେ କୋଟି ପତି ।କିନ୍ତୁ ବାହାର ରାଜ୍ୟର ପୋଲିସ ଓ ଆଇନ ଏତେ କଡା ଦେଖାଇଅଛି ।ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ନେଇ ଝାଡ଼ଖଣ୍ଡର ରାଞ୍ଚି ରେଳ ଥାନାରେ ଅଭିଯୁକ୍ତ ରାହୁଲ ଦିଗାଲ କବରଖାନା ସାହି, ପିଅନ ପଡା,ଫୁଲବାଣୀ କନ୍ଧମାଳଙ୍କ ନାମରେ ଏକ ଏନଡିପିଏସ କେସ ନଂ ୦୫/୨୦୨୩ (ଏସ )ରେ ମାମଲା ରୁଜୁ କରାଯାଇଥିଲା ।ରାଞ୍ଚି ପୋଲିସ ରାହୁଲକୁ ଖୋଜା ଖୋଜି ଆରମ୍ଭ କରିଥିଲା ଶେଷରେ ରାଞ୍ଚି ରେଳ ପୋଲିସ ଫୁଲବାଣୀ ଥାନାକୁ ଚିଠି ମାଧ୍ୟମ ରେ ଅବଗତ କରାଇଥିଲେ ।ଫୁଲବାଣୀ ପୋଲିସ ଖୋଜ ଖବର ନେବା ପରେ ମଧ ରାହୁଲକୁ ପାଇ ନଥିଲା। ଶେଷରେ ରାଞ୍ଚିର ମାନ୍ୟବର ଅଦାଲତ ଏକ ନୋଟିସ ଜାରି କରାଇଛନ୍ତି । ଉକ୍ତ ନୋଟିସ ରାହୁଲ ଡିଗାଲଙ୍କ ଘର କାନ୍ଥରେ ଫୁଲବାଣୀ ପୋଲିସ ସହାୟତାରେ ମରାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ଉଲ୍ଲେଖ ଅଛିଯେ ରାହୁଲ ଯଦି ଏକ ମାସ ମଧ୍ୟରେ କୋର୍ଟରେ ନିର୍ଦ୍ଦିଷ୍ଟ ତାରିଖରେ ହାଜର ନ ହୁଅନ୍ତି, ତାହେଲେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟପ୍ତ ହେବାସହ ତାଙ୍କୁ ପଳାତକ ଘୋଷଣା କରାଯିବ ।

# ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ଛକାପଞ୍ଝା

# ରୋଗୀ ସେବାରୁ ବଞ୍ଚିତ ଗର୍ଭବତୀ ଓ ପ୍ରସୂତୀ

♦ସାତସପନ ପାଲଟିଛି ମାଗଣା ସ୍ୱାସ୍ଥ୍ୟସେବା
♦ଅଲଟ୍ରାସାଉଣ୍ଡ ରିପୋର୍ଟ ପାଇଁ ଅର୍ଥ ଆଦାୟ ଅଭିଯୋଗ

ଉମରକୋଟ(ଭାସ୍କର ନ୍ୟୁଜ): ସରକାରୀ ଚିକିତ୍ସାଳୟରେ ମାଗଣାରେ ସ୍ୱାସ୍ଥ୍ୟସେବା ଏବେ ପ୍ରହସନ ପାଲଟିଛି। ସରକାର ସ୍ୱାସ୍ଥ୍ୟ ସେବାରେ ଆଉ ପାଦେ ଆଗେଇ ଯାଇ ନବରଙ୍ଗପୁର ଠାରେ ନୂତନ ମେଡିକାଲ କଲେଜର ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରେ ନୂତନ ଡାକ୍ତର ସୃଷ୍ଟି ସହ ଡାକ୍ତର ଅଭାବୀ ସମସ୍ୟାର ପରିସମାପ୍ତି ଘଟିବ, ରୋଗୀ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ପରିକଳ୍ପନା କରାଯାଇଛି। ରାଜ୍ୟରେ ସରକାର ବଦଳିଛି। ହେଲେ ଆଭିମୁଖ୍ୟ ବଦଳିନଥିବା ମନେ ହୁଏ । ସରକାରୀ ହସ୍ପିଟାଲରେ ଗୁଡିକରେ ରୋଗୀଙ୍କ ପାଇଁ ମାଗଣାରେ ସ୍ୱାସ୍ଥ୍ୟ ସେବା ସହ ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଜୀବନ ରକ୍ଷାକାରୀ ଔଷଧ ମାଗଣାରେ ଯୋଗାଇ ଦିଆଯାଉଅଛି। ମାଗଣା ଏକ୍ସରେ, ମାଗଣାରେ ସମସ୍ତ ପରୀକ୍ଷା କରିବା ବ୍ୟବସ୍ଥା ରହିଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଓଲଟା । ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଠାରେ ଗର୍ଭବତୀ ମହିଳାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଥିବାବେଳେ ରୋଗୀଙ୍କ ସୁବିଧା ଆବଶ୍ୟକତା ଉପଲବ୍ଧ କରି ନିକଟରେ ଏଠାରେ ଆଉ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ନିଯୁକ୍ତି କରିଛନ୍ତି ସରକାର ତେବେ ଡାକ୍ତରଙ୍କ ମଧ୍ୟରେ ଛକାପଞ୍ଝା ଯୋଗୁଁ ଏବେ ଅଡୁଆରେ ଗର୍ଭବତୀ ଓ ପ୍ରସୂତୀ। ଚିକିତ୍ସାଳୟରେ ଗର୍ଭବତୀ ମହିଳାଙ୍କ ମାଗଣା ସ୍ୱାସ୍ଥ୍ୟସେବା ସାତ ସପନ ହୋଇପଡିଛି। ଏଠାରେ ଗର୍ଭବତୀ ଓ ପ୍ରସୂତୀଙ୍କୁ ମିଳୁନି ମାଗଣା ସ୍ୱାସ୍ଥ୍ୟସେବା। ପ୍ରଥମ କଥା ଗର୍ଭବତୀ ମହିଳାଙ୍କ ପାଇଁ ନିରାମୟ ଯୋଜନା ବିଫଳ ହୋଇଛି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୂର୍ବରୁ ଦାୟିତ୍ୱରେ ଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ମନମାନି ଯୋଗୁଁ




ଗର୍ଭବତୀ ମହିଳା ଏଠାରେ ମାଗଣା ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସାଳୟକୁ ଆସୁଥିବା ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଚିକିତ୍ସାଳୟ ରେ କମ୍ ଓ ଡାକ୍ତରଙ୍କ ସରକାରୀ ବାସଭବନରେ ବେଶୀ ଦେଖିବାକୁ ମିଳିଛି ।ଡାକ୍ତର ଘରୋଇ ଚିକିତ୍ସାରେ ଗୁରୁତ୍ୱ ଦେଉଥିବା ବେଳେ ଗରିବ ରୋଗୀ ଅଧିକ ହନ୍ତସନ୍ତ ସହ ନାହିଁ ନଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳିଛି। ପୁଣି ଗର୍ଭବତୀ ମହିଳାଙ୍କ ଅଲଟ୍ରାସାଉଣ୍ଡ ନିମନ୍ତେ ସରକାର ଚିକିତ୍ସାଳୟକୁ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଇ ଥିବାବେଳେ ଏହା ବିଶେଷଜ୍ଞ ଡାକ୍ତରଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିଛି। ଅଲଟ୍ରାସାଉଣ୍ଡ ଚିକିତ୍ସାଳୟରେ କରାଯାଉଥିବା ବେଳେ ରିପୋର୍ଟ ଡାକ୍ତରଙ୍କ ବାସଭବନରେ ପ୍ରଦାନ କରି ରୋଗୀଙ୍କ ଠାରୁ ୨୦୦ ରୁ ୫୦୦ ଟଙ୍କା ଆଦାୟ କରାଯାଉଥିବା କିଛି ରୋଗୀ ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ନବନିଯୁକ୍ତ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତରଙ୍କୁ ରୋଗୀଙ୍କ ପରାମର୍ଶ ପାଇଁ ବାଧା ସୃଷ୍ଟି କରାଯାଉଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏଠାରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତରଙ୍କୁ ରୋଗୀ ସେବାରୁ ବଞ୍ଚିତ କରାଯାଉଛି। ଏଭଳି ସ୍ଥିତିରେ ଦ୍ୱନ୍ଦରେ ପଡି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସାଳୟକୁ ଆସୁଥିବା ଗର୍ଭବତୀ ମହିଳା ଓ ସେମାନଙ୍କ ସମ୍ପର୍କୀୟ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳିଛି। ଚିକିତ୍ସାଳୟରେ ଡାକ୍ତରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ସମସ୍ୟାରେ ପେଷି ହେଉଛନ୍ତି ରୋଗୀ। ଚିକିତ୍ସାଳୟରେ ଏପରି ସ୍ଥିତି ରୋଗୀସେବାକୁ ନେଇ ସୃଷ୍ଟି ହୋଇଛି ବଡ ପ୍ରଶ୍ନବାଚୀ। ପୂର୍ବରୁ ବହୁ ବିବାଦରେ ଛନ୍ଦି ହୋଇପଡ଼ିଥିବା ଡାକ୍ତରଙ୍କ ଦୁର୍ନୀତି ଓ ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତୁରନ୍ତ ଏଠାରୁ ବଦଳି କରି ସ୍ୱାସ୍ଥ୍ୟ ସେବାରେ ସ୍ୱଚ୍ଛତା ଓ ସୁଧାର ଆଣିବାକୁ ସାଧାରଣ ରେ ଦାବୀ ହେଉଛି ।

# ହିନ୍ଦୀ ବାଳକ କ୍ଲଷ୍ଟର ସ୍ତରୀୟ ସମ୍ବର୍ଦ୍ଧନା ସଭା

ବରଗଡ(ଭାସ୍କର ନ୍ୟୁଜ): ହିନ୍ଦୀ ବାଳକ କ୍ଲଷ୍ଟର ସ୍ତରୀୟ ସମ୍ବର୍ଦ୍ଧନା ସଭା ହିନ୍ଦୀ ବାଳକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା କ୍ଲଷ୍ଟର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାରୋହରେ ବରଗଡ଼ ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମେହେର, ପେଡ଼ାଗୋଜୀ କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ, ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ସଙ୍ଗୀତା ରଥ ଓ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ସ୍ୱତନ୍ତ୍ର ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଶିକ୍ଷାବର୍ଷ ୨୦୨୩-୨୪ରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବୃତ୍ତି ପରୀକ୍ଷାରେ ସଫଳତାର ସହ



କୃତିତ୍ୱ ଅର୍ଜନ କରିଥିବା ୧୧ ଜଣ ଛାତ୍ରଛାତ୍ରୀଙ୍କ ସମେତ ଏନ୍ ଏମ୍ ଏମ୍ ଏସ୍ ରେ କୃତକାର୍ଯ୍ୟ ହୋଇଥିବା ୨ ଜଣ ଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସହ ସଫଳତା ହାସଲ କରିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷିକାଙ୍କୁ ମଧ ପ୍ରଶଂସାପତ୍ର ଅତିଥିମାନଙ୍କ କର କମଳରୁ ପ୍ରଦାନ କରାଗଲା । ବରେଣ୍ୟ ଅତିଥିଗଣ ବିଜୟୀ ଛାତ୍ରଛାତ୍ରୀଙ୍କୁ ବହୁମୂଲ୍ୟ ଉପଦେଶ ଦେଇ ପ୍ରଚେଷ୍ଟା ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ କ୍ଷୁଦ୍ର ପତ୍ରିକା 'ଅନ୍ୱେଷା'ର ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେଲା । ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ନମିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସ୍ୱାଗତ ଭାଷଣ ପ୍ରଧାନ ଶିକ୍ଷକ ବିରେନ୍ଦ୍ରନାଥ କୁମ୍ଭାର ଓ ଧନ୍ୟବାଦ ଜ୍ଞାପନ ପ୍ରଧାନ ଶିକ୍ଷକ ସାର୍ତ୍ତିକ ସାହୁ କରିଥିଲେ ।

# କୂଅରେ ପଡ଼ିଥିବା ବଳଦ ଉଦ୍ଧାର

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଥାନା ଗୋଛାପଡା ପଞ୍ଚାୟତ ବିଜାପଦର ଗ୍ରାମରେ ଏକ କୂଅ ମଧ୍ୟରେ ପଡିଥିବା ବଳଦକୁ ଉଦ୍ଧାର କରିଛି ବାଉଁଶୁଣୀ ଅଗ୍ନିଶମ ବାହିନୀ । ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳେ ଗାଆଁ ପାଖରେ ଜନୈକ ଚାଷୀଙ୍କ ଏକ ବଳଦ କୂଅ ମଧ୍ୟରେ ଖସି ପଡିଥିଲା । ବଳଦ କୂଅ ମଧ୍ୟରେ ପଡିଥିବା ଜାଣିବା ପରେ ଉଦ୍ଧାର ପାଇଁ ଗ୍ରାମବାସୀ ଚେଷ୍ଟାକରି ବିଫଳ ହୋଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ବାଉଁଶୁଣୀ ଅଗ୍ନିଶମ ବାହିନୀ ପହଞ୍ଚି ବଳଦକୁ ଉଦ୍ଧାର କରଥିଲେ।

# ସାମ୍ବାଦିକଙ୍କ ଭାତୃ ବିୟୋଗ



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନ । ପଙ୍କର ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ରଙ୍କ ବଡ଼ ଭାଇ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ୫୬ ବର୍ଷ ବୟସରେ ଅକାଳ ବିୟୋଗ ହୋଇଛି ।ଡିସେମ୍ବର ମାସରୁ ସେ ରୋଗଗ୍ରସ୍ତ ଥିଲେ। ମଙ୍ଗଳବାର ସେ ଗୁରୁତର ହେବାରୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ବୁର୍ଲା ନେଉଥିବା ବାଟରେ ତାଙ୍କର ଅକାଳ ବିୟୋଗ ହୋଇଛି ।ତାଙ୍କ ମର ଶରୀର ଘରେ ପହଞ୍ଚିବା ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ଆତ୍ମୀୟସ୍ୱଜନ, ପରିବାର, ବନ୍ଧୁ ବର୍ଗ ଓ ଗ୍ରାମବାସୀ ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ଅର୍ପଣ ଓ ପୁତୁରା ଶିବାନନ୍ଦ ଯୁଗ୍ମ ଭାବେ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ବେଳେ ମା ଦୁହିତା ମିଶ୍ର, ଧର୍ମପତ୍ନୀ ମିନତୀ, ପୁଅ ଅର୍ପଣ, ଝିଅ ଅର୍ପିତା, ବଡ଼ ଭାଇ କ୍ଷିରାବ୍ଧି ମିଶ୍ର, ସହସ୍ରାଂଶୁ ମିଶ୍ର,ଭାଉଜ ସନ୍ତୋଷିନୀ ମିଶ୍ର,ଭାଇ ସୁଧାଂଶୁ ଶେଖର ମିଶ୍ର,ଭାଇ ବୋହୁ ସ୍ୱର୍ଣ୍ଣପ୍ରଭା ମିଶ୍ର,ପୁତୁରା ଘନଶ୍ୟାମ ମିଶ୍ର, ଜ୍ଞାନମୟୀ,ବଡାଇ ଝିଅ ପ୍ରୀତିସ୍ମିତା ମିଶ୍ର, ଦେବଶ୍ରୀ ମିଶ୍ର ନାତି ଶ୍ଳୋକନିଲ, ଶ୍ରୀଜୁ, ନାତୁଣୀ ଡୁଗୁଲି ଉପସ୍ଥିତ ଥିଲେ। ତାଙ୍କର ଝିଆରୀ ସସ୍ମିତା, ରଶ୍ମିତା, ସରିତା ଓ ଜୋଇଁ ମନୋଜ, ସନୋଜ, ବିମ୍ବାଧର ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଆତଙ୍କବାଦୀଙ୍କ ନରସଂହାର ଘଟଣାର ପ୍ରତିବାଦରେ ବିକ୍ଷୋଭ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା

ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ମୁଖ୍ୟ ବଜାର ଛକଠାରେ, ଜମ୍ମୁକାଶ୍ମୀର ର ପହଲଗାମ୍‌ରେ ୨୮ ଜଣ ହିନ୍ଦୁ ମାନଙ୍କ ଉପରେ ହୋଇଥିବା ବର୍ବର ନରସଂହାର ବିରୋଧରେ ପ୍ରତିବାଦ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହିକ୍ରମରେ ସକାଳ ୧୧ ଘଣ୍ଟା ସମୟରେ କୁଡୁମୁଲୁଗୁମ୍ମାର ୧୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ, ପହଲଗାମ୍ ନରସଂହାର ଘଟଣାର ପ୍ରତିବାଦରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ । ଏହି ସମୟରେ ବିଭିନ୍ନ ସଂଗଠନ ମାନଙ୍କ ଦ୍ୱାରା ୧୨ ଘଣ୍ଟିଆ ବନ୍ଦ ଡାକରା ଯୋଗୁଁ ସମସ୍ତ ଦୋକାନ ବଜାର ସ୍ୱତପ୍ରବୃତ୍ତ ଭାବେ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା ଓ ସଂଧ୍ୟା ୬ ଘଣ୍ଟ ସମୟରେ ସ୍ଥାନୀୟ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ମୃତି ସଭା ଆୟୋଜିତ କରାଯାଇଥିଲା ଯେଉଁଠି ସମସ୍ତେ ଗୋଟିଏ ଗୋଟିଏ ଦୀପ ଜାଳି ଆତଙ୍କବାଦୀ ଆକ୍ରମଣରେ ମୃତାହତ ସମସ୍ତ ୨୮ ଜଣ ହିନ୍ଦୁଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




ସମସ୍ତେ ଏକ ସ୍ୱରରେ କହିଥିଲେ ବର୍ତ୍ତମାନ ହିନ୍ଦୁମାନଙ୍କୁ ଜାଗ୍ରତ ହେବାସହ ଏକତ୍ରିତ ହେବାର ସମୟ ଆସିଯାଇଛି ଓ କେନ୍ଦ୍ରସରକାରଙ୍କ ଆତଙ୍କବାଦୀଙ୍କ ପ୍ରତି ଜିରୋ ଟଲୋରେନ୍ସ ଆଭିମୁଖ୍ୟ ଓ ଆତଙ୍କବାଦୀ କାର୍ଯ୍ୟକଳାପର ମୂଳପ୍ରାଟନ ଭଳି ପ୍ରତିଟି ପଦକ୍ଷେପ ସହିତ ନିଜର ସମର୍ଥନ ଜାହିର କରିଥିବା ଜଣାପଡିଛି । ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭା ର ଆୟତନ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ହିନ୍ଦୁ ସୁରକ୍ଷା ମଞ୍ଚର ସକ୍ରିୟ କାର୍ଯ୍ୟକର୍ତ୍ତା ଯଥା - ଏହାର ଆବାହକ ଅକ୍ଷୟ କୁମାର ହୋତା, ଗୋପୀନାଥ ଦାସ, ରବି ଧାକଡ, ନୀହାର କାନ୍ତ ଦାସ୍, ରାମହରି ସାହୁ, ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ଗୋପୀ ପାଙ୍ଗୀ, ବିଦ୍ୟାଧର ସାହାଣୀ, ଭବତୋଷ ମଣ୍ଡଳ,କଙ୍ଗୁରୁ ପ୍ରଧାନ, ତପନ କୁମାର ମିଶ୍ର, ଶିବାଜୀ ସ୍ୱାଇଁ, ସନ୍ତୋଷ ସ୍ୱାଇଁ , ସନ୍ତୋଷ ମହାନ୍ତି, କାଶୀନାଥ ନାୟକ, ମଣ୍ଟୁ ଜେନା, କାହ୍ନୁ ସାହାଣୀ, ସୁଶାନ୍ତ କୁମାର ରଥ, ମିଥୁନ ସାହୁ,ଦେବୀ ପ୍ରସାଦ ମିଶ୍ର, ଦିବାକର ସାହୁ, ହରି ସିଂ, ପ୍ରଭାକର ବେହେରା, ବେଣୁଧର ଦାସ, ଅନୁପ କୁମାର ଦାସ ଓ ରାଜୁ ବାରୀକ ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରୀରାମ ଲୀଳା ନାଟକ ମହୋତ୍ସବ ଉଦ୍‌ଯାପିତ



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁର ୮୪ ତମ ଶ୍ରୀରାମ ଲୀଳା ନାଟକ ମହୋତ୍ସବ ଉଦଯାପିତ ହୋଇଛି । ଦିନ ବେଳା ରାମାୟଣ ପଠନ ଶେଷ ହୋଇଥିବା ବେଳେ ଶେଷ ରଜନୀରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ନାଟକ ଓ ସୀତାଙ୍କ ଅଗ୍ନିପରୀକ୍ଷା ଆଦି ମଞ୍ଚସ୍ଥ ହୋଇଥିଲା । ଶ୍ରୀରାମ ନବମୀ ଠାରୁ ପ୍ରତିଦିନ ରାମାୟଣ ପଠନ, ଶ୍ରବଣ ଅନୁଷ୍ଠିତ ହୋଇଆସୁଥିବା ବେଳେ ଜଗନ୍ନାଥ ମନ୍ଦିର ସମ୍ମୁଖ ରାମଲୀଳା ମଣ୍ଡପ ମଞ୍ଚ ରେ ରାମାୟଣ ର ବିଭିନ୍ନ କଥାବସ୍ତୁ ଗାଁ ର କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ୮୪ ବର୍ଷ ଧରି ଏହି ଧାର୍ମିକ,ପୌରାଣିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଆସୁଛି। ଏହି ନାଟକ ଦେଖିବାକୁ ପ୍ରତିଦିନ ଶତାଧିକ ଧାର୍ମିକ ଓ କଳାପ୍ରେମୀଙ୍କ ଭିଡ଼ ହୋଇଥିଲା। ଚଳିତ ବର୍ଷ ଶେଷ ରଜନୀରେ ଶ୍ରୀରାମ ଭୂମିକାରେ ବୈଦ୍ୟନାଥ ମିଶ୍ର,ଲକ୍ଷ୍ମଣ ଜୁନେଶ ସାହୁ ,ସୀତା ପ୍ରିତମ ମିଶ୍ର ,ଭରତ ଶିଶିର ପଧାନ, ଶତ୍ରୁଘ୍ନ ଜିତୁ ପାଇକ, ହନୁମାନ -କନ୍ଦର୍ପ ଭୋଇ ସମେତ ଆନନ୍ଦ, ଶଙ୍କର, ସୌମ୍ୟରଞ୍ଜନ,ଶରତ, ମକରନ୍ଦ, ହିମାଂଶୁ, ଯଶୋବନ୍ତ ସାହୁ ପ୍ରମୁଖ ବିଭିନ୍ନ ଭୂମିକା ରେ ଅଭିନୟ କରିଥିଲେ । ବାଦ୍ୟଯନ୍ତ୍ର ରେ ରଞ୍ଜନ ସାହୁ, କୈଳାସ ଭୋଇ, ପିଣ୍ଟୁ,ପୁରାଣ ପଠନ ଓ ପାଲିଆ ରୂପେ ରାମନାରାୟଣ ଭୋଇ ,ଦେବେନ୍ଦ୍ର ସାହୁ, ବିଘ୍ନ,ଭରତ,ଆଲୋକ, ମଞ୍ଚ ସାଜସଜ୍ଜା ରେ ସୁରୁକୁନୁ ସାହୁ ଚୁଡ଼ାମଣି,ଠଣ ସୁନ୍ଦର, ସିଲୁ, ବିଶ୍ୱ, ପ୍ରମୁଖ ସହଯୋଗ କରିଥିଲେ।

# ଠିକାଦାର ଗିରଫ



## ସରକାରୀ ଅର୍ଥ ହେରଫେର ଅଭିଯୋଗ

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡିଆଳ ଜଳ ବିଭାଜିକା ପ୍ରକଳ୍ପରେ ୨୦୨୨/୨୩ ମସିହାରେ ଚେକ ଡ୍ୟାମ ଓ ଫିଲଡ଼ ବାଇଣ୍ଡିଙ୍ଗ ଓ ଲୁଜ ବୋଲ୍ଡର କାର୍ଯ୍ୟ କରି ୫୬,୯୩,୯୫୭ ଟଙ୍କା ସରକାରୀ ଅର୍ଥ ଅନୀୟମିତତା ଅଭିଯୋଗରେ କାର୍ଯ୍ୟରତ ଠିକାଦାର ଲକ୍ଷ୍ମୀଧର ରାଉତରାୟ ଜିଲ୍ଲା ନୟାଗଡ, ଥାନା ବୋଲଗଡ଼, ଗ୍ରାମ ଦଳେଇ ସାହିଙ୍କୁ କୋରାପୁଟ ଭିଜିଲାନ୍ସ ବିଭାଗ କେଶ ନମ୍ବର୍ ୧୭ ଡିଟିଡି ୨୪.୦୪.୨୦୨୫ ରେ ମାମଲା ରୁଜୁକରି ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଶ୍ରୀ ରାଉତରାୟଙ୍କୁ ଗିରଫ କରିଥିବା ବେଳେ ତାଙ୍କ ସହ ମୃତ୍ତିକା ସଂରକ୍ଷଣ ବିଭାଗର ପର୍ଯ୍ୟବେକ୍ଷକ ହରିଶ୍ଚନ୍ଦ୍ର ବେଷ୍ଟକାରଙ୍କ ସଂପୃକ୍ତି ଥିବା ଜଣାପଡିଛି। ଶ୍ରୀ ବେଷ୍ଟକାର କୋର୍ଟଙ୍କ ଆଶ୍ରୟ ନେଇଥିବା ବେଳେ ଏହି ଘଟଣାରେ ଲକ୍ଷ୍ମୀଧର ରାଉତରାୟଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ଅଧିକ ତଦନ୍ତ କରୁଥିବା ବିଭାଗ ପକ୍ଷରୁ ପ୍ରକାଶ।

# ରୋହିଙ୍ଗ୍ୟାମାନଙ୍କ ବିରୁଦ୍ଧରେ ଥାନାରେ ଏତଲା

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ରେ କିଛି ବର୍ଷ ହେବ ଦିନ କୁ ଦିନ ରୋହିଙ୍ଗ ।ୟ। ମାନଂକ ଅନୁପ୍ରବେଶ ବଢିବାରେ ଲାଗିଛି। ଫଳ ରେ ସହର ରେ କିଛି ନା କିଛି ଅପ୍ରୀତିକର ପରିସ୍ଥିତି ଘଟିବାରେ ଲାଗିଛି। ଏହି ରୋହୀଙ୍ଗୀୟ ମାନେ ଉମରକୋଟ ସହର ର ଡଙ୍ଗରି ଗୁଡା, ନୁଆ ବସ ଷ୍ଟାଣ୍ଡ, କେନାଲ ସାହି, ଡଙ୍ଗରି ସାହି ଏପରିକି ବିଭିନ୍ନ ଅଞ୍ଚଳ ରେ ନିଜ ନିଜ କାୟା ବିସ୍ତାର କରି ଅନ୍ୟତିକ କାର୍ଯ୍ୟ ରେ ଲିପ୍ତ ରହୁଛନ୍ତି। ଏହି ମାନେ କଳ କୌଶଳ କରି ପଶ୍ଚିମବଙ୍ଗ ରୁ ଆଧାର କାର୍ଡ କରି ଭାରତ ର ନାଗରିକ ବୋଲି ଦାବି କରୁଛନ୍ତି। ଏଠି ସହ ଉତ୍ତର ପ୍ରଦେଶ ଓ ବିହାର ରୁ ମଧ୍ୟ ମୁସଲିମ ଲୋକ ମାନେ ଆସି ଏଠାରେ ବସତି ସ୍ଥାପନ କରି ସନ୍ଦେହ ଜଣକ କାର୍ଯ୍ୟ ରେ ଲିପ୍ତ ରହୁଛନ୍ତି।



ଅଞ୍ଚଳ ରେ ଶାନ୍ତି ବଜାୟ ରଖିବା ପାଇଁ ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଜି ଉମରକୋଟ ଥାନା ରେ ସହର ର କିଛି ବୁଦ୍ଧି ଯିବି ଯାଇ ଏତଲା ଦେଇଛନ୍ତି।

# ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ପାଇଁ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ସ୍ଥାନୀୟ ଜି ଏନ ଏମ ସମ୍ମିଳନୀ କକ୍ଷ ଠାରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ୨୦୨୫ ପାଳନ କରିବାକୁ ଯାଇ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯଥାସମ୍ଭବ ସ୍କ୍ରିନିଂ କରି ପଜିଟିଭ୍ ଚିହ୍ନଟ ବ୍ୟକ୍ତିମାନଙ୍କୁ ଚିକିତ୍ସା କରିବା ସହ ମସାରି ବ୍ୟବହାର ପାଇଁ ମଞ୍ଚାସିନ ଅତିଥି ମାନେ ଉପସ୍ଥିତ ଆଶା କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଆଜିର ଏହି ମହତ୍ୱପୂର୍ଣ୍ଣ ଦିବସରେ ସମସ୍ତଙ୍କୁ ମଶାରି ବ୍ୟବହାର କରିବା ସହ ଜ୍ୱର ଆସିବାକ୍ଷଣି ସ୍ଥାନୀୟ




ଆଶାଙ୍କ ନିକଟକୁ ଯାଇ ରକ୍ତପରୀକ୍ଷା କରି ସଠିକ ମାତ୍ରାର ଔଷଧ ସେବନ କରିବାକୁ ଅନୁରୋଧ କରିଥିଲେ । ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ଜିଲ୍ଲାରେ ମ୍ୟାଲେରିଆ ସ୍ଥିତି ଓ ଏହାର ପ୍ରତିକାର ପାଇଁ ସରକାର କ'ଣ କ'ଣ ପଦକ୍ଷେପ ନେଉଛନ୍ତି ଏବଂ ଜଣେ ସାଧରଣ ଲୋକର ଦାୟିତ୍ୱ କ,ଣ ରହିଛି ତାହା ଉପରେ ଆଲୋଚନା କରିଥିଲେ । ସମସ୍ତେ ମିଶି ମ୍ୟାଲେରିଆର ମୂଳଉତ୍ପାଟନ ପାଇଁ ଶପଥ ପାଠ କରିଥିଲେ । ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା କିଛି କର୍ମକର୍ତ୍ତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କଲ୍ୟାଣୀ ମିଶ୍ର, ସହକାରୀ ବନ ସଂରକ୍ଷକ(କେନ୍ଦୁ ପତ୍ର), ଫୁଲବାଣୀ ଶ୍ରୀ ଚନ୍ଦ୍ରସେନ ପୂଜାରୀ, ଡି.ପି.ଇ.ଓ ଶ୍ରୀ ସଞ୍ଜୟ କୁମାର ପାତ୍ର, ଆଡମିନିଷ୍ଟ୍ରେଟିବ୍ ଅଫିସର ଶ୍ରୀ ସୌଭାଗ୍ୟ ରଞ୍ଜନ ପଣ୍ଡା,ଜିଲ୍ଲା କାର୍ଯ୍ୟକ୍ରମ କରିଚଳକ ମନୋରଞ୍ଜନ ସାହୁ, ସହକାରୀ ମସ୍ତ ଅଧିକାରୀ, ଫୁଲବାଣୀ ଶ୍ରୀ କାହ୍ନୁ ଚରଣ ମୁଖି , କାର୍ଯ୍ୟକ୍ରମ ପରିଚାଳକ, ସ୍ୱାତି ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ, ପ୍ରକଳ୍ପ ସହାୟକ , ବନବାସୀ ସେବାସମିତି ଶ୍ରୀ ଦୋଳଗୋବିନ୍ଦ ମହାରଣା, ଆଶା କର୍ମୀ, ସରକାରୀ ନର୍ସିଂ କଲେଜର ଛାତ୍ର ଛାତ୍ରୀ ଓ କର୍ମକର୍ତା ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଅନ୍ତଃରାଜ୍ୟ ଜୁଆଆଡ୍ଡା ଉପରେ ଚଢ଼ାଉ, ୧୪ ଗିରଫ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଅନ୍ତଃରାଜ୍ୟ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ବନ୍ଧୁଗାଁ ପୋଲିସ ୧୪ ଜୁଆଡ଼ିଙ୍କୁ ଗିରଫ କରିଛି ।ଜୁଆଡ଼ି ମାନେ ହେଲେ ଓଡ଼ିଶାର ଦୁଇଜଣ ରୋହିତ କୁମାର କାଲ୍ମା ଓ ସଞ୍ଜୟ କାଲ୍ମା। ବାକି ଆନ୍ଧ୍ର ପ୍ରଦେଶର ୧୨ ଜଣ ହେଲେ ୱାଇ.ସୁଧାକର, ପି.ନାଇଡୁ, ଜି.ଶ୍ରୀନିବାସ, ପି.ଅଜୟ,ଆର.ପ୍ରକାଶ, ପି.ଲକ୍ଷ୍ମଣ, ୱାଇ.ପବନ, କେ.ଶଶା ଗୀରି ରାଓ,ପି.ଆପାଲ ନାଇଡୁ,ବି.ଶ୍ରୀନିବାସ ରାଓ,ଏଛ.ଶ୍ରୀନିବାସ ଓ ୱାଇ.ଶ୍ରୀନୁ। ପୋଲିସ ସୂତ୍ରରୁ ପ୍ରକାଶ ବନ୍ଧୁଗାଁ ଥାନା ଅନ୍ତର୍ଗତ ଆନ୍ଧ୍ର ଓ ଓଡିଶା ସୀମାନ୍ତରେ ଥିବା ଚିଡିବାଲସା ଜଙ୍ଗଲରେ ଶୁକ୍ରବାର ରାତିରେ ବଡ଼ ଧରଣର ଏକ ଜୁଆ ଖେଳ ଚାଲିଥିବା ପୋଲିସକୁ ଖବର ମିଳିଥିଲା ।ଖେଳରେ ସାମିଲ ଥିବା ଦୁଇଟି ରାଜ୍ୟର ୧୪ ରୁ ଊର୍ଦ୍ଧ୍ୱ ଜୁଆଡିଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇ ତିନିଟି ଗାଡ଼ିରେ ଯାଇ ଘଟଣା ସ୍ଥଳରେ ପହଞ୍ଚି ସମସ୍ତିଙ୍କୁ ଥାନାକୁ ଆଣି ଥିଲା ।ସେମାନଙ୍କ ଠାରୁ ୭୫ ହଜାର ଟଙ୍କା ସହ ୨ଟି କାର,୧୪ ଟି ମୋବାଇଲ, ୧୦ଟି ବାଇକ ଜବତ କରାଯାଇଥିବା ବେଳେ ଆଜି ସେମାନଙ୍କୁ ନୋଟିସ ଜାରି କରି ଛଡାଯାଇଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଲକ୍ଷ୍ମୀପୁର ଏସଡିପିଓ ବିରଞ୍ଚି ନାରାୟଣ ଜଗତ, ବନ୍ଧୁଗାଁ ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କ ସମେତ ପୋଲିସ କର୍ମୀ ସାମିଲ ଥିଲେ।

# ଆତଙ୍କବାଦୀଙ୍କ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଖପ୍ରାଖୋଲ (ଭାସ୍କର ନ୍ୟୁଜ): କାଶ୍ମୀର ର ପହଲଗାମ୍ ଠାରେ ଗତ ୨୨ ତାରିଖ ଆତଙ୍କବାଦୀ ଆକ୍ରମଣରେ ରେ ୨୭ ଜଣ ପର୍ଯ୍ୟଟକଙ୍କ ଅକାଳ ବିୟୋଗ ହୋଇଥିଲା। ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ବ୍ଲକ ପ୍ରଶାସନ ଓ ବିଭିନ୍ନ ସଂଗଠନ ତରଫରୁ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଦର ମହକୁମା ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଶୋକସଭା ସହ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପମୁଖ୍ୟମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା,ବ୍ଲକ୍ ସହ ଶିକ୍ଷା ଅଧିକାରୀ ଷଡ଼ଙ୍ଗୀ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଯୋଗାଣ ଅଧିକାରୀ ବିକାଶ ବାର୍ଲା,ରାଜକିଶୋର ନାଏକ , ବିଜେପି ବ୍ଲକ୍ ସଭାପତି ଉମାକାନ୍ତ ପ୍ରଧାନ, ସତ୍ୟାନନ୍ଦ ସେହ୍ରିଆ, ଆକାଶ ମଣ୍ଡଳ, ଜିତେନ୍ଦ୍ର ପଣ୍ଡା,ବୁଲୁ ପଣ୍ଡା, ଅଭୟ ତ୍ରିପାଠୀ, ତାପସ ବେହେରା, ସମେତ ବ୍ଲକ୍ ପ୍ରଶାସନ, ପ୍ରେସ କ୍ଲବ, ବିଭିନ୍ନ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତନ ଘର ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ ହେବାକୁ ଥିବା ୫ ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମର ରଜାବନ୍ଧ ନିକଟରେ ଗ୍ରାମବାସୀ ପହଞ୍ଚି ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା କରି ମହିଳାମାନେ କଳସରେ ଜଳ ଭର୍ତ୍ତି କରି ନାମ ସଂକୀର୍ତ୍ତନ ସହ ଯଜ୍ଞ ମଣ୍ଡପ ନିକଟକୁ ଶୋଭାଯାତ୍ରାରେ ଆଣି ସ୍ଥାପନ କରିଥିଲେ। ଆସନ୍ତାକାଲି ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଅନୁଷ୍ଠିତ ହୋଇ ୨୮ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି ସୂଚନା ମିଳିଛି ।





ପୁରୀ (ଭାସ୍କର ନ୍ୟୁଜ) : ତ୍ୟାଗ, ସେବା ଓ ପରୋପକାର ଦିବ୍ୟ ଗୁଣ।ଏହା ଅର୍ଥ ଦ୍ୱାରା ନୁହେଁ ନିଜ ଅକ୍ଳାନ୍ତ ପ୍ରଚେଷ୍ଟା ଓ ନିସ୍ୱାର୍ଥପର ପ୍ରତିବଦ୍ଧତା ଦ୍ୱାରା ହାସଲ କରାଯାଇପାରେ ବୋଲି ପ୍ରମାଣ କରିଛନ୍ତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ବୋଲି କହିଛନ୍ତି ଉପ ଜିଲ୍ଲାପାଳ ରାଜ କିଶୋର ଜେନା।ଆଜି ପୂର୍ବାହ୍ନ ରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ଜୟନ୍ତୀ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପ ଜିଲ୍ଲାପାଳ ଶ୍ରୀ ଜେନା ଜଣେ ମହାରାଜା ଭାବେ ସମସ୍ତ ସୁବିଧା ଓ ସ୍ୱଚ୍ଛନ୍ଦ ଜୀବନ ଅତିବାହିତ ର ସୁଯୋଗ ଥିବା ସତ୍ତ୍ୱେ ପାରଳା ମହାରାଜା ସ୍ୱତନ୍ତ୍ର ଓଡ଼ିଶା ଗଠନ, ଭାଷାର ସୁରକ୍ଷା, ସ୍ୱାସ୍ଥ୍ୟ ସେବା,ଶିକ୍ଷା,ସାମାଜିକ ସେବା ଇତ୍ୟାଦି ପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କରିଥିଲେ।ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ତ୍ୟାଗ ଓ ସଂସ୍କାର କରିଛନ୍ତି।ଆଜିର ଦିବସରେ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇବା ସହ ତାଙ୍କ ଜୀବନୀରୁ ସେବା ପାଇଁ ଯଦି କିଛି ଶିଖି ଆମ ଜୀବନରେ ଲଗାଇ ପାରିବା ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ।ମୁଖ୍ୟ ବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟୀକାୟତରାୟ ପାରଳା ମହାରାଜା ଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ପାରଳା ମହାରାଜା ଙ୍କ ବିନା ଏକ ସ୍ୱତନ୍ତ୍ର ଓଡିଶା ଗଠନ ହୁଏତ ସମ୍ଭବ ହୋଇ ପାରି ନ ଥାନ୍ତା ବୋଲି କହିଥିଲେ।

## ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ପାଠ୍ୟ ପୁସ୍ତକ ଯୋଗାଣ

ବୋଲଗଡ (ଭାସ୍କର ନ୍ୟୁଜ): ରାଜ୍ୟ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କର ମିଳିତ ଦାବୀ ଯୋଗୁଁ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ୨୫ଟି ଘରୋଇ ଶିକ୍ଷାଅନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କର ଶିକ୍ଷା ଅଧ୍ୟୟନ ଓ ଶିକ୍ଷାର ବିକାଶ ପାଇଁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦେଇଅଛନ୍ତି । ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ନାଥ ସ୍ୱାଇଁଙ୍କ ସହାୟତାରେ ୨୫ଟି ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନ ଆଚାର୍ଯ୍ୟ /ପ୍ରଧାନ ଆଚାର୍ଯ୍ୟା ମାନଙ୍କୁ ମାଗଣାରେ ଆବଶ୍ୟକୀୟ ପାଠ୍ୟ ପୁସ୍ତକ ମାନ ଯୋଗାଇଦେଇଥିଲେ । ଛାତ୍ର ଛାତ୍ରୀମାନେ ଦେଶ ଓ ଜାତିର ଭବିଷ୍ୟତ ହୋଇଥିବାରୁ ରାଜ୍ୟ ବିଜେପି ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତ୍ୱ ଦେଇ ଛାତ୍ର ଛାତ୍ରୀମାନଙ୍କୁ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦେଇଅଛନ୍ତି । ପରବର୍ତ୍ତି ପ୍ରଯ୍ୟାୟରେ ସରକାରୀ ବିଦ୍ୟାଳୟ ଗୁଡିକ ଭଳି ସମସ୍ତ ଘରୋଇ ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀମାନଙ୍କୁ ବିଜେପି ସରକାର ମାଗଣାରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରିବେ ବୋଲି ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ଜଣାପଡ଼ିଛି । ସମସ୍ତ ଘରୋଇ ଛାତ୍ର ଛାତ୍ରୀମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ମଧ୍ୟାହ୍ନ ଭୋଜନ, ପୋଷାକ ପତ୍ର, ଜୋତା, ମୋଜା ଓ ଶିକ୍ଷା ଦାନ କରୁଥିବା ସମସ୍ତ ଗୁରୁଜୀ /ଗୁରୁମା ମାନଙ୍କୁ ମାସିକ କିଛି ପାରିଶ୍ରମିକ ମଜୁରୀ ଦେବା ପାଇଁ ରାଜ୍ୟ ଘରୋଇ ସ୍କୁଲ ସଂଘ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ପାକିସ୍ତାନୀ...

ସରକାରଙ୍କୁ ଅନୁରୋଧ କରୁଛି, ମୋ ପରିବାରଠାରୁ ମୋତେ ଅଲଗା କରନ୍ତୁ ନାହିଁ । ସେହିପରି ଭୁବନେଶ୍ୱରରେ ଜଣେ ପାକିସ୍ତାନୀ ମହିଳା ଚିହ୍ନଟ ହୋଇଛନ୍ତି। ତାଙ୍କନାମ ନଗମା ୟେସୁଫ ବୋଲି ସୂଚନା ମିଳିଛି। ୨୦୦୮ରୁ ଦୀର୍ଘମିଆଦୀ ଭିସାରେ ସେ ଭୁବନେଶ୍ୱରରେ ରହିଥିବାବେଳେ ୨୦୦୮ରୁ ଜଣେ ଓଡ଼ିଆଙ୍କୁ ବିବାହ କରି ରହୁଛନ୍ତି। ତାଙ୍କର ଭିସା ଅବଧି ୨୦୨୪ରେ ସରିଯାଇଛି। କମିଶନରେଟ ପୋଲିସ ପକ୍ଷରୁ ତାଙ୍କୁ ଦେଶ ଛାଡ଼ିବା ପାଇଁ ନୋଟିସ କରାଯାଇଛି। ସେହିପରି କଟକରେ ପାକିସ୍ତାନୀ ନାଗରିକ ଚିହ୍ନଟ ହୋଇଥିବା ନେଇ କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**पुलिस अधीक्षक का कार्यालय, गुमला**

(गुमशुदा की तलाश)



सर्व साधारण को सुचित किया जाता है कि पीड़िता मुक्ता टोप्पो, जन्म तिथि दि0–31.03.2000 पे0 स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था, इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीनकिया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है।** इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक, गुमला – 9431706376
2. अनुमण्डल पुलिस पदाधिकारी, गुमला – 9431706202
3. थाना प्रभारी अहतु, गुमला – 6200383896, 8986604606

PR 351177 Police Wireless Headquarter(25-26).D

पुलिस अधीक्षक, गुमला

**କୃଷି ଓ କୃଷକଙ୍କ ପ୍ରଗତିରେ**

କୃଷିବୈଷୟିକ ପରିଚାଳନାସଂସ୍ଥା, ଆତ୍ମା, ମୟୂରଭଞ୍ଜ
AGRICULTURAL TECHNOLOGY MANAGEMENT AGENCY (ATMA) MAYURBHANJ

ମୟୂରଭଞ୍ଜ ଜିଲ୍ଲାରେକୃଷି ଓ ଆନୁଷଙ୍ଗିକ କୃଷିରବିକାଶ ନିମନ୍ତେ ୨୦୦୫ ମସିହାରୁ ପ୍ରତିଷ୍ଠିତ କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ମୟୂରଭଞ୍ଜ ନିମ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟ କରି ଆସୁଅଛି ।

- ଜିଲ୍ଲାରେ କୃଷିର ବିକାଶ ନିମନ୍ତେ Strategic Action Plan ପ୍ରସ୍ତୁତ କରି ଲକ୍ଷ୍ୟ ହାସଲ ଦିଗରେ କୃଷି ବିଭାଗ ଅଗ୍ରସର।
- ଫସଲ ବିବିଧତା (Crop Diversification) ଉପରେ ଗୁରୁତ୍ୱ ପ୍ରଦାନ ଏବଂ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ।
- ଅଣଧାନ ଯଥା ମକା, ମୁଗ, ବିରି, ଚିନାବାଦାମ, ରାଶି, ମାଣ୍ଡିଆ ଫସଲ ଚାଷଉପରେ ଅଧିକ ପ୍ରାଧାନ୍ୟ ଓ ପ୍ରୋତ୍ସାହନ ।
- କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ଓ ମତ୍ସ୍ୟ ଉନ୍ନୟନ ବିଭାଗର କାର୍ଯ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ସମନ୍ୱିତ ଚାଷ ପଦ୍ଧତି ଉପରେ ପ୍ରୋତ୍ସାହନ ।
- ଉନ୍ନତ ଧରଣର ବିଭିନ୍ନ ଫସଲ ପ୍ରଦର୍ଶନୀ କ୍ଷେତ, କୃଷି ସମ୍ବନ୍ଧୀୟ ତାଲିମ, ଦକ୍ଷତା ବୃଦ୍ଧି ତାଲିମ, କୃଷକ କ୍ଷେତ_ବିଦ୍ୟାଳୟ, ଶିକ୍ଷା ମୂଳକ ପରିଭ୍ରମଣ, କୃଷି ପ୍ରଦର୍ଶନୀ, କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର, ଇତ୍ୟାଦି ଦ୍ୱାରା ଚାଷୀ ଙ୍କ ଜ୍ଞାନ ବୃଦ୍ଧି ନିମନ୍ତେ ବ୍ୟବସ୍ଥା ।
- କୃଷି ଓ ଆନୁଷଙ୍ଗିକ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ କୃଷି ଉପଦେଷ୍ଟା ମଣ୍ଡଳୀର ସଭ୍ୟମାନଙ୍କର ତାଲିମ, ବିଭିନ୍ନ ବୈଷୟିକ ଓ ସୂଚନାମୂଳକ ପୁସ୍ତିକା ପ୍ରସ୍ତୁତି ଓ ବଣ୍ଟନ ।
- ବଳରାମ ଯୋଜନା ଆନୁକୂଲ୍ୟରେ ଭୂମିହିନ ଓ ଭାଗଚାଷୀଙ୍କ ପାଇଁ ଫସଲ ଋଣ ବ୍ୟବସ୍ଥା ।
- ପ୍ରତ୍ୟେକ ବ୍ଲକରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ କୃଷକ ମାନଙ୍କୁ କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧିୟ ସୂଚନା ପ୍ରଦାନ ।
- ଆଗ୍ରହୀ କୃଷକ ଗୋଷ୍ଠୀ, ମହିଳା କୃଷକ ଗୋଷ୍ଠୀ ଗଠନ ଓ ପ୍ରଶିକ୍ଷଣ ।
- ସଫଳ କୃଷକ ଓ କୃଷକ ଗୋଷ୍ଠୀଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ବ୍ୟବସ୍ଥା ।
- ମହିଳା କୃଷକ ଗୋଷ୍ଠୀ ମାନଙ୍କର ସାମୁହିକ ବିକାଶ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ୍ ଏବଂ ମୂଳରାଶି ପ୍ରଦାନ ।

କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ
ସଦା ସର୍ବଦା କୃଷକଙ୍କ ସେବାରେ କାର୍ଯ୍ୟରତ

ପ୍ରକଳ୍ପ ନିର୍ଦ୍ଦେଶକ,
କୃଷିବୈଷୟିକ ପରିଚାଳନାସଂସ୍ଥା,
ଆତ୍ମା, ମୟୂରଭଞ୍ଜ

RAIN, SUN AND FIREPROOF
KONARK IS THE RIGHT ROOF

KONARK
Right at the top

USE
KONARK
AC SHEETS & ACCESSORIES

**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



WHILE SOME PERSUE FOR EXCELLENCE
WE ARE BORN TO EXCELL.

## କୁହୁଡ଼ି ବସଷ୍ଟାଣ୍ଡ ବୋମାମାଡ ଘଟଣା

# ମାରଣାସ୍ତ୍ର ଜବତ, ୩ ଅଭିଯୁକ୍ତ ଗିରଫ



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ବସଷ୍ଟାଣ୍ଡ ରେ ଥିବା ଏକ ରାସନ ଦୋକାନ ରୁ ଜବରଦସ୍ତ ଲୁଟପାଟ କରିବା , ଦୋକାନ ମାଲିକ ଙ୍କୁ ମରଣାନ୍ତକ ଆକ୍ରମଣ ସାଙ୍ଗକୁ ବୋମାମାଡ , ଏହା ଏକ ଗୋଷ୍ଠୀ ବିବାଦ ହୋଇଥିବା କାରଣରୁ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଗଲା । ଏହି ଘଟଣାରେ ଆଜି ଟାଙ୍ଗୀ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ବସଷ୍ଟାଣ୍ଡ ରେ ସ୍ଥାନୀୟ ଗ୍ରାମର ଲକ୍ଷ୍ମୀଧର ବରାଳ ଙ୍କର ରହିଛି ଏକ ରାସନ ଦୋକାନ । ହଠାତ୍ ଅନ୍ୟ ଏକ ଗୋଷ୍ଠୀର ର କେତେକ ଯୁବକ ସେହି ଦୋକାନ ମାଲିକ ଙ୍କୁ ମରଣାନ୍ତକ ଆକ୍ରମଣ କରି ( ହଣାକଟା କରି ) ଜବରଦସ୍ତ ରାସନ ସାମଗ୍ରୀ ସହିତ ଟଙ୍କା-ପଇସା ଲୁଟପାଟ କଲେ । ଅନ୍ୟ ଲୋକମାନେ ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ମାନେ ଲୋକଙ୍କ ଉପରକୁ ବୋମାମାଡ କରି ଭୟର ବାତାବରଣ ସାଙ୍ଗକୁ ଆତଙ୍କ ସୃଷ୍ଟି କଲେ । ପରେ ପରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସାଙ୍ଗକୁ ବ୍ୟାପକ ଭଙ୍ଗାରୁଜା ହେଲା । ଦୀର୍ଘ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେଲା , ପରିସ୍ଥିତି କୁ କଣ୍ଟ୍ରୋଲ କରିବା ପାଇଁ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଗଲା । ଏହି ଘଟଣାରେ ଆତଙ୍କ ସୃଷ୍ଟି କରିଥିବା ୩ ଜଣ ଅଭିଯୁକ୍ତ ଦୀକ୍ଷିତପଡା ଗ୍ରାମର ଏସ୍.କେ. ନସମୁଲ୍ଲା , ଏସ୍.କେ ରଫିଦ୍ , ଏସ୍. କେ. ଅକ୍ତାର କୁ ଟାଙ୍ଗୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ଓ ମାରଣାସ୍ତ୍ର ଜବତ କରାଯାଇଛି । ଏମାନଙ୍କ ନାମରେ ଏକାଧିକ କେସ୍ ଥିବା ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି ।

## ୧୪ ଜୁଆଡ଼ି ଗିରଫ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ବନ୍ଧୁଗାଁ ପୋଲିସ କୁ ଏକ ବଡ଼ ଧରଣର ସଫଳତା ମିଳିଛି।ଶୁକ୍ରବାର ରାତିରେ ଏକ ଅନ୍ତଃ ରାଜ୍ୟ ଜୁଆ ଆଡା ଉପରେ ଚଢ଼ାଉ କରି ୧୪ ଯୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୭୫ ହଜାର ୪୫୭ ଟଙ୍କା ସହ ୨ଟି କାର,୧୪ ଟି ମୋବାଇଲ, ୧୦ଟି ବାଇକ ଜବତ କରିଛି।ଏନେଇ ବନ୍ଧୁଗାଁ ଥାନାରେ ୪୫/୨୫ ଏକ ମାମଲା ରୁଜୁ କରାଯାଇଛି।ଖବର ନେବାରେ ଜଣା ପଡିଛିକି ଶୁକ୍ରବାର ରାତିରେ ବନ୍ଧୁଗାଁ ଥାନା ଅନ୍ତର୍ଗତ ଆନ୍ଧ୍ର ଓ ଓଡିଶା ସୀମାନ୍ତରେ ଥିବା ଚିଡିବାଲସା ଜଙ୍ଗଲରେ ଏକ ବଡ଼ ଧରଣର ଜୁଆ ଖେଳ ଚାଲିଥିବା ପୋଲିସ କୁ ଖବର ମିଳିଥିଲା।ଖବର ପାଇ ଲକ୍ଷ୍ମୀପୁର ଏସଡ଼ିପିଓଙ୍କ ନେତୃତ୍ୱରେ ତିନୋଟି ଗାଡ଼ିରେ ଏକ ପୋଲିସ ଟିମ ଜୁଆ ଆଡା ଉପରେ ଚଢ଼ାଉ କରି ଦୁଇଟି ରାଜ୍ୟର ୧୪ ଜଣ ଜୁଆଡିଙ୍କୁ ଗିରଫ କରିଥିଲା।ସେମାନେ ହେଲେ ଓଡ଼ିଶା ଓ ଆନ୍ଧ୍ରପ୍ରଦେସର ପି.ଅଜୟ,ଆର.ପ୍ରକାଶ ,ପି.ଲକ୍ଷମଣ, ୱାଇ.ସୁଧାକର, ପି.ନାଇଡୁ, ଜି.ଶ୍ରୀନିବାସ,କେ.ସେଶା ଗିର୍ଡି ରାଓ,ପି.ଆପାଲ ନାଇଡୁ,ବି.ଶ୍ରୀନିବାସ ରାଓ, ୱା.ଶଶା ଗୀର୍ଡି ଇ.ପବନ,ଏ.ଶ୍ରୀନିବାସ, ୱାଇ.ଶ୍ରୀନୁ, ରୋହିତ କୁମାର କାଲ୍ଲା ଓ ସଞ୍ଜୟ କାଲ୍ଲା।ସମସ୍ତ ଯୁଆଡ଼ି ମାନଙ୍କୁ ଶନିବାର ଦିନ ନୋଟିସ ଦେଇ ଛଡା ଯାଇଥିବା ପୋଲିସ କହିଛି।

**AFFIDAVIT**

By virtue of an affidavit before The Executive Magistrate, Bhubaneswar, dated: 22.04.2025, I Naran Pradhan, Address: At- Ray-541, Kargil Road, Kargil Basti, Aerodrome Area, Ps- Airport, Bhubaneswar, Dist- Khordha, Odisha, PIN-751020, declare that I have changed my name from Naran Katari to Naran Pradhan. Henceforth, I shall be known as Naran Pradhan for all purposes.

Sd/- Naran Pradhan

**AFFIDAVIT**

By virtue of an affidavit before The Executive Magistrate, Bhubaneswar, dated: 16.04.2025, I Muna Nayak, Address: At- Near Science Park, Science Park Basti, Po- RRL, Ps- Sahid Nagar, Bhubaneswar, Dist- Khordha, Odisha, PIN-751013, declare that I have changed my daughter's name from Gudule Nayak to Kalpana Nayak. Henceforth, She shall be known as Kalpana Nayak for all purposes.

Sd/- Muna Nayak

**AFFIDAVIT**

By virtue of an affidavit before The Executive Magistrate, Cuttack, dated: 23.04.2025, I Gyana Manjari Sahoo, Address: At- Anantapur, Po- Dhurusia, Ps- Khuntuni, Dist- Cuttack, Odisha, PIN-754027, declare that I have changed my name from Gyan Manjari Sahoo to Gyana Manjari Sahoo. Henceforth, I shall be known as Gyana Manjari Sahoo for all purposes.

Sd/- Gyana Manjari Sahoo

**AFFIDAVIT**

By virtue of an affidavit before The Executive Magistrate, Dhenkanal, dated: 10.04.2025, I Dusmanta Padhan, Address: At- Korian, Po- Korian, Ps- Dhenkanal Town, Dist- Dhenkanal, Odisha, PIN-759013 declare that I have changed my name from Jashobant Padhan to Dusmanta Padhan. Henceforth, I shall be known as Dusmanta Padhan for all purposes.

Sd/- Dusmanta Padhan

# ପ୍ରଶାସନିକ କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଷ୍ଣୁଦେବଙ୍କ ନିର୍ଦ୍ଦେଶ

ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ଶ୍ରୀ ସାଏ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ପ୍ରମୁଖ ବିଭାଗର ୧୩ ସେବା ପାଇଁ ଜନସାଧାରଣଙ୍କୁ ବିଷ୍ଣୁଦେବ ଗ୍ୟାରେଣ୍ଟି ଦେଇଛନ୍ତି। ସେ କହିଛନ୍ତି, ନାଗରିକ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜରୁରି। ସେ କହିଥିଲେ,



ଏହିସବୁ ବିଭାଗ ଯଥା- ପର୍ଯ୍ୟାବରଣ ସଂରକ୍ଷଣ ମଣ୍ଡଳ, ସିଇସିବି, ବାଣିଜ୍ୟ ଏବଂ ଉଦ୍ୟୋଗ, ବୈଧ ମାପ ବିଜ୍ଞାନ, ନଗର ତଥା ଗ୍ରାମ ନିବେଶ ଏବଂ ଜଳ ସଂସାଧନ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ କୁହାଯାଇଛି। ସମୟସୀମା ମଧ୍ୟରେ ପଦକ୍ଷେପ ନେଇ ଏଗୁଡ଼ିକୁ ଶେଷ କରିବାକୁ ବିଷ୍ଣୁଦେବ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, ନୂଆ ବ୍ୟବସ୍ଥା ଅନୁଯାୟୀ ଏହି ୧୩ ସେବାପାଇଁ ନିର୍ଦ୍ଧାରିତ ସମୟସୀମା ପାଳନ ଅନିର୍ବାର୍ଯ୍ୟ ଅଟେ। ଯଦି କୌଣସି ବିଭାଗ ସମୟସୀମା ମଧ୍ୟରେ କାର୍ଯ୍ୟ କରିବାରେ ବିଫଳ ହୁଅନ୍ତି ତେବେ ସଂପୃକ୍ତ ଅଧିକାରୀଙ୍କୁ ଏଥିପାଇଁ କୈଫିୟତ ତଲବ କରାଯିବ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – **RDD/SD/CHAIBASA/18/2024-25**
**(3rd Call) (MMGSY)**

1.कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम (चाईबासा) जिला के सदर प्रखण्ड अन्तर्गत गाईसुटी पंचायत के ग्राम कांकी से गिंडीमुडी जाने वाली रास्ते में रोरो नदी पर पुल निर्माण। | 43078800.00 | 862000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 02.05.2025
3. ई–निविदा प्राप्ति की तिथि एवं समय–दिनांक 02.05.2025 से दिनांक 08.05.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.10.05.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अधोहस्ताक्षरी को सुरक्षित रहेगा एवं इस पर किसी प्रकार का दावा एवं आपत्ति मान्य नहीं होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,पश्चिमी सिंहभूम, चाईबासा

PR 351179 (West Singhbhum)25-26*D

**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**
**Notice No:-02/2025-26**

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for "Material" **Supplying, Installation, Testing and Commissioning of 2000 KVAR , HT APFC Panel and allied works at Raw water pumping plant, Gogna Maithan,of Dhanbad Urban Water Supply Scheme Phase-I** Works pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 29.04.2025 at 02:30 hrs. to 07.05.2025 at 05:00 hrs. The quotation will be opened on 08.05.2025 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer Drinking Water & Sanitation Mechanical Division Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

**Executive Engineer,**
**D.W. & S. Mechanical Division**
**Dhanbad.**

PR 351157 (Drinking Water and Sanitation)25-26*D

Ministry of Electronics and Information Technology, Government of India
सत्यमेव जयते

**ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେସନ୍ ଟେକ୍ନୋଲୋଜି**
ଡିଷ୍ଟିଂକ୍ଟ ବର୍ଗରେ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ଭାବରେ ବିବେଚିତ
ମୁଖ୍ୟ କ୍ୟାମ୍ପସ୍: ଏନ୍ଆଇଇଏଲଆଇଟି ରୋପାର, ବଡ଼ ଫୁଲ୍, ରୂପନଗର (ରୋପାର), ପଞ୍ଜାବ-୧୪୦୦୦୧

रा.इ.सू.प्रौ.सं
NIELIT

ସାନ୍ନିଧାନିକ କ୍ୟାମ୍ପସ୍: ଅଗରତାଲା, ଆଇଜଲ୍, ଔରଙ୍ଗାବାଦ, କାଲିକଟ, ଗୋରଖପୁର, ଇମ୍ଫାଲ, ଇଟାନଗର, କେକ୍ରି (ଆଜମେର) କୋହିମା, ପାଟନା, ଶ୍ରୀନଗର


**ଆମ ବିଷୟରେ**

ADMISSION For 2025-26 OPEN

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେସନ୍ ଟେକ୍ନୋଲୋଜି (ଏନ୍ଆଇଇଏଲଆଇଟି) ହେଉଛି ୟୁଜିସି (ଇନଷ୍ଟିଚ୍ୟୁଟ୍ ଡିମ୍ଡ ଟୁ ବି ୟୁନିଭର୍ସିଟି) ନିୟମାବଳୀ, ୨୦୨୩ ଅନୁଯାୟୀ ସ୍ୱତନ୍ତ୍ର ବର୍ଗରେ ଏକ ଡିମ୍ଡ ଟୁ ବି ୟୁନିଭର୍ସିଟି। ଏହା ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେସନ୍ ଟେକ୍ନୋଲୋଜି ମନ୍ତ୍ରଣାଳୟ ଅଧୀନରେ ଏକମାତ୍ର ବିଶ୍ୱବିଦ୍ୟାଳୟ। ବିଶ୍ୱବିଦ୍ୟାଳୟଟି ୟୁଜି, ପିଜି ଏବଂ ଡିପ୍ଲୋମା ସ୍ତରରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କାର୍ଯ୍ୟକ୍ରମ ପ୍ରଦାନ କରେ, ଯାହା ଏହାର ମୁଖ୍ୟ କ୍ୟାମ୍ପସ୍ ଏବଂ ୧୧ଟି ଅନ୍ୟ ସାନ୍ନିଧାନିକ ୟୁନିଟ୍ ପାଇଁ ଗବେଷଣା ଏବଂ ଶିଳ୍ପ-ପ୍ରାସଙ୍ଗିକ।

CBC 06141/12/0003/2526

ପ୍ରମୁଖ ଉଲ୍ଲେଖନୀୟ ବିଷୟଗୁଡ଼ିକ



ସ୍ମାର୍ଟ ଲ୍ୟାବ୍ ସାଇବର ଫୋରେନସିକ୍ ଲ୍ୟାବ୍ ଭର୍ଚୁଆଲ୍ ଅକାଡେମୀ ଆଇସିଏସ୍ଏଏସ୍ ଆପ୍

**୨୭ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍**
- ଏଆଇ ସ୍କିଲ୍ସ ସହିତ ଭବିଷ୍ୟତର କର୍ମଚାରୀଙ୍କୁ ସଶକ୍ତ କରିବା
- ଉଚ୍ଚ-ସ୍ତରୀୟ ମେସିନ୍ ସହିତ ଲ୍ୟାବ୍
- ଟାୟାର ୨ ଏବଂ ଟାୟାର ୩ ସହରରେ ସ୍ଥାପିତ

ଆବେଦନ କରନ୍ତୁ

ରାଉଣ୍ଡ ୧:
ଆବେଦନର ଶେଷ ତାରିଖ : ୨୦/୦୫/୨୦୨୫
ପ୍ରବେଶ ପରୀକ୍ଷା ତାରିଖ: ୦୫/୦୫/୨୦୨୫ ରୁ ୧୨/୦୬/୨୦୨୫

ରାଉଣ୍ଡ ୨:
ଆବେଦନର ଶେଷ ତାରିଖ : ୧୧/୦୭/୨୦୨୫
ପ୍ରବେଶ ପରୀକ୍ଷା ତାରିଖ: ୦୧/୦୮/୨୦୨୫ ରୁ ୦୮/୦୮/୨୦୨୫

**ପ୍ରଦାନ କରାଯାଇଥିବା କାର୍ଯ୍ୟକ୍ରମ (୨୦୨୫-୨୬)**

| ମାଷ୍ଟର ଡିଗ୍ରୀ କାର୍ଯ୍ୟକ୍ରମ | କ୍ୟାମ୍ପସ୍ |
|---|---|
| ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଏମ୍.ଟେକ | ରୋପାର, ଇମ୍ଫାଲ୍, ଔରଙ୍ଗାବାଦ |
| ଡାଟା ଇଞ୍ଜିନିୟରିଂରେ ଏମ୍. ଟେକ୍ | ଅଗରତାଲା, ରୋପର |
| ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସରେ ଏମ୍. ଟେକ୍ | କାଲିକଟ୍, ରୋପର |
| ଇଲେକ୍ଟ୍ରୋନିକ୍ ଡିଜାଇନ୍ ଏବଂ ପ୍ରଯୁକ୍ତିବିଦ୍ୟାରେ ଏମ୍. ଟେକ୍ | କାଲିକଟ, ଗୋରଖପୁର |
| ଏମ୍ବେଡେଡ୍ ସିଷ୍ଟମ୍ସରେ ଏମ୍. ଟେକ୍ | କାଲିକଟ |
| ଏମ୍ବେଡେଡ୍ ସିଷ୍ଟମ୍ସ ଏବଂ ଭିଏଲ୍ଏସ୍ଆଇ ଡିଜାଇନ୍ରେ ଏମ୍. ଟେକ୍ | ଔରଙ୍ଗାବାଦ, ଗୋରଖପୁର |
| ସାଇବର ଫୋରେନସିକ୍ସରେ ଏମ୍. ଟେକ୍ | ଶ୍ରୀନଗର |
| ସାଇବର ଫୋରେନସିକ୍ସ ଏବଂ ଇନଫରମେସନ୍ ସିକ୍ୟୁରିଟିରେ ଏମ୍. ଟେକ୍ | ରୋପର, କୋହିମା |
| ଆଇଓଟି ଏବଂ ସେନ୍ସର ସିଷ୍ଟମ୍ସରେ ଏମ୍. ଟେକ୍ | ରୋପର |
| ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡାଟା ସାଇନ୍ସରେ ଏମ୍. ଟେକ୍ | ଅଜମେର |
| କମ୍ପ୍ୟୁଟର ଆପ୍ଲିକେସନ୍ସରେ ମାଷ୍ଟର (ଏମ୍ସିଏ) | ପାଟନା, ଏଜୱାଲ, ଇମ୍ଫାଲ, କୋହିମା, ଶ୍ରୀନଗର |
| ବାୟୋଇନଫର୍ମେଟିକ୍ସରେ ଏମ୍.ଏସ୍.ସି | ଇମ୍ଫାଲ |
| କମ୍ପ୍ୟୁଟର ସାଇନ୍ସରେ ଏମ୍.ଏସ୍.ସି. (ଡାଟା ସାଇନ୍ସରେ ବିଶେଷଜ୍ଞତା ସହିତ) | କାଲିକଟ, ଇଟାନଗର |
| ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେସିନ ଲର୍ଣ୍ଣିଂରେ ଏମ୍ଏସ୍ସି | ଶ୍ରୀନଗର |
| ଇନଫରମେସନ ଟେକ୍ନୋଲୋଜିରେ ଏମ୍.ଏସ୍.ସି. | ଅଗରତାଲା, ଇମ୍ଫାଲ |

| ସ୍ନାତକ ଡିଗ୍ରୀ କାର୍ଯ୍ୟକ୍ରମ | କ୍ୟାମ୍ପସ୍ |
|---|---|
| ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବି.ଟେକ୍ | ଔରଙ୍ଗାବାଦ |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ବି.ଟେକ୍ | ପାଟନା, ଔରଙ୍ଗାବାଦ |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ବି.ଟେକ୍ (ଏଆଇ ଏବଂ ଏମ୍ଏଲ୍) | ରୋପର |
| ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ - ଲାଟେରାଲ ଏଣ୍ଟ୍ରିରେ ବି.ଟେକ୍ | ଔରଙ୍ଗାବାଦ |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ - ଲାଟେରାଲ ଏଣ୍ଟ୍ରିରେ ବି.ଟେକ୍ | ଔରଙ୍ଗାବାଦ, ପାଟନା |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ (ଏଆଇ ଏବଂ ଏମ୍ଏଲ୍) - ଲାଟେରାଲ ଏଣ୍ଟ୍ରିରେ ବି.ଟେକ୍ କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ (ଏଆଇ ଏବଂ ଏମ୍ଏଲ୍ ସହିତ ମାଇନର) | ରୋପର |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ବିଟେକ୍ (ଏଆଇ ଏବଂ ଏମ୍ଏଲରେ ମାଇନର) | ଗୋରଖପୁର |
| ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂ (ୱେରେବଲ୍ ଇଲେକ୍ଟ୍ରୋନିକ୍ସ ସହିତ ମାଇନର)ରେ ବି.ଟେକ୍ | ଗୋରଖପୁର |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ (ବ୍ଲକ୍ ଚେନ୍ ଟେକ୍ନୋଲୋଜି ସହିତ ଆଇଓଟି ଏବଂ ସାଇବର ସିକ୍ୟୁରିଟି)ରେ ବି.ଟେକ୍ | ଆଜମେର |
| କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ (ବ୍ଲକ୍ ଚେନ୍ ଟେକ୍ନୋଲୋଜି ସହିତ ଆଇଓଟି ଏବଂ ସାଇବର ସିକ୍ୟୁରିଟି) - ଲାଟେରାଲ ଏଣ୍ଟ୍ରି ରେ ବି.ଟେକ୍ | ଆଜମେର |
| ବ୍ୟାଚେଲର୍ ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍ (ବିସିଏ) | ଅଗରତାଲା, ପାଟନା, ଆଜମେର, ଏଜୱାଲ, ଇମ୍ଫାଲ, କୋହିମା, ଶ୍ରୀନଗର |
| କମ୍ପ୍ୟୁଟର ସାଇନ୍ସରେ ବି.ଏସ୍ସି | ଇମ୍ଫାଲ, କୋହିମା |
| ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେସିନ୍ ଲର୍ଣ୍ଣିଂରେ ବି.ଏସ୍ସି | ଶ୍ରୀନଗର |

| ପିଜି ଡିପ୍ଲୋମା ପ୍ରୋଗ୍ରାମ୍ | କ୍ୟାମ୍ପସ୍ |
|---|---|
| କମ୍ପ୍ୟୁଟର ଆପ୍ଲିକେସନ୍ରେ ସ୍ନାତକୋତ୍ତର ଡିପ୍ଲୋମା (ପିଜିଡିସିଏ) | ଇମ୍ଫାଲ, କୋହିମା |

| ଡିପ୍ଲୋମା ପ୍ରୋଗ୍ରାମ୍ | କ୍ୟାମ୍ପସ୍ |
|---|---|
| କମ୍ପ୍ୟୁଟର୍ ସାଇନ୍ସ ଏବଂ ଇଞ୍ଜିନିୟରିଂ | ରୋପର, ଆଜମେର, ଏଜୱାଲ, ଇମ୍ଫାଲ, |
| କମ୍ପ୍ୟୁଟର୍ ସାଇନ୍ସ ଏବଂ ଟେକ୍ନୋଲୋଜି | ଅଗରତାଲା |
| ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ | ଅଗରତାଲା, ଏଜୱାଲ |
| ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂ | ଇମ୍ଫାଲ |
| ଇଲେକ୍ଟ୍ରୋନିକ୍ସ ପ୍ରଡକ୍ସନ ଏବଂ ମେଣ୍ଟେନାନ୍ସ | ଔରଙ୍ଗାବାଦ |

ସବିଶେଷ ବିବରଣୀ ପାଇଁ : https://nielit.ac.in/

ଆଡ଼ମିଶନ ପାଇଁ ଯୋଗାଯୋଗ :

| ଅଗରତାଲା କ୍ୟାମ୍ପସ | ଏଜୱାଲ କ୍ୟାମ୍ପସ | ଆଜମେର କ୍ୟାମ୍ପସ | ଔରଙ୍ଗାବାଦ କ୍ୟାମ୍ପସ | କାଲିକଟ କ୍ୟାମ୍ପସ | ଗୋରଖପୁର କ୍ୟାମ୍ପସ | ଇମ୍ଫାଲ କ୍ୟାମ୍ପସ | ଇଟାନଗର କ୍ୟାମ୍ପସ | କୋହିମା କ୍ୟାମ୍ପସ | ପାଟନା କ୍ୟାମ୍ପସ | ରୋପର କ୍ୟାମ୍ପସ | ଶ୍ରୀନଗର କ୍ୟାମ୍ପସ |
|---|---|---|---|---|---|---|---|---|---|---|---|
| ଶ୍ରୀ ନିଳାଦ୍ରୀ ଦାସ | ଶ୍ରୀ ସି. ଜୋରେମସାଙ୍ଗା | ଡ. ଏଲ୍. ଶ୍ୟାମସୁନ୍ଦର ସିଂ | ଡ. ଅନିରବାନ ଜେ.ଏଚ୍. | ଡ. ଭିମଲ ମାଥୟୁ | ଶ୍ରୀ ଏ.ଜି.ରାଓ | ଡ. ଆନଗମ ବୁବୋ ସିଂ | ଶ୍ରୀ ଗୌତମ କୁମାର | ଶ୍ରୀ ମୋରିମେନବା ଅମିର | ଶ୍ରୀ ମନୋଜ କୁମାର | ମିସ୍ ଅନିତା ବୁଦ୍ଧିରାଜା | ଡ. ଉମର ଇକବାଲ ଖାନ |
| 8794028299 | 9862855151 | 9856089205 | 7001008528 | 9446732691 | 8317093870 | 8415069303 | 8794028299 | 9612001081 | 6287988717 | 9815988717 | 7006685162 |

@nielitindia
Visit us at: www.nielit.gov.in



ମୁମ୍ବାଇ : ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ) ଅନନ୍ତ ଅମ୍ବାନୀଙ୍କୁ କମ୍ପାନୀର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଏଗଜ୍ୟୁକୁଟିଭ ଡାଇରେକ୍ଟର) ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଯୁକ୍ତି ୧ ମେ ୨୦୨୫ରୁ ପ୍ରଭାବୀ ହେବ ଓ ଏହି ନିଯୁକ୍ତି ୫ ବର୍ଷ ଅବଧି ନିମନ୍ତେ କରାଯାଇଛି। ସେୟାରଧାରୀଙ୍କ ମଞ୍ଜୁରୀ ପରେ ଏହି ନିଯୁକ୍ତିକୁ ଚୂଡ଼ାନ୍ତ ରୂପ ମିଳିବ। ଏହି ପଦକ୍ଷେପ ରିଲାଏନ୍ସ ର ଦୀର୍ଘକାଳୀକ ଉତ୍ତରାଧିକାର ଯୋଜନାରେ ନିଆଯାଇଛି। ଅନନ୍ତ ଅମ୍ବାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ମୁକେଶ ଅମ୍ବାନୀଙ୍କ କନିଷ୍ଠ ପୁତ୍ର ଅଟନ୍ତି, ପୂର୍ବରୁ କମ୍ପାନୀରେ ଅଣ କାର୍ଯ୍ୟକାରୀ ନିର୍ଦ୍ଦେଶକ ରୂପେ କାମ କରୁଥିଲେ। ଏବେ ସେ କମ୍ପାନୀର କାର୍ଯ୍ୟକାରୀ ନେତୃତ୍ୱ ଅଂଶ ପାଲଟିବେ। ଅନନ୍ତ ଅମ୍ବାନୀ ରିଲାଏନ୍ସ ସମୂହର ଅନ୍ୟ କମ୍ପାନୀମାନଙ୍କ ବୋର୍ଡରେ ମଧ ସାମିଲ ଅଛନ୍ତି। ଏଥିରେ ସେ ଜିଓ ପ୍ଲାଟଫର୍ମସ, ରିଲାଏନ୍ସ ରିଟେଲ ଭେଞ୍ଚର୍ସ, ରିଲାଏନ୍ସ ନ୍ୟୁ ଏନର୍ଜୀ ଓ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜୀ ଓ ରିଲାଏନ୍ସ ଫାଉଣ୍ଡେସନ ବୋର୍ଡରେ ମଧ ସଦସ୍ୟ ଅଛନ୍ତି।

## ନିଯୁକ୍ତି ପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ପ୍ରତିଷ୍ଠାନରେ ନିଯୁକ୍ତି ପାଇଥିବା ୫୧,୦୦୦ରୁ ଅଧିକ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ କରିଥିଲେ। ନିଯୁକ୍ତି ସୃଷ୍ଟିକୁ ଉଚ୍ଚ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ୧୫ତମ ନିଯୁକ୍ତି ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହୋଇଥିଲା। ଏହା ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ଜାତୀୟ ବିକାଶରେ ପ୍ରଭାବଶାଳୀ ଭାବରେ ଯୋଗଦାନ ଦେବା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ। ଦେଶବ୍ୟାପୀ ଚୟନ ହୋଇଥିବା ନୂତନ କର୍ମଚାରୀମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ଅଂଶ ହେବେ, ଯେପରିକି ରାଜସ୍ୱ ବିଭାଗ, କାର୍ମିକ ଏବଂ ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ରେଳ ମନ୍ତ୍ରଣାଳୟ ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ।

## ଏଲ୍‌ଆଣ୍ଡଟି ପକ୍ଷରୁ ସର୍ବୋଚ୍ଚ ଟିକସ ସଂଗ୍ରହ

ମୁମ୍ବାଇ: ଭାରତରେ ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଫାଇନାନସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷହୋଇଥିବା ଆର୍ଥିକ ବର୍ଷରେ ସର୍ବକାଳୀନ ସର୍ବୋଚ୍ଚ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୬୪୪ କୋଟି ଟଙ୍କା ସଂଗ୍ରହ କରିଛି। ଯାହା ପୂର୍ବୟ ଆର୍ଥିକ ବର୍ଷ ତୁଳନାରେ ୧୪ ପ୍ରତିଶତ ବୃଦ୍ଧିପାଇଛି। କମ୍ପାନୀ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ଚତୁର୍ଥ ତ୍ରୟମାସିକରେ ୬୩୬ କୋଟି ଟଙ୍କାର ପିଏଟି ହାସଲ କରିଛି, ଯାହା ପୂର୍ବବର୍ଷର ସେହି ସମୟ ତୁଳନାରେ ୧୫ ପ୍ରତିଶତ ଅଧିକ ହୋଇଛି। ଏହାର ରିଟେଲ ବୁକ ସମ୍ପ୍ରତି

L&T Finance

୯୫,୧୮୦ କୋଟି ଟଙ୍କା ହୋଇଛି, ଯାହା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ରିଟେଲ ବୁକ ତୁଳନାରେ ୧୯ ପ୍ରତିଶତ ଅଧିକ ହୋଇଛି। କମ୍ପାନୀ ମଧ୍ୟ ବାର୍ଷିକ ୬୦,୦୪୦ କୋଟି ଟଙ୍କାର ରିଟେଲ ଋଣ ପ୍ରଦାନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୧ ପ୍ରତିଶତ ଧକ ଏବଂ ଏହାର ତ୍ରୟମାସିକ ଭିତ୍ତିରେ ରିଟେଲ ଋଣ ପ୍ରଦାନ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକରେ ୧୪,୮୯୯ କୋଟି ଟଙ୍କାରେ ସ୍ଥିର ରହିଛି। ଏଲଟିଏଫର ବୋର୍ଡ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ପ୍ରତି ଇକ୍ୱିଟି ସେୟାର (ପ୍ରତି ୧୦ ଟଙ୍କା ଫେସଭାଲ୍ୟୁ) ନିମନ୍ତେ ଟ୨.୭୫ର ଚୂଡ଼ାନ୍ତ ଲାଭାଂଶ ପ୍ରଦାନ ନିମନ୍ତେ ୨୦୨୫ ଏପ୍ରିଲ ୨୫ ତାରିଖରେ ଅନୁଷ୍ଠିତ ବୋର୍ଡ ବୈଠକରେ ସୁପାରିଶ କରିଛି। ଏଥିସହିତ କମ୍ପାନୀର ଗ୍ରାହକ କୈନ୍ଦ୍ରିକ ପ୍ଲାନେଟ (ପିଏଲଏଏନଇଟି) ଆପ ୩.୦ (ବେଟା) ଗ୍ରାହକଙ୍କ ପାଇଁ ଶକ୍ତିଶାଳୀ ଡିଜିଟାଲ ଚାନେଲ ଭାବରେ ଉଭା ହୋଇଥିବାବେଳେ ଆଜି ସୁଦ୍ଧା ଏହା ୧.୭୨ କୋଟିରୁ ଅଧିକ ଡାଉନଲୋଡ ହୋଇସାରିଛି ଏବଂ ସେଥିରେ ଗ୍ରାମାଞ୍ଚଳରେ ୧୬ ଲକ୍ଷରୁ ଅଧିକ ଡାଉନଲୋଡ କରାଯାଇଛି। ଆଜି ସୁଦ୍ଧା ଏହି ଚାନେଲ ଜରିଆରେ ୩୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ସଂଗ୍ରହ ହୋଇଥିବାବେଳେ ଏହା ୬.୮୫ କୋଟି ଅନୁରୋଧ ନିମନ୍ତେ ସେବା ଯୋଗାଇଛି ଏବଂ ୧୨,୭୦୦ କୋଟି ଟଙ୍କା (ୱେବ ସମେତ)ରୁ ଉର୍ଦ୍ଧ୍ୱ ପରିମାଣର ଋଣ ପ୍ରାପ୍ତ କରିଛି। କମ୍ପାନୀ ମଧ ଏକ ଅଧିକ ସ୍ମାର୍ଟ, ଦ୍ରୁତତର ଏବଂ ଅଧିକ ଗ୍ରାହକ କୈନ୍ଦ୍ରିକ ୱେବସାଇଟ ପ୍ରଚଳନ କରିଛି। ଆର୍ଥିକ ଫଳାଫଳ ସମ୍ପର୍କରେ ପ୍ରକାଶ କରି ସୁଦୀପ୍ତ ରୟ, ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ, ଏଲଟିଏଫ କହିଥିଲେ, 'ଏହି ବର୍ଷରେ ଉଲ୍ଲେଖନୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆମର ପ୍ରଦର୍ଶନ ମଜଭୁତ ରହିଛି।

## ନୂଆ ଭାରତ କାହାକୁ ଛାଡ଼ିବନି: ଯୋଗୀ

ଲକ୍ଷ୍ନୌ: ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲଖିମପୁର ଖେରି ଜିଲ୍ଲାରେ ଶାରଦା ନଦୀର ପ୍ରବାହ ନିୟନ୍ତ୍ରଣ (ଚାନେଲାଇଜେସନ୍) କାର୍ଯ୍ୟ ଏବଂ ପାଲିଆରେ ଜନ କଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କୁ ଅନୁଦାନ ବଣ୍ଟନ କରିବା ପରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଭାରେ ସେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ପାକିସ୍ତାନ ଉପରେ ବର୍ଷିଥିଲେ। ସେ ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ ଏହା ହେଉଛି ନୂତନ ଭାରତ।

'ଓଡ଼ିଶା ଭାସ୍କର'ର 'ଦି ଭଏସ୍ କନ୍‌କ୍ଲେଭ ଅଫ୍ ଆଇଡିଆଜ୍' ପରିପ୍ରେକ୍ଷୀରେ ଯାଜପୁରବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଲେନିନ୍ ଦାସ
ସଭାପତି
ବିଜୁ ଛାତ୍ର ଜନତା ଦଳ, ବିଞ୍ଝାରପୁର

'ଓଡ଼ିଶା ଭାସ୍କର'ର 'ଦି ଭଏସ୍ କନ୍‌କ୍ଲେଭ ଅଫ୍ ଆଇଡିଆଜ୍' ପରିପ୍ରେକ୍ଷୀରେ ଯାଜପୁରବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ସ୍ୱର୍ଣ୍ଣଲତା ପରିଡ଼ା
ଅଧ୍ୟକ୍ଷା
ଯାଜପୁର ପଞ୍ଚାୟତ ସମିତି

'ଓଡ଼ିଶା ଭାସ୍କର'ର 'ଦି ଭଏସ୍ କନ୍‌କ୍ଲେଭ ଅଫ୍ ଆଇଡିଆଜ୍' ପରିପ୍ରେକ୍ଷୀରେ ବରୀବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଇଂ ଅବନୀ କୁମାର ଖୁଣ୍ଟିଆ
ବରୀ, ଯାଜପୁର

'ଓଡ଼ିଶା ଭାସ୍କର'ର କନ୍‌କ୍ଲେଭ ଦ ଆଇଡିଆଜ୍ ପରିପ୍ରେକ୍ଷୀରେ ଯାଜପୁରବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଗୌତମ ରାୟ
ବରିଷ୍ଠ ବିଜେପି ନେତା

M/S ARATI ENGINEERING WORKS
AT-JHARPOKHARIA, DIST-MAYURBHANJ, (ODISHA) PIN-757086
DIC CERTIFICATE NO. 21007110181 ; DATE OF INCORPORATION - 02/01/1999
GSTIN : 21AMBPM5687J1ZV
UDYAM : UDYAM-OD-22-0004621
EPM RATE CONTRACT HOLDER AND GEM REGISTERED
SPECIALISED IN MANUFACTURING MATTRESS, ALL CATEGORIES OF ACCOMODATION FURNITURE, OFFICE FURNITURE, CLASSROOM FURNITURE, COMMERCIAL & INDUSTRIAL FURNITURE, LABORATORY FURNITURES, LIBRARY FURNISHING, WORKSTATION AND OFFICE PACKAGES ETC.
ARATI ENGINEERING WORKS
Contact no : 9776660787 , 9861374234 Email Id : aratiengineeringofficial@gmail.com

ଅକ୍ଷୟ ତୃତୀୟା ଅବସରରେ କୃଷି ଓ କୃଷକର ବିକାଶ ପାଇଁ ଶୁଭେଚ୍ଛା ଓ ଶୁଭକାମନା
ଶୁଭେଚ୍ଛୁ ଯାଜପୁର

ADMISSION OPEN
SAI GROUP OF INSTITUTIONS BARIPADA
SAI HIGHER SECONDARY SCHOOL
A Premier Residential School for +2 Science & Arts
Permanently Recognised by Govt. of Odisha & Affiliated to C.H.S.E. Odisha
SAI DEGREE COLLEGE +3 SCIENCE
SAI VIDYA NIKETAN
(AN ODIA MEDIUM RESIDENTIAL SCHOOL FOR CLASS VI TO CLASS X STUDENTS)
APPROVED BY GOVT. OF ODISHA & AFFILIATED TO BOARD OF SECONDARY EDUCATION, ODISHA
BARIPADA, MAYURBHANJ, ODISHA
Contact: 9437177734 / 9861844566 / 7008539750 / 8249717211 / 9583122296 / 9437121113
Website: www.saihss.in / www.saidegreecollege.in

With Best Complime-ts from :
A Well Wisher
Dhenkanal

ସନାତନୀ
କେଶରିଆ ହିନ୍ଦୁ ବାହିନୀ, ଓଡ଼ିଶା
ମାଷ୍ଟର କ୍ୟାଣ୍ଟିନ, ଜନପଥ, ଭୁବନେଶ୍ୱର, ଓଡ଼ିଶା
Regd. No. 41082502052/2025.
Mob-90409 07190
ଦିଲ୍ଲିପ କୁମାର ଦାସ
ପ୍ରତିଷ୍ଠାତା

BEST BUY
Baripada BAZAAR
SMARTER . EASIER. CHEAPER

ବଳରାମ ମିଷ୍ଟାନ୍ନ ଭଣ୍ଡାର
ମୟୂରଭଞ୍ଜ ପ୍ରସିଦ୍ଧ ଗୁଡ଼ଲଡ୍ଡୁ
ବଡବଜାର, ବାରିପଦା, ମୟୁରଭଞ୍ଜ
ମୋ:୯୩୪୮୨୩୧୬୩୮,
୬୯୯୧୦୫୧୯୬୧
ପ୍ରୋ: ଲିପୁ
ଏଠାରେ ଚୁନା ରୁଟି, ଆରିସା ପିଠା, ଗୁଡ଼ଲଡ୍ଡୁ, ସେଓଲଡୁ ଗଜା, ଖଜା, ଓ ସମସ୍ତ ପ୍ରକାର ମିଷ୍ଟାନ୍ନ ଅର୍ଡର ନିଆଯାଏ ।
ବାହାଘର୍ ଓ ବ୍ରତଘର ପାଇଁ ମିଷ୍ଟାନ୍ନ ଅର୍ଡର ନିଆଯାଏ ।

DISHA FURNITURE MAHAL
An Exclusive Showroom
STATION ROAD, BARIPADA, MAYURBHNAJ.
7008666937, 7385128895, 9437379857, www.dishafurniture.
ଦିଶା ଫର୍ନିଚର୍ ମହଲ ,ଏକ ନିର୍ଭରଯୋଗ୍ୟ ବ୍ୟବସାୟିକ ପ୍ରତିଷ୍ଠାନ। ଏହା୨୦୦୧ ମସିହାଠାରୁ ଗ୍ରାହକଙ୍କ ହୃଦୟରେ ରହି ପସନ୍ଦ ମୁତାବକ ସେବା ପ୍ରଦାନ କରିଆସୁଅଛି।ବର୍ତ୍ତମାନ ଏହା କେ.ସି ସର୍କଲରୁ ବାରିପଦା ଷ୍ଟେସନ ବଜାରକୁ ସ୍ଥାନାନ୍ତରିତ ହୋଇଛି।

Rungta Mines Limited Chaibasa
EKDUM SOLID
RUNGTA STEEL TMT BAR
Toll Free 1800 890 5121 | www.rungtasteel.com | tmtsales@rungtasteel.com
Rungta Office, Nagar Parishad Complex, Chaibasa, Jharkhand-833201



ପାରାଦୀପ (ଭାସ୍କର ନ୍ୟୁଜ୍) : ୫ମ କର୍ପୋରେଟ ଆମନ୍ତ୍ରଣ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ପାରାଦୀପ ବନ୍ଦର ଅଫିସର୍ସ କ୍ଲବ ପରିସରରେ ଶନିବାର ଦିନ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷଙ୍କ ସମେତ ବହୁ ବିଭାଗୀୟ ମୁଖ୍ୟ ଓ କର୍ପୋରେଟ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପାରାଦୀପ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ଓ କର୍ପୋରେଟ ସଂସ୍ଥାର ବହୁ ସଂଖ୍ୟାରେ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବିଭାଗ ସିଙ୍ଗଲ ଓ ଡବଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦଯାପିତ ହେବ ବୋଲି ଜଣାପଡିଛି।

# ଗ୍ରୀଷ୍ମ କାଳୀନ ଭାରଉତ୍ତୋଳନ ଶିବିର ଅନୁଷ୍ଠିତ



ଆସିକା (ଭାସ୍କର ନ୍ୟୁଜ୍) : ଆସିକା ଇଣ୍ଡୋର ଷ୍ଟାଡିୟମ ରେ ଗ୍ରୀଷ୍ମ କାଳୀନ ଭାର ଉତ୍ତୋଳନ ଶିବିର ଅନୁଷ୍ଠିତ ଯୋଗଦେଲେ କଳିଙ୍ଗ ଷ୍ଟାଡିଅମର ଆସିଷ୍ଟାଣ୍ଟ କୋଚ ଅକ୍ଷୟ ଗଣେଷ। ଆସିକା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଚାଲିଥିବା ଗ୍ରୀଷ୍ମ କାଳୀନ ଭାର ଉତ୍ତୋଳନ ଶିବିର ଅବସରରେ ଗ୍ରାମାଞ୍ଚଳ ଓ ଆଞ୍ଚଳିକ ସ୍ତରର କ୍ରୀଡା ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତରୀୟ କ୍ରୀଡ଼ାବିତ ଭାବରେ ଖେଳିବାର ସୁଯୋଗ ଦେବା ଲକ୍ଷ୍ୟରେ କୋଚ ମାନଙ୍କ ଉଦ୍ୟମକୁ ଅବିଭାବକ ମହଲରେ ପ୍ରଶଂସା କରାଯାଇଛି। ରାଜ୍ୟ ସ୍ତରୀୟ କଳିଙ୍ଗ ଷ୍ଟାଡିଅମ ସହକାରୀ କୋଚ ଅକ୍ଷୟ ଗଣେଷଙ୍କ ପ୍ରଶିକ୍ଷଣ ସ୍ଥାନୀୟ ଛାତ୍ର ଖେଳାଳୀ ମାନଙ୍କୁ ବେଶ ପ୍ରେରଣା ଯୋଗାଇ ପାରିଛି। ଭାର ଉତ୍ତୋଳନ କ୍ଷେତ୍ରରେ ଆଗାମୀ ଦିନରେ ଆସିକା ଅଞ୍ଚଳରୁ କ୍ରୀଡ଼ାବିତ ମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିପାରିବେ ବୋଲି କହିଛନ୍ତି ସ୍ଥାନୀୟ ସହକାରୀ କୋଚ ବାବୁ ଗୌଡ଼। ଆଗରୁ ଏଠାରୁ ଭାର ଉତ୍ତୋଳନ କ୍ଷେତ୍ରରେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଖେଳାଳୀ ବାହାରିଥିବା ନଜିର ରହିଛି।ଉକ୍ତ ସମର ପ୍ରଶିକ୍ଷଣ ଶିବିର ନେଇ ସ୍ଥାନୀୟ କ୍ରୀଡ଼ାବିତ ମହଲରେ ଉତ୍ସାହଭାବ ପରିଲକ୍ଷିତ ହୋଇଛି।କ୍ରୀଡା କ୍ଷେତ୍ରରେ ଆଗକୁ ବଢିବା ପାଇଁ ହେଲେ ଉତ୍ତମ ଭିତ୍ତିଭୂମି ସାଙ୍ଗକୁ କ୍ରୀଡ଼ା ପ୍ରଶିକ୍ଷକ ମାନଙ୍କ ଭୂମିକା ନିହାତି ଆବଶ୍ୟକ ଥିବାବେଳେ ଆସିକା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଭାର ଉତ୍ତୋଳନ ଓ ବ୍ୟାଡ଼ ମିଣ୍ଟନ ଭଳି କ୍ରୀଡ଼ା ପାଇଁ ଭିତ୍ତିଭୂମି ରହିଛି ବୋଲି ମତ ପ୍ରକାଶ କରିଛନ୍ତି କ୍ରୀଡ଼ାବିତ ପ୍ରଶାନ୍ତ କୁମାର ମୁନି। କେବଳ ଗୋଟିଏ ଦୁଇଟି କ୍ରୀଡ଼ାକୁ ଛାଡିଦେଲେ ଅନ୍ୟ ଇଣ୍ଡୋର ଖେଳ ପାଇଁ ସେଭଳି କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଏଠାରେ ଗ୍ରହଣ କରାଯାଇନଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଯୁବ କ୍ରୀଡ଼ାବିତ ସାଗର କୁମାର ସାବତ।ଆଗାମୀ ଦିନରେ ଏହି ଇଣ୍ଡୋର ଷ୍ଟାଡିୟମ ଗ୍ରାମାଞ୍ଚଳରେ ଥିବା ପ୍ରତିଭା ମାନଙ୍କୁ ଖୋଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ସ୍ତରରେ ଖେଳିବାର ସୁଯୋଗ ସୃଷ୍ଟି କରିପାରିବ ବୋଲି ଆଶା ବାନ୍ଧିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ କ୍ରୀଡ଼ାବିତ।

# ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଫୁଲନଖରା (ଭାସ୍କର ନ୍ୟୁଜ୍): ରେନ୍‌ବୋ କ୍ରିକେଟ କ୍ଲବ ତରଫରୁ ଦୁଇଦିନ ଧରି ରାତ୍ରିକାଳିନ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ଦେବଦତ୍ତ କର, ସମ୍ମାନିତ ଅତିଥି, କଟକ ଜୋନ ୪ ଏସିପି ଅମିତାଭ ମହାପାତ୍ର, କଟକ ସଦର ଥାନା ଅଧିକାରୀ ଶ୍ରୀଯୁକ୍ତ ଓମ ପ୍ରକାଶ ମହାନ୍ତି, ସରପଞ୍ଚ ମିନତୀ ସାହୁ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ଦାସ, ମୁଖ୍ୟବକ୍ତା ଭାବେ କଟକ ହସକ୍ଷକ୍ଷବ କର୍ମଜୀବୀ ସାମ୍ବାଦିକ ସଂଘର୍ ସଭାପତି ତଥା କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ଯୁବ ସମାଜସେବୀ ଶୋଭନ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁ, ସମାଜସେବୀ ଅଶୋକ କୁମାର ଦାସ, ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର, ଯୁବ ସାମ୍ବାଦିକ ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ରାତ୍ରିକାଳୀନ କ୍ରିକେଟ ମ୍ୟାଚକୁ ଉଦ୍‌ଘଟନ କରିଥିଲେ। ଉକ୍ତ ଉଦ୍‌ଘାଟନି ଉତ୍ସବର ସଭାରେ ଯୁବ ସମାଜସେବୀ ବିଶ୍ୱରଞ୍ଜନ ଦାସ ସଭାରେ ସଭାପତିତ୍ୱ କରିବା ସହ ଗଣେଶ ପ୍ରସାଦ ବେହେରା ଏହି କ୍ରିକେଟ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଉକ୍ତ ମ୍ୟାଚକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଞ୍ଚାନନ ସାହୁ ସମସ୍ତ ଆୟୋଜନ କରିଥିବାବେଳେ ଦୁର୍ଗାଚରଣ ପାତ୍ର, ବିଜୟ ପାତ୍ର, ସଞ୍ଜୟ ସାହୁ, ସୁଭାଶିଷ ପାତ୍ର, ଜିତନ ପାତ୍ର, ମନୋଜ ପାତ୍ର, ସନ୍ତୋଷ ପାତ୍ର, ଧନେଶ୍ୱର ଦାସ,ରାକେଶ ସାହୁ, ସରୋଜ କୁମାର ସାହୁ, ପ୍ରଦୀପ୍ତ ପାତ୍ରଙ୍କ ସହ ରେନବୋ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।





































## ଠିକଣା

✶ ସୁହଂସ ଭୋଇ

ପଚାରିବ ଥରେ ଦେଖାହେଲେ କେବେ
ନଦୀକୁ ଠିକଣା ତାର
ନିଜକୁ ଅଜଣା ନିଜର ଠିକଣା
କି କହିବ ଯାଯାବର ।


ଗଛ କହେ ବଣ ଜଙ୍ଗଲ ତା ବାସ
ସରୀସୃପ ମାଟିତଳ
ଠିକଣାଟି ସ୍ଥିର ଅଟେ ମହୀତଳ
କହେ ସୁଶୀତଳ ଜଳ
ଏଇଠି ସେଇଠି ସବୁଠି ତଥାପି
ପବନର ନାହିଁ ଘର ।।

ଗାଈକୁ ପଚାର କହିବ ଠିକଣା
ଗୁହାଳ ହେଉ ବା ଗୋଠ
ଯାହାକୁ ପଚାର ସଭିଏଁ କହିବେ
ଗୃହ ସନ୍ୟାସୀର ମଠ ।
ବଡିମା ଦେଖେଇ କହୁଛି ବିହଙ୍ଗ
ସାରା ଆକାଶଟା ମୋର ।।

ସମର୍ଥ ନୁହେଁ ସେ କହିବ କିପରି
ସଠିକ ଠିକଣା ନର
ଏନ୍ତୁଡିଶାଳ କି ମାୟାର ସଂସାର
ଭାବି ରହେ ନିରୁତ୍ତର ।
ଏହି କଥା ସତ ଶେଷ ଠିକଣାଟି
ମଶାଣି ଜୁଇର ଧାର ।।

ଘଣ୍ଟି, ବିଜେପୁର, ବରଗଡ଼
ମୋ-୯୪୩୭୫୬୬୨୪୫୫

# ଭିନ୍ନ ଏକ ଅନୁଭୂତି



**ଅନସୂୟା ପଣ୍ଡା**

ମିନାକ୍ଷୀ ଚିତ୍କାର କଲା, "କ'ଣ ଏମିତି ନିଶ୍ଚିନ୍ତରେ ଶୋଇଛ ? ଲୋକଟାର ଜମା ଦାୟିତ୍ୱଜ୍ଞାନ ନାହିଁ। ପପୁନ୍ ପରା ସ୍କୁଲ ଯିବ ସାଢ଼େ ଛ'ଟାରେ।"

ମାନବ ସେମିତି ଶୋଇଥାଏ ଅଚିହ୍ନା ନିଦରେ। ମିନାକ୍ଷୀ ଏସି ବନ୍ଦ କରିଦେଲା। ବିରକ୍ତିରେ ଫ୍ୟାନ୍ ବି ବନ୍ଦ କଲା। ହେଲେ ଅଚଳ ମେରୁ। ଯାଇ ହଲେଇଦେଲା ଜୋରରେ ....।

ମାନବ ବିରକ୍ତ ହୋଇ କହିଲା, "ଓହୋ! ନିଦଟା ଭାଙ୍ଗିଦେଲ। କି ସୁନ୍ଦର ସ୍ୱପ୍ନ ଦେଖୁଥିଲି। ଗଲା, ଅଧା ରହିଗଲା। ଆଉ କ'ଣ ଆସିବ ସେ ସ୍ୱପ୍ନ।"

ମିନାକ୍ଷୀ କର୍କଶ ସ୍ୱରରେ କହିଲା, ଏବେ ଅଫିସରେ ଯେଉଁ ଅନିତା ନୂଆ କରି ଆସିଛି, ନା ସାମ୍ନା ଫ୍ଲାଟରେ ସେ ଯେଉଁ ଧୋବ ଫର ଫର ଅପରୂପା କାଶ୍ମୀର କଲିର?

ମାନବ ବିରକ୍ତ ହେଲା, "ତୁମ ସ୍ତ୍ରୀ ଲୋକଙ୍କର ବି ଏକତା କାପୁର ସିରିଏଲ ଦେଖି ଦେଖି ସନ୍ଦେହ କରିବାର ସୃଜନ ଶକ୍ତି ବଢୁଛି, ଏଇ ସ୍ୱାମୀମାନଙ୍କ ଉପରେ। ଆଉ ଭଲ କଥା କିଛି ଶିଖିବାର ଇଚ୍ଛା ନାହିଁ। ସେ ସିରିଏଲର ସ୍ତ୍ରୀ ଲୋକ କେତେ ଫିଟ ଫାଟ କେତେ ପାରିବାର ସେ କଥା ଦିଶୁନି। ଯେତେବେଳେ ଦେଖିବ ଖତରା ନାଇଟ ଗାଉନ ଖଣ୍ଡେ ଡକିଆ ଖୋଳ ପରି ପୁରେଇ ଘର ସାରା ବୁଲୁଥିବ।"

ତୁମ ପରି ପୁରୁଷ, କିଛି ଘର କଥା ଜାଣିବନି, ସକାଳ ଛ'ଟାରେ ଶୋଇ ସ୍ୱପ୍ନ ଦେଖିବ। ମୁଁ ଘର କାମ, ବାହାର କାମ କରି କେତେବେଳେ ସଜବାଜ ହେବି। ଯିଏ ସବୁ ଚାକିରି କରିଛନ୍ତି, ତାଙ୍କର ସବୁ ଭଲ। ସବୁବେଳେ ଏଇ ଘର ଭିତରେ ପଶି ଘାଣ୍ଟି ହେଉନାହାନ୍ତି। ସକାଳ ହେଲେ କ'ଣ ଟିଫିନ୍ କରିବି। ତାପରେ ଦୁଇପହରେ କ'ଣ କରିବି, ସନ୍ଧ୍ୟା ପୁଣି ରାତି। ଏଇଥିରେ ତ ଅଧା ସମୟ ଯାଉଛି।

-ନିଅ ଚାହା ପିଅ, ଆଉ ଗାଡି କାଢ଼। ମୁଁ ତାକୁ ଟିଫିନ୍ ବାକ୍ସଟା ଦିଏ।

-କି କାମ କରୁଛ କହିଲ? ରାତିରେ ତିଆରି ବାସି ଭଜାକୁ ସକାଳେ ଟିକେ ଦେବ। ମୁଁ ଯେତେଥର କହିଲିଣି, ଟିକେ ରୁଟିନ କରି ଅଲଗା ଅଲଗା ଜଳଖିଆ ସକାଳର ଲାଗି କର, ସେତିକ ତୁମ ଦ୍ୱାରା ହଉନି। ଦିନେ ଦଲିଆ, ଦିନେ ଓଟ୍ସ, ଦିନେ ଉପମା, ଦିନେ ମାଣ୍ଡିଆ ସେ ସବୁର ନାଁ ନାହିଁ। ସେଇ ବାସୀ ରୁଟି ସାଙ୍ଗକୁ ସମକାଳୀନ ଭଜା। ଯେଉଁ କିଛି ଝଡେଇବାର ଥିବ, ଆପ୍ୟାୟନବୋଧରେ ଟିକେ କ'ଣ ଭଲରେ ଭିନ୍ନ ଖାଦ୍ୟ ପରିବେଷଣ ହେବ।

ଅଫିଆ ମିନାକ୍ଷୀ କଥା ପାଖକୁ ଲଗେଇ କହିଲା, "ତୁମେତ କିଛି ଝଡାନି। ସବୁ ପୁରୁଷ କହି ଉଠିଲା। ଯୁକ୍ତି କରିବାରେ ସିଦ୍ଧ ହସ୍ତ, ଏ ସ୍ତ୍ରୀ ଜାତି। ଯୁକ୍ତି ନକଲେ କାଳେ ସଭ୍ୟ ସମାଜରେ ମାର୍କ କଟିଯିବ? ପୁରୁଷଗୁଡ଼ାଙ୍କୁ ଦୂରରୁ ଜୁହାର। ବେଳ କାଳ ଦେଖି ଭଲ ନାତଟା ମାରନ୍ତି ଯେ। ଜିଦଖୋର୍ ହେବାଟା କୁଆଡେ ତୁମ ପୌରୁଷ କି ଅସ୍ମିତା!"

କହି କହି ପୁଅକୁ ଜୋତା ମୋଜା ପିନ୍ଧେଇଲେ। ଟିଫିନ ପାଣି ବୋତଲ ସାଥିରେ ଦେଲେ। ଖାଇବାରେ ଯେଉଁ ନଖରାମି ଆଜିର ପିଲାଙ୍କର। ବୋର୍ଣ୍ଣଭିଟା ଟିକେ ପିଇବ ଘଣ୍ଟାଏ। ସେତେବେଳକୁ ମାନବ ଗାଡିର ହର୍ଣ୍ଣ ବଜେଇ ଚାଲିଥାଆନ୍ତି। ପୁପୁନ୍ ପୁପୁନ୍ ବୋଲି ଚିଲୋଉଥାନ୍ତି। ମିନାକ୍ଷୀର ଅଭ୍ୟାସ ଗାଡି ଧରି ଯିଏ ଯୁଆଡେ ଘରୁ ଗଲେ ଖାଲି ବାମନଙ୍କୁ ଡାକୁଥିବ। ଗଣନା ନାହିଁ ତା'ର। ହୁଏତ ଫେରିବା ଯାଏ। ସେ ଗେଟ୍ ବନ୍ଦ କରି ଘର ଭିତରକୁ ଯାଇ ମୋବାଇଲ ଖୋଲି ପକେଇଲା। ବହେ ଗୁଡ ମର୍ନିଂ ମେସେଜ୍ ପଠେଇଲା। କାଲି ଫେସବୁକରେ ସ୍ୱରଚିତ ତଥା ଖବର କାଗଜରେ ପ୍ରକାଶିତ କବିତା ଦେଇଥିଲା । ଦେଖି ବସିଲା। ମାତ୍ର ଏ ଅଯୋଧା କାଣ୍ଡ ଉପରେ ପୋଷ୍ଟ ଉପରେ ବହୁତ ଲାଇକ୍ ହେଇଛି। ହେଲେ ନିଜର ଗୋଟିଏ ମାତ୍ର କମେଣ୍ଟ। ଦୟାନିଧି ବୋଲି କେହିଜଣେ ବନ୍ଧୁଙ୍କର। କବିତାଟିକୁ ଖୁବ ପ୍ରଶଂସା କରିଥିଲେ। ମନେ ମନେ ଭାବୁଥିଲା ଏତେ ଗୁଡାଏ ପ୍ରଶଂସା ଠିକ୍ ନୁହେଁ ଏ କବିତା ପାଇ । କିନ୍ତୁ ମଣିଷଠାରୁ ଭାଗବାନଙ୍କ ଯାଏ ସମସ୍ତେ ପ୍ରଶଂସା ପ୍ରିୟ । ମିନାକ୍ଷୀର ଛାତି କୁଣ୍ଢେ ମୋଟ। ଦେଖିଲା ଲୋକଟା ଭଉଣୀ ବୋଲି ସମ୍ବୋଧନ ବି କରିଛି । ଏଥର ସହର୍ଷ ମନରେ ଅପେକ୍ଷା କଲା, ମାନବର ଆସିବା ବାଟକୁ ।

କଲିଙ୍ଗ ବେଲ ବାଜିବା ମାତ୍ରେ ମିନାକ୍ଷୀ ଦୌଡିଲା । ଯିବା ଭିତରେ ମାନବ କଲିଙ୍ଗ ବେଲ ଦୁଇଚାରିଥର ବଜେଇ ସାରିଲାଣି। ଅନ୍ୟ ଦିନ ଭଳି ମିନାକ୍ଷୀ ବିରକ୍ତ ହେଲାନି। ହସି ହସି କହିଲା, "ଏ ପିଲାଳିଆମି ଯିବନି ତୁମର। ମୁଁ ପୁଣି ଚାହା ବସେଉଚି। ଆଉ ଟିକେ ଟିକେ ପିଇବା।"

ଆଶ୍ଚର୍ଯ୍ୟ ହେଲା ମାନବ । ଆଜି କ'ଣ ଘରଣୀଙ୍କର ଏ ସୁଖଦ ଆଚରଣ। ସ୍ୱାସ୍ଥ୍ୟ ଠିକ୍ ଅଛି ତ ?

-ହଁ ! କାହିଁକି କ'ଣ ମୋ ମୁହଁ ଶୁଖିଚି କି ?

-ନା! ଆଜିର ବ୍ୟବହାର ଏତେ ମଧୁର ।

-ଓହୋ ସବୁବେଳେ ତୁମକୁ ଥଟ୍ଟା ଲାଗୁଛି। ଗୋଟେ କଥା ଆସ ଦେଖିବ। କହି ଫେସବୁକର କମେଣ୍ଟ ପଢେଇଲେ ମିନାକ୍ଷୀ ।

ମାନବ କହିଲେ ବେଶି ଚାଟୁ କରିଛି। କିଏ ସେ ସିଏ ?

ମିନାକ୍ଷୀ ମଲା ମୁଁ କ'ଣ ଜାଣିଛି। ଫେସବୁକରେ କେତେଲୋକ ଯୋଡି ହୋଇଛନ୍ତି। ମୁଁ କ'ଣ ସମସ୍ତଙ୍କୁ ଜାଣିଛି।

-ହଉ ମୋ କଥା ମାନି ଏ ବାବୁଙ୍କଠାରୁ ଦୂରେଇ ରୁହ। ମତେତ ଲାଗୁଛି ବଳି ପକେଇବା ପୂର୍ବରୁ ଛେଳି ବେକରେ ଫୁଲମାଳ ପକେଇବା କାମ। ନିଜ ଭିତରେ ନିଜସ୍ୱକୁ ମାଲୁମ୍ କର।

-ତୁମର ଗୋଟେ ଅତି କଦର୍ଯ୍ୟ ଅଭ୍ୟାସ। ସାଙ୍ଗେ ସାଙ୍ଗେ ତା' ଚରିତ୍ର ଚିତ୍ରଣ କରି ପକେଇଲ। ସେ କେତେ ସମ୍ମାନ ଦେଇ ଭଉଣୀ କହି ଲେଖିଛି। ପ୍ରଶଂସା ପାଇ ମିନାକ୍ଷୀ ଅନ୍ଧ। ଦୟାନିଧିବାବୁ ଆଗକୁ ବଡ ପ୍ରଶଂସକ ହେଇଗଲେ। ଫୋନ କଲେ, ଏମିତି କେତେ ଜାଗାରେ ମାନପତ୍ର କରେଇ ଦେବେ। ଆଗ ବିଶ୍ୱାସକୁ ଜିଣିଗଲେ, ମିନାକ୍ଷୀ ଦେବୀଙ୍କୁ, କିଛି ମାନପତ୍ର ଡାକରେ ପଠେଇ। ତା ପରେ ଚାଲିଲା ଅଲଗା ଖେଳ। କହିଲେ ଭଉଣୀ ମୁଁ ଭାରି ଅସୁବିଧାରେ ଅଛି । ମୋ କିଡ଼ନୀ ଖରାପ ଯେତିକି ଦରମା ପାଏ ଚଳିବାକୁ କଷ୍ଟ। ତା' ସାଙ୍ଗକୁ ମେଡ଼ିସିନ୍। କିଛି ସହାୟତା ମିଳିଲେ ଭଲ ହୁଅନ୍ତା। ଏମିତି ସବୁ ଲେଖକ ଲେଖିକା ମତେ ସାହାଯ୍ୟ କରନ୍ତି। ଯେତିକି ଇଚ୍ଛା ସେତିକି ଦେଲେ ଚଳିବ। ପ୍ରଥମ ଥରକ ପାଞ୍ଚ ସହ ପଠେଇଲି। ଏମିତି ଅନେକ ଥର ମାଗିବା ପର୍ବ ଚାଲୁ ରହିଲା। ସେତେବେଳକୁ ବିରକ୍ତ ହେଇଗଲାଣି। ମିନାକ୍ଷୀ ସ୍ୱାମୀଙ୍କୁ କହି ପାରୁନି କିଛି। କେବେ ଭାଇକୁ, ତ କେବେ ପୁଅକୁ କହି ଅର୍ଥ।ଥୀ ଦୟାନିଧିଙ୍କୁ ଦୟା କରୁଥାଏ। କେବେ ଦୁଇ ହଜାର ତ କେବେ ହଜାର। ଏଥର କିନ୍ତୁ ସୀମା ଲଙ୍ଘନ ପ୍ଲାନ୍। ଶୁଣି ଡରିଗଲେ ମିନାକ୍ଷୀ। ଏଥର ଦୟାନିଧିବାବୁ କହିଲେ "ବୁଝିଲ ଭଉଣୀ! ମିସେସ୍ କହୁଛି ଟିକେ ଯିବ ଆପଣଙ୍କ କୋରାପୁଟ ଆଡେ ବୁଲି ଆସିବ ବୋଲି। ମୁଁ ତାକୁ କହିଲି, ହଁ କାହିଁକି ସମ୍ଭବ ନୁହେଁ। ଭିଶୋଇ ସେଠି ମୋର ଟିକେ ବୁଲେଇଦେବେନି।"

ଇଚ୍ଛା ନଥାଇ ହଁ କଲି। ସେତେବେଳକୁ ମୋ ମୁଣ୍ଡ ବୁଲେଇ ଦେଲାଣି। କ'ଣ କରିବି? ଇଏ ତ ଶୁଣି ଏବେ ଘରକୁ ଉଠେଇବେ ପକେଇବେ। ଭଗବାନଙ୍କୁ ଉଦ୍ଧାର କରିବାକୁ ପାର୍ଥନା କଲି। ଯାହା ହେଉ ସେମାନଙ୍କ ଆସିବା ଡେରି ହେଲା କୌଣସି କାରଣ ବଶତଃ। ମୋ ମନ ଆନନ୍ଦ କହିଲେ ନ ସରେ। ହେଲେ ପୁଣି କିଛି ଦିନ ପରେ, ଧାର ଦିଅ ବାପାଙ୍କ ଶୁଦ୍ଧି କ୍ରିୟା ପାଇଁ। ମିନାକ୍ଷୀ ସେଦିନ ସବୁ କଥା ଖୋଲି ସ୍ୱାମୀଙ୍କୁ କହିଲେ। ସ୍ୱାମୀ କହିଲେ ଯାହା ହେବାର ହେଲାଣି। ଆଗ ସେ ଲୋକକୁ ମୋବାଇଲରେ ବ୍ଲକ୍ କର। ଆଶୁ ସମାଧାନରେ ମିନାକ୍ଷୀ ଆଶ୍ୱସ୍ତିରେ କହିଲେ, "ତୁମେ ଯାହା କହୁଥିଲ, ଠିକ୍ ଥିଲା। ତୁମ କଥା ନ ମାନି ମସ୍ତବଡ ଭୁଲ୍ କରିଛି।" ଠକ ଦୁନିଆ ସହ ଲଢିବାର ଅନୁଭୂତି ମିଳିଗଲା। ଛଳନା ବିହୀନ ହସଟିଏ ଲାଖିଥାଏ ତା ମୁହଁରେ।

**ବୁର୍ଲା, ସମ୍ବଲପୁର**
**୮୩୨୮୯୪୫୮୮୫**

## କବିତା ଗୁଚ୍ଛ

### ବଇଶାଖ ମାସ ଆସିଲା ସଜନୀ



ବଇଶାଖ ମାସ ଆସିଲା ସଜନୀ
ଖରା ମାରେ ଟାଇଁଟାଇଁ
ଖାଲି ପାଦେ ଦାଣ୍ଡେ ବାହାରିବୁ ନାହିଁ
ଲାଗିଯିବ ଚାଇଁଚାଇଁ ।

ଅଂଶୁଘାତ ଭୟ ଜାଣିଛୁ ସଜନୀ
ସତର୍କରେ ଥିବୁ ରହି
ବାହାରକୁ ଗଲେ ଧଳା ପୋଷାକରେ
ଦେହକୁ ଢାଙ୍କିବୁ ସହୀ
କାଳିଆ ଚଷମା , ଛତା ସାଥେ ନେବୁ
ଯିବୁନାହିଁ ଧାଇଁଧାଇଁ ।

ତୋରାଣି, ସର୍ବତ,ଘୋଳଦହି ପିଇ
ମାରିବୁ ତୋହରି ଶୋଷ
ଦହି ପଖାଳର ସାଥେ ଶାଗଭଜା
ବଡିଚୁରା ଖାଇ ତୋଷ
ସକାଳ ନଅରୁ ଅପରାହ୍ଣ ଚାରି
ରାସ୍ତାଘାଟ ଖାଇଁଖାଇଁ ।

ଉପରଓଳି ତ କାଳ ବଇଶାଖୀ
ସହଜେ ଆସିବ ମାଡି
ପାଣିପାଗ ଦେଖି ଉପରଓଳି ଲୋ
ଘରକୁ ଯିବୁ ତୁ ଛାଡି
ବର୍ଷା ସାଥେ କୁଆପଥର ପଡ଼ିବ
ପବନଟା ସାଇଁସାଇଁ ।

ଶୀତଳ ଜଳରେ ସିନାନ କରିବୁ
ଚନ୍ଦନ ଲେପିବୁ ଅଙ୍ଗେ
ଶୀତତାପ ନିୟନ୍ତ୍ରିତ ଘରେ ଥିବୁ
ମୁହିଁ ତ ନାହିଁ ତୋ ସଙ୍ଗେ
ବିଞ୍ଚିଣାଟେ ନିଜ ପାଖେ ରଖିଥିବୁ
ବିଞ୍ଚିହେବୁ ଘାଇଁଘାଇଁ ।

**ନିରଞ୍ଜନ ସାହୁ**
*ନିହଳ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ: ୯୯୩୮୭୪୧୫୮୩*

## ବିଶ୍ୱ ଶ୍ରମିକ ଦିବସ...

✶ ରାମଚନ୍ଦ୍ର ବେହେରା



ମଇ ପହିଲାରେ ଶ୍ରମିକ ଦିବସ
ପାଳିବ ସମଗ୍ର ବିଶ୍ୱ
ଦୁନିଆଁକୁ ଯିଏ ନୂଆ ରୂପଦିଏ
ନିଜ ଗୃହେ ସିଏ ନିଃସ୍ୱ
ତାହାରି କଠିନ ଶ୍ରମେ
ଦେଶ ଆଗଉଛି ପ୍ରଗତିର ପଥେ
କର୍ମ ନିଖୁଣତା ନାମେ।
ସେତୁ ଓ ସଡକ ଗୃହ ଅଟ୍ଟାଳିକା
କଳ କାରଖାନା ଆଦି
ତା'ର ଶ୍ରମଦାନେ ନିର୍ମାଣ ହୁଅଇ
ଦେବାଳୟ ମସଜିଦ୍
ଦିବାନିଶି ଶ୍ରମ ଦେଇ
ପରିବାର ପାଇଁ ଦୂର ସହରରେ
ଦାଦନ ଖଟଇ ସେହି।
କର୍ମକୁ ମାନଇ ଜୀବନର ଧର୍ମ
ଲହୁଲୁହ ଦିଏ ଢାଳି
ଦେଶ ହିତ ପାଇଁ ନିଜ ଦୁଃଖ ଭୁଲେ
ନକରଇ କେବେ ଅଳି
କରଇ ଅନ୍ୟର ହିତ
ମଣିଷ ରୂପେ ସେ ଦେବଦୂତ ସାଜି
ଖୁସି ବାଣ୍ଟେ ଅପ୍ରମିତ।
କର୍ମମୟ ତା'ର ସଶକ୍ତ ଜୀବନ
କର୍ମକୁ ଦିଏ ପ୍ରାଧାନ୍ୟ
ସ୍ୱଳ୍ପ ମଜୁରୀରେ ଆନନ୍ଦରେ ରୁହେ
ସୁଖେ ଦୁଃଖେ କାଟେ ଦିନ
ଆଜିର ଶୁଭ ମୁହୂର୍ତ୍ତେ
ଶ୍ରମିକ ଭାଇର ମଂଗଳ କାମନା
କରିବା ଶ୍ରଦ୍ଧେୟ ଚିତ୍ତେ।
ଉଚିତ ପାଉଣା ଶ୍ରମଦାନ ସୀମା
ତା'ପାଇଁ କରିବା ଲାଗୁ
ମାନ ସନମାନ ଦେବା ତାକୁ ସର୍ବେ
ଖୁସି ହେବେ ମହାପ୍ରଭୁ
ତା' ମୁଖେ ଭରିବା ହସ
ଦୁନିଆଁ ଯା'ପାଇଁ ବିକାଶ କରୁଛି
ତା'ଦୁଃଖ କରିବା ଶେଷ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ପିଠା

✶ ରାଧାରାଣୀ ପଟ୍ଟନାୟକ

ଆମେ ଓଡ଼ିଆ ଆମ ପର୍ବ ବଢ଼ିଆ
ପର୍ବ ପର୍ବାଣି ରେ କରୁ ପିଠା
ମା'ମାନେ ବସି ଚୁନା କୁଟୁଥାନ୍ତି
ଆଣ ମଧ୍ୟ ହୁଏ ବଟା ।।

ରଜ ପରବରେ ପୋଡ ପିଠା ହୁଏ
ତାକୁ କାଟି ଥାନ୍ତି ମାଆ
ହଳଦି ପତ୍ରରେ ଏଣ୍ଡୁରି ହୁଏ
ବସିବସି ପିଠା ଖାଆ ।।

ବିଧି ଅନୁସାରେ ବାହା ବ୍ରତ ଘରେ
ଆରିଷା ପିଠା ଟି ହୁଏ
ଦୋଳର କାକରା ବଡ ମଜାଲାଗେ
ମନରୁ ଭୁଲି ନ ହୁଏ ।।

ଉଷୁନା ଚାଉଳ ବଟାର ପିଠାଟି
ଦେହ ପାଇଁ ହିତ ପରା
ପୁର ଦିଆ ମଣ୍ଡା ବଡ ସୁଆଦ ଗୋ
ଖାଉଥିବ ଦିନ ସାରା
ଶାମ୍ବ ଦଶମୀ ରେ ମୋଟା ଚକୁଳି ଟି
ହୋଇଥାଏ କେତେ ପରସ୍ତ
ଛେନା ଟିକେ ଦେଇ ପିଠା ବନେଇ ଲେ
ଲାଗିଥାଏ ବଡ ମସ୍ତ ।।

ଆମ ପିଲା ଦିନେ ପିଠା ଘରେ ହେଲେ
ଭାତ କୁ ପଚାରୁ ନଥିଲୁ
ପେଟେ ପିଠା ଖାଇ ମନ ଖୁସି କରି
ସାଙ୍ଗ ସାଥି ସାଙ୍ଗେ ବୁଲୁଥିଲୁ
ଏବେକାର ପିଢି ମୋମୋ ପାସ୍ତା ଖାଇ
ହୋଇ ଥାନ୍ତି କେତେ ଖୁସି
ଖରା ଦିନ ହେଲେ ଲେମ୍ବୁ ପାଣି ଛାଡି
ପିଇଥାନ୍ତି ଦହି ଲସି ।।

*ଚନ୍ଦନ ନଗର, ବରଗଡ*
*ମୋ- ୮୯୧୭୨୩୧୩୭*

## ମିଛ ମଣିଷ



✶ ଗୋଲୋକ ବିହାରୀ ବେହେରା

ମିଛ କହୁଥିବା
ମଣିଷଟି ସଦା
ମଧୁର ବଚନ କହେ,
ଉଚ୍ଚ ସ୍ୱରେ କହି
ନିଜର କଥାକୁ
ସତ୍ୟର ପ୍ରତ୍ୟୟ ଦିଏ।

ସତ କହୁଥିବା
ମଣିଷଟି ସଦା
ନୀରବରେ ରହିଥାଏ,
ମିଛର ହାଟରେ
ସତ ବିକିବାକୁ
ଚିତ୍କାର କରିନଥାଏ।

ଆଜି ଦୁନିଆରେ
କେହି ବି କାହାର
ସ୍ୱାର୍ଥକୁ ଛାଡନ୍ତି ନାହିଁ,
ସ୍ୱାର୍ଥ ପାଇଁ ଏଠି
ସମ୍ପର୍କ ଗଢନ୍ତି
ସମ୍ପର୍କ ଭାଙ୍ଗନ୍ତି ସେହି।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଢେଙ୍କାନାଳ*
*ମୋ: ୯୯୩୮୩୦୩୦୪୬*

## ସ୍ମୃତି ସୁରଭି

✶ ଆଦ୍ୟାଶା ମହାପାତ୍ର

ସେଦିନର ସେଇ ସ୍ମୃତିର ସୁରଭି
ଚୁପି ଚୁପି ହୃଦ ଛୁଏଁ
ପିଲାଦିନ କଥା ମନରେ ଆସିଲେ
ଲାଗେ ମୁଁ ଗାଆଁରେ ଥାଏ ।।

ପରବ ଆସିଲେ ନିଦ ହଜିଯାଏ
ଦେଖିବାକୁ ବାଦି ପାଲା
ଅଖା ପାରିଦେଲେ ଜାଗାଟା ଦଖଲ
ଆଉ କେ ପାଇବ ଭଲା ।।

ଜେଜେ ମା' କହନ୍ତି ଅସୁରୁଣୀ ଗପ
ଭାରି ଡର ଲାଗେ ଶୁଣି
ଶୋଇବା ଶେଯକୁ ଭିଜାଇଛି କେତେ
ସ୍ୱପ୍ନକୁ ସତଟେ ମଣି ।।

ରଜ ପରବଟା ଗାଆଁ ମହୋତ୍ସବ
ଖୁସିରେ ଉଛୁଳେ ମନ
ଶୁଖୁରି ପିସ୍ତଲ ଘୁଗୁନି ଖିଆରେ
ବୋଉ ହାତ ବାକ୍ସ ଶୂନ୍ୟ ।।

ନାନୀ କରୁଥିଲା ଲାଉପଚା ମୋତେ
କେବେ ଅବା ଗୁଗୁପାଞ୍ଚି
ପାଠ ନଆସିଲେ ଚାପୁଡାଟେ ଦେଇ
ଲୁହ ଦେଉଥିଲା ପୋଛି ।।

ନାଟକ ମଞ୍ଚସ୍ଥ ହେଲେ କେବେ ଗ୍ରାମେ
ପର୍ବପର୍ବାଣୀଟା ଜମେ
ନୃତ୍ୟ ନାଟିକା ବା ଡୁଏଟ ଗୀତରେ
ମନଟା ଖୁସିରେ ଝୁମେ ।।

*ନୂଆପଡା, କଟକ*

## ରକ୍ତ ତାଣ୍ଡବ ....



✶ ସୁଜିତ କୁମାର ମିଶ୍ର

ମରଣ ଆତଙ୍କେ ଜୀବନ ଉଚ୍ଛନ୍ନ ମଳୟ ପବନ କାହିଁ,
ପାଦ ରକ୍ତର ରଙ୍ଗରେ ଆହତ ପୀଡା କାରୁଣ୍ୟର ବହି ।
ଜହ୍ନରାତି ତଳେ କିଏ ସେ ବିଛାଏ ଯାତନାର କଣ୍ଟା ଶେଯ,
ଆନନ୍ଦ ମୂହୁର୍ତ୍ତ ପାଲଟେ ବିଷାଦ ଅମାରାତି ସଜବାଜ।

ତୁମେ ମାନବ ନା ଦାନବ ମରତେ ତୋଳିଜାଣ ହିଂସା ଗଡ,
ପଲକେ ଫୁଲର ସହର ମଉଳି ପାପର ଅମାପ ଭିଡ ।
ତୁମ ଲେଉଟାଣି ଖରାର ଧାରରେ ଲୁହର ତାତିଲା କୋହ,
ଜୀବନ ହୋଇନି ଆୟୁଷ ନାଆର ଝରଝର ମିଠାମୋହ ।

ରକ୍ତ ତାଣ୍ଡବରେ ଓଠରୁ ଯାଇଛି ରସାଳ ମଧୁର ହସ,
ପ୍ରାଣ ହିଁ ବିଳପେ ପୁଣ୍ୟ ପାରାବାରେ ପିନ୍ଧି ଦୀପର ସେ ବେଶ।
ଭୀରୁ ଅଗଣାରେ ନାହିଁ ବୀରତ୍ୱର ଅସରନ୍ତି ଶଙ୍ଖନାଦ,
ମାତ୍ର ଝରୁଛି ସେ ଆସ୍ପର୍ଦ୍ଧା ବଦନୁ ଔଦ୍ଧତ୍ୟର ମାୟା ଛନ୍ଦ ।

ଛାତିର ସ୍ପନ୍ଦନ ହୋଇବ ନୀରବ ହେ ଛଳ କପଟୀ ତୁମ,
ତୁମେ କାପୁରୁଷ ତୁମ ପତନର ଆସୁଅଛି ଶେଷଦିନ ।

*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik




ଖଇରପୁଟ, (ଭାସ୍କର ନ୍ୟୁଜ୍): ଜାମ୍ମୁ-କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ହିନ୍ଦୁମାନଙ୍କୁ ଚିହ୍ନଟ କରି ନିର୍ମମ ଭାବରେ ହତ୍ୟାକୁ ନିନ୍ଦା କରିବା ସହିତ ଗତକାଲି ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲା ମାଥିଲି କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବାଲରାଜୁ କୋପେଙ୍କ ନେତୃତ୍ୱରେ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ପୁରୁଣା ସହିଦ ଭବନ ଠାରୁ ବାହାରି ବଜାର ପରିକ୍ରମା କରି ମାଥିଲି ଥାନା ପରିସର ଥିବା ସହିଦ ସ୍ତମ୍ଭ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କିଛି ସମୟ ଧରି ପାକିସ୍ତାନ ବିରୁଦ୍ଧରେ ନାରାବାଜି ସହ ଆତଙ୍କବାଦୀ ମାନଙ୍କୁ ସମୂଳେ ମୂଳ ପୋଛ କରିବା ସହିତ ଆତଙ୍କବାଦୀମାନଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ କଡ଼ା ଜବାବ ଦିଆଯିବ ବୋଲି ନାରାବାଜି ଦେଉଥିବା ଦେଖିବାକୁ ମିଳିଥିଲା। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ କଂଗ୍ରେସ ବ୍ଲକ ସଭାପତି ମଙ୍ଗଳା ଗୌଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୁତିରଞ୍ଜନ ଓ ଏମ୍.ଡି. ଆକବର, ପୂର୍ଣ୍ଣ ମହାରଣା, ଉମାଶଙ୍କର ସାହୁ, ଡ୍ରାଇଭର ମହାସଂଘର ବ୍ଲକ ସଭାପତି ଶିବ ପ୍ରସାଦ ରାଓ ଓ କର୍ମକର୍ତ୍ତା ଓ ଟ୍ରାକ୍ଟର ସଂଘର ସଭାପତି ଏ ରାଜୁ (ମୁଣ୍ଡେ)ଙ୍କ ସମେତ ମହିଳା, ପୁରୁଷ ଓ ବହୁ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପୂର୍ବତନ ବୋର୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟ ଠାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ତଥା ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ, ଶିକ୍ଷାର ବିକାଶରେ ନିଷ୍ଠାପର ଯୋଗଦାନ ରହିଥିଲା। ତାଙ୍କ ଜୀବନୀ ବିଷୟରେ ଛାତ୍ରଛାତ୍ରୀ ଜାଣିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସେହିପରି ଉପ ଜିଲ୍ଲାପାଳ କହିଥିଲେ ଯେ ସେ ଥିଲେ ନବ ଉତ୍କଳ ନିର୍ମାଣର ବିନ୍ଧାଣୀ। ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ସେ ଅନେକ ସଂଘର୍ଷ କରିଥିଲେ। ସେ କଳା, ସାହିତ୍ୟ, ଉଚ୍ଚ ଶିକ୍ଷା, ଜଳସେଚନ, ନାରୀ ଶିକ୍ଷା ପାଇଁ କାମ କରିଥିଲେ। ଆହୁରି ମଧ୍ୟ କହିଥିଲେ ଯେ ସେ ଗୋଲ ଟେବୁଲ୍ ବୈଠକରେ ଯୋଗ ଦେଇ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବି ରଖିଥିଲେ। ଅଖଣ୍ଡ ଓଡ଼ିଶା ଅଖଣ୍ଡ ଭାରତ ଗଠନର ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ସାକାର କରିବା ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ୍ ବୋଲି ଭୋଇ କହିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର ରଥ ସ୍ମୃତି ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କର୍ମଚାରୀ ରଞ୍ଜନ ମହାନ୍ତି ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବ୍ଲକ ଅଧକ୍ଷା ସୁଭଦ୍ରା ମାରାଣ୍ଡି, କେନ୍ଦୁଝର ସାଂସଦଙ୍କ କରଞ୍ଜିଆ ବ୍ଲକ ପ୍ରତିନିଧି ଦେବେନ୍ଦ୍ର ମହାନ୍ତ, ବ୍ଲକ ଉପାଧକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ମଞ୍ଚାସିନ ହୋଇଥିଲେ। ସାଂସଦଙ୍କ ଜିଲ୍ଲାପରିଷଦ ପ୍ରତିନିଧି ଆଶିଷ କୁମାର ମହାନ୍ତ, ଲକ୍ଷ୍ମୀ ଝା, ସୁନାମଣୀ ହୋ, ମନୋଜ ମହାନ୍ତ, କରୁଣାକର ବାରିକଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ। ସଭା ପୂର୍ବରୁ ଅତିଥିଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ଫୋଟଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ ପରେ ଜାମ୍ମୁ ଓ କାଶ୍ମୀରରେ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା। ପୂର୍ବରୁ ରାଜ୍ୟରେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳିତ ହେଉଥିବା ବେଳେ ପ୍ରଥମ ଥର ଓଡ଼ିଶାରେ ଏପ୍ରିଲ ୨୪ ତାରିଖ ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ବ୍ଲକ ଓ କରଞ୍ଜିଆ ଏନଏସି ଅଞ୍ଚଳର ନୂତନ ଭାବେ କିଛି ରାସନ କାର୍ଡ ହିତାଧିକାରୀଙ୍କୁ ରଙ୍ଗୀନ ରାସନ କାର୍ଡ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାର ୩୧୨ ବ୍ଲକରେ ନିର୍ମାଣ ହେବାକୁ ଥିବା ବ୍ଲକ ସ୍ତରୀୟ ଷ୍ଟାଡିଅମର ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ରଙ୍ଗୀନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିପିଓ ଦେବାଶିଷ ସାହୁ, ସହକାରୀ ଯନ୍ତ୍ରୀ ଇମ୍‌ତାଜ ଅଲ୍ଲୀ, ଦୀପ୍ତି ପଣ୍ଡା ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତାକଡ଼ରେ ଶୁଖିଲା ଆମ୍ବଗଛ ବଢୁଛି ଅଘଟଣ ଆଶଙ୍କା

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ବଡ଼ିଗାଁ ଗ୍ରାମପଂଚାୟତ ଉନ୍ନୟନ ରାସ୍ତାର ବଡ଼ିଗାଁ ହାଇସ୍କୁଲ ପାଖରେ ୨ବର୍ଷ ଧରି ଯମଦୂତ ସାଜି ଛିଡ଼ା ହୋଇଛି ଶୁଖିଲା ଆମ୍ବଗଛ। କେତେବେଳେ କାହାକୁ ମୃତ୍ୟୁ କୋଳକୁ ଟାଣିନେବ କହିହେବ ନାହିଁ। ଏହି ଶୁଖିଲା ଗଛ ପାଖରେ ଥିବା ୫ଟି ପରିବାର ଅଳ୍ପ ପବନ ବୋହିଲେ ପଦାକୁ ବାହାରୁ ନଥିବା ପ୍ରକାଶ କରିଛନ୍ତି। ବିଗତ ବର୍ଷ ଏପ୍ରିଲ



ମାସ ମାସରେ ଜଣେ ବାଇକ ଚାଳକଙ୍କ ଉପରେ ଏହି ଆମ୍ବ ଗଛର ଶୁଖିଲା ଡାଳ ଭାଙ୍ଗି ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପ୍ରତିଦିନ ଛାତ୍ରଛାତ୍ରୀମାନେ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଯାଉଥିବା ବେଳେ ବଲାସିଙ୍ଗା, ଗମ୍ଭାରୀପଦର, ଓଲଣିଆ, ଲୁଣ୍ଡାବେରୁଣୀ ଆଦି ଗ୍ରାମର ଲୋକମାନେ ପଂଚାୟତ ଅଫିସକୁ ଖାଉଟି ସାମଗ୍ରୀ ନେଇଯିବା ସହିତ ବୃଦ୍ଧବୃଦ୍ଧା ଭତ୍ତା ନେଇ ଯାଆନ୍ତି। ଆଗାମୀ ଦିନରେ କିଛି ଅଘଟଣ ଘଟିବା ପୂର୍ବରୁ ଏହାକୁ କାଟିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅବକାରୀ ଥାନା ଅଧିକାରିଣୀଙ୍କୁ ଆକ୍ରମଣ

# ୫ ଜଣ ମହିଳାଙ୍କ ସମେତ ୬ଜଣଙ୍କ ନାମରେ ମାମଲା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଅବକାରୀ ଥାନା ଅଧିକାରିଣୀ ସୁମିତ୍ରା ହେମ୍ବ୍ରମଙ୍କ ଉପରେ ତାଳପଦା ଗ୍ରାମରେ କେତେକ ଚୋରା ମଦ ବେପାରୀ ମହିଳା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ୨୪ ତାରିଖ ଭୋର ସମୟରେ ଅବକାରୀ ଥାନା ଅଧିକାରିଣୀ ସୁମିତ୍ରା ହେମ୍ବ୍ରମଙ୍କ ନେତୃତ୍ୱରେ ତାଳପଦାରେ ବେଆଇନ ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ଅବକାରୀ ପୁଲିସ ବେଆଇନ ରନ୍ଧା ମଦ ସହିତ ତାଳପଦା ଗ୍ରାମର ନାରାୟଣ ବେହେରା ଓ ବାଗୁରାଇ ଗ୍ରାମର ଦାସ ମୁଣ୍ଡାଙ୍କୁ ଗିରଫ କରିଥିଲା। ପରେ ଅନ୍ୟ ଏକ ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରୁଥିବା ବେଳେ ମଦ ମାଫିଆ ଏବଂ ତାଙ୍କ ପତ୍ନୀଙ୍କ ସମେତ ୫ରୁ ଅଧିକ ମହିଳା ଥାନା ଅଧିକାରିଣୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ୫ଜଣ ମହିଳା ଓ ଜଣେ ପୁରୁଷଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ଦାବି କରାଯାଇଛି।

# ଶୁଳିଆପଦାରେ 'ନିଷ୍ଠା' ତାଲିମ କାର୍ଯ୍ୟକ୍ରମ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ଅଧିନରେ ଥିବା ସମସ୍ତ ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ମୋଟ ଶହେ ୬୪ ଜଣ ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ନେଇ ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ଉପରେ ପର୍ଯ୍ୟବେସିତ ୫ ଦିନିଆ ତାଲିମ କାର୍ଯ୍ୟକ୍ରମ 'ନିଷ୍ଠା' ଅନୁଷ୍ଠିତ ହୋଇଯାଇଛି। ୩ଟି ପର୍ଯ୍ୟାୟରେ ସମାପ୍ତ ହୋଇଥିବା ଏହି ତାଲିମ୍ ଶିବିର ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରିଣୀ ମାଳତୀ ଟୁଡୁ ଉଦଘାଟନ କରି ଭିନ୍ନକ୍ଷମ ତଥା ଶିକ୍ଷାରେ ପଛୁଆ ଥିବା ଛାତ୍ରଛାତ୍ରୀମାନେ କିପରି ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ସହ ସମାନ ସ୍ତରରେ ପହଞ୍ଚି ପାରିବେ ସେଥିପାଇଁ ନିଷ୍ଠାର ସହିତ କର୍ତ୍ତବ୍ୟ କରିବା ପାଇଁ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସମୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକ ଓ ବିଆରସିସି ସରୋଜ ସାହୁ ତାଲିମ ଶିବିର ପରିଦର୍ଶନ କରି ଶିକ୍ଷାଦାନ ପଦ୍ଧତିକୁ ଶିକ୍ଷାର୍ଥୀମାନଙ୍କ ନିକଟରେ ସରଳ ଭାବେ ପହଞ୍ଚାଇ ଶିକ୍ଷାର ମାନକୁ ଉନ୍ନତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅଣଆବାସିକ ତାଲିମ ଶିବିର ଅପ୍ରେଲ ୪ ତାରିଖରୁ ଆରମ୍ଭ ହୋଇ ଅପ୍ରେଲ ୨୬ତାରିଖରେ ସମାପ୍ତ ହୋଇଛି। ଏହି ଶିବିରରେ ପ୍ରଶିକ୍ଷକ ଭାବେ ବିଆରଟି ପ୍ରଦୀପ କୁମାର ଦଳାଇ, ଶିକ୍ଷକ କାଳୀଶଙ୍କର ଦାସ, ସନ୍ତୋଷ ସେଠୀ, ଅମୃତାନନ୍ଦ ମହାନ୍ତ, ସୁଚିସ୍ମିତା ସାମଲ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଆରଟି ଶ୍ରୀଧର ପ୍ରସାଦ ସାହୁ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଦିନ ଡିଜିଟାଲ ପ୍ରଣାଳୀରେ ମୂଲ୍ୟାୟନ କରାଯାଉଥିବା ବେଳେ ଅଧିକ ସ୍କୋର କରିଥିବା ୩ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଛି। ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ଅଂଶଗ୍ରହଣ ପାଇଁ ମାନପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପହଲଗାମ ଆକ୍ରମଣ ବିରୋଧରେ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ

ଆଳି, (ଭାସ୍କର ନ୍ୟୁଜ୍): ପହଲଗାମ୍ ଆତଙ୍କବାଦୀଙ୍କ ଆକ୍ରମଣ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କଲେ ଆଳି ଯୁବ ମୁସଲିମ କମିଟି। ଜାମ୍ମୁକାଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀମାନଙ୍କ ଆକ୍ରମଣ ଓ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଭଳି ଛାତିଥରା ଘଟଣାକୁ ତୀବ୍ର ନିନ୍ଦା କରି ଆଳି ଯୁବ ମୁସଲିମ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଳି ଯୁବ ମୁସଲିମ କମିଟିର ସଦସ୍ୟ ରସିଦ ଇକବାଲ ଖାନ ନେତୃତ୍ୱରେ କଳାପାହାଡ଼ ମସଜିଦ ପାଖରୁ ଆରମ୍ଭ କରି କଳାପାହାଡ଼ ଗ୍ରାମ ଦେଇ ଭେଟନାରୀ ସ୍ଥିତ ଆଠକଣିଆ ଛକ ନିକଟରେ ଏକ ବିକ୍ଷୋଭ ତଥା ପ୍ରତିବାଦ ଶୋଭାଯାତ୍ରା ପହଞ୍ଚିଥିଲା। କଟକ ଚାନ୍ଦବାଲି ରାଜ୍ୟ ରାଜପଥ ଆଳି ଆଠକଣିଆ ଛକ ନିକଟରେ ଉତ୍ତ୍ୟକ୍ତ ଜନତା ଚାରି ନୃଶଂସ ଆତଙ୍କବାଦୀଙ୍କ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କ୍ଷମାର ପାତ୍ର ନୁହେଁ ପାକିସ୍ତାନ, ଆଉ ବରଦାସ୍ତ କରାଯିବ ନାହିଁ। ଏହି ବିକ୍ଷୋଭ ନାରା ଦେଇ ଶୋଭାଯାତ୍ରାରେ ଶତାଧିକ ମୁସଲିମ କମିଟିର କର୍ମୀ ସାମିଲ ଥିଲେ।

# ୧୯୮୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ମୁରିବାହାଲ, (ଭାସ୍କର ନ୍ୟୁଜ୍): ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ୧୯୮୩ ମାଟ୍ରିକ ବ୍ୟାଚ ବନ୍ଧୁମିଳନ ଶନିବାର ହାଇସ୍କୁଲ ପରିସରରେ ଭଗବାନ ମହାନ୍ତି ଓ ରାମରାତନ ମେହେରଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୁରାତନ ଛାତ୍ର ଧଳା ସାର୍ଟ ପିନ୍ଧି ପରିବାର ସହିତ ଏକତ୍ରିତ ହୋଇଥିଲେ। ବିଦ୍ୟାଳୟର ଋଣ ପ୍ରତିଶୋଧର ପ୍ରତିବଦ୍ଧତା। ଏହି ଅବସରରେ ବିଦ୍ୟାଳୟକୁ ୧୯୮୩ ମାଟ୍ରିକ ବ୍ୟାଚ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର ଏବଂ ଷ୍ଟାଫଙ୍କ ଉପସ୍ଥିତରେ ୧ କମ୍ପୁଟର, ୧ ସାଉଣ୍ଡ ସିଷ୍ଟମ, ୪ ଚେୟାର, ୭ ଗଡ଼ରେଜ, ହାରାହାରି ୧ ଲକ୍ଷ ୮୦ ହଜାର ଟଙ୍କା ଅନ୍ୟାନ୍ୟ ଅନୁସାଙ୍ଗିକ ଦ୍ରବ୍ୟ ବିଦ୍ୟାଳୟକୁ ପ୍ରଦାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଛାତ୍ର ଜୀବନର ଅଭୁଲା ସ୍ମୃତି ଜୀବନ୍ତ କରିଥିଲା। ପ୍ରତିବର୍ଷ ବନ୍ଧୁମିଳନ ପରିବାର ସହିତ ଆଲୋଚନା ହୋଇଥାଏ ଏବଂ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ଏହି ଅବସରରେ ରାମରତନ ମେହେରଙ୍କ ଜନ୍ମଦିନ ଥିବାରୁ ବନ୍ଧୁମିଳନ କାର୍ଯ୍ୟକ୍ରମରେ କେକ୍ କାଟି ଜନ୍ମଦିନ ପାଳନ କରି ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂର୍ଯ୍ୟ ନାରାୟଣ ଦାସ, ଭଗବତ ପଧାନ, ଧନଞ୍ଜୟ ପଧାନ, ପିତାମ୍ବର ମେହେର, ଆଦିକନ୍ଦ ଖମାରି, କିଶୋର ନାୟକ, ପ୍ରବୀର କମ୍ପ, ବିଭୁତିନନ୍ଦ ଦାସ, ବସନ୍ତ ବାଗ, ଶିରପତି ଷାଣ୍ଡ, ବଂଶୀ ବାଗ, ସବ୍ୟସାଚୀ ମିଶ୍ର, ସୁଦର୍ଶନ ଲୁହା, ବୃନ୍ଦାବନ ଶତପଥୀ ସହ ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ଠାରେ ଜିଲ୍ଲା ସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱରଚନ୍ଦ୍ର ନାଏକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଫେସର ସନ୍ଦୀପ କୁମାର ଚାନ୍ଦ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପ୍ରସାଦ ପଣ୍ଡା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତା'ଙ୍କ ଅଭିଭାଷଣରେ କହିଥିଲେ ଯେ, ଆମ ପୂର୍ବଜ ମହାମନୀଷୀ ମାନଙ୍କ ଦେଶପ୍ରେମ, ନିସ୍ୱାର୍ଥପର ସେବା, ତ୍ୟାଗ, ନିଷ୍ଠା, ଦୀର୍ଘଦିନର ପ୍ରଚେଷ୍ଟା ଓ ସଂଘର୍ଷର ଫଳ ସ୍ୱରୂପ ଆଜି ଆମେ ଆଜି ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ରହିବା ପାଇଁ ସୁଯୋଗ ପାଇଛୁ। ତେଣୁ ସେଇ ମହାମନୀଷୀ ମାନେ ଆମର ପ୍ରାତଃସ୍ମରଣୀୟ ଓ ଚିର ବନ୍ଦନୀୟ। ଆଜିର ଯୁବ ସମାଜ ଆମ ପୂର୍ବଜ ମହାମନୀଷୀମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ନିଜ ସଂସ୍କୃତି ପରମ୍ପରାକୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ସହିତ ଦେଶ ମାତୃକା ପାଇଁ କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଅବସର ପ୍ରାପ୍ତ ପ୍ରଫେସର ସନ୍ଦୀପ କୁମାର ଚାନ୍ଦ ଓଡିଶା ପ୍ରଦେଶ ଗଠନର ଇତିହାସର ପୃଷ୍ଠଭୂମି ଉପରେ ଆଲୋକପାତ କରି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ କେତେକ ଉଲ୍ଲେଖନୀୟ କାର୍ଯ୍ୟାବଳି ଓ ଅବଦାନକୁ ଉଲ୍ଲେଖ କରିଥିଲେ। ଭାଗବତ ପଣ୍ଡା ମହାରାଜାଙ୍କ ଜୀବନର ନୀତି ଓ ଆଦର୍ଶ ଉପରେ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷକ ଶଶଧର ବିଶ୍ୱାଳ, ବରିଷ୍ଠ ନାଗରିକ ଶରତ ନାୟକଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ତା'ଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ

# କେନ୍ଦୁପତ୍ର ଦୁର୍ନୀତିକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ୨୦ ଗୋଟି ପଞ୍ଚାୟତ ଥିବା ବେଳେ କେନ୍ଦୁପତ୍ର ପାଇଁ ପଞ୍ଚାୟତ ରାଜ ବିଭାଗ ତରଫରୁ ସମସ୍ତ ପଞ୍ଚାୟତ ଅଧିକାରୀଙ୍କୁ କିଭଳି ଭାବେ ଅଧିକରୁ ଅଧିକ ଟିକସ ପଞ୍ଚାୟତର ରାଜକୋଷକୁ ଆସିପାରିବ ସେଥିପାଇଁ ପଞ୍ଚାୟତ ଅଧିକାରୀଙ୍କୁ କୁହାଯାଇଛି। କିନ୍ତୁ ଏଥି ମଧ୍ୟରେ ମାଥିଲି ବ୍ଲକ କତାପାଲି ଗ୍ରାମପଞ୍ଚାୟତ ସହ ଆହୁରି ଚାରିଗୋଟି ଗ୍ରାମ ପଞ୍ଚାୟତ ଭଣ୍ଡାରିପାଙ୍ଗାମ, ମେକା, ନାୟକଗୁଡ଼ା ଓ ପାଙ୍ଗମ ପଞ୍ଚାୟତ ନାମରେ କେନ୍ଦୁ ପତ୍ର କିଣାବିକା ନେଇ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଆଦିବାସୀ ନେତା ଘନଶ୍ୟାମ ମାଡକାମୀ ଓ ନାୟକଗୁଡ଼ା ଅବସରପ୍ରାପ୍ତ ଆର୍ମି ଯବାନ ବନ୍ଧୁ ବାକା। ତେବେ ଘନଶ୍ୟାମ ମାଡକାମୀ ପଞ୍ଚାୟତରେ କେନ୍ଦୁପତ୍ର କିଣାବିକା କରିବା ପାଇଁ ଆଦେଶପତ୍ର ଗ୍ରାମ ପଞ୍ଚାୟତରେ ଲିଖିତ ଭାବେ ଦରଖାସ୍ତରେ ଆବେଦନ କରିଥିଲେ। କିନ୍ତୁ ପଞ୍ଚାୟତ ଅଧିକାରୀ ଭୋଲାନାଥ ବିଶ୍ୱାସ ରସିଦ କାଟିବାକୁ କହି କାଟୁ ନଥିବାରୁ ଏନେଇ ମାଡକାମୀ ମାଲକାନଗିରି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟାଳରୁ ଗତ ୨୩ ତାରିଖରେ ଚିଠି ନମ୍ବର ୨୬୦୧/୨୫ ମାଧ୍ୟମରେ ପବନ ପାଟିଲ ନାମରେ କେନ୍ଦୁପତ୍ର କିଣାବିକା କରିବା ପାଇଁ ରସିଦ କାଟିବା ପାଇଁ କତାପାଲି ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ୨୬/୦୪ ପର୍ଯ୍ୟନ୍ତ ରସିଦ କାଟିବାର ନାମ ନେଉନାହାନ୍ତି ପଞ୍ଚାୟତ ଅଧିକାରୀ। ତେବେ ସ୍ଥାନୀୟ ଅଭିଯୋଗକାରିଙ୍କ କହିବା ଅନୁଯାୟୀ ଛତିଶଗଡ ରାଜ୍ୟ ରାଜନନ୍ଦଗାଁ ଅଞ୍ଚଳ ପ୍ରବୀଣ ସୋମୟା କତାପାଲି ପଞ୍ଚାୟତ ଅଧିକାରୀ ଓ ସରପଞ୍ଚଙ୍କୁ ୧୦ ଲକ୍ଷ ଟଙ୍କାରେ ଉତକୋଚ ଦେଇ ଡିଲ କରି କୌଣସି କେନ୍ଦୁପତ୍ର ବ୍ୟବସାୟୀଙ୍କୁ ରସିଦ ନ କାଟିବାରେ ଚୁକ୍ତି କରିଥିବା ଭଳି ମାଡକାମୀ ଅଭିଯୋଗ କରି କହିଛନ୍ତି। ତେବେ ସମାନ ଅଭିଯୋଗ ଆଣିଛନ୍ତି ଅବସାରପ୍ରାପ୍ତ ଜବାନ ବନ୍ଧୁ ବାକା। କତାପାଲି ସହ ଆଉ ଚାରି ଗୋଟି ପଞ୍ଚାୟତ ଭଣ୍ଡାରିପାଙ୍ଗାମ, ମେକା, ନାୟକଗୁଡ଼ା ଓ ପାଙ୍ଗମ ପଞ୍ଚାୟତରେ ଦୁଇଟି ଲେଖାଏଁ ରସିଦ କାଟି ଚୁପ ବସିଛନ୍ତି ପଞ୍ଚାୟତ ଅଧିକାରୀ। ସେବି ସମାନ ଢଙ୍ଗରେ ପ୍ରବୀଣ ସୋମୟା ନାମରେ କେନ୍ଦୁ ପତ୍ର କିଣାବିକା କରିବା ନିମନ୍ତେ। ତେବେ ଅବସରପ୍ରାପ୍ତ ବନ୍ଧୁ ବାକାଙ୍କ କହିବା କଥା ମାଥିଲି ବ୍ଲକରେ ଅନେକ ପଞ୍ଚାୟତରେ ୧୦୦ ବିଡ଼ା କେନ୍ଦୁପତ୍ରକୁ ୪୫୦ ଟଙ୍କା ଠାରୁ ୪୮୦ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିବା ବେଳେ ଏସବୁ ପଞ୍ଚାୟତରେ ୪୦୦ ଟଙ୍କାରୁ ୪୫୦ଟଙ୍କା ପାଉଛନ୍ତି। ତେବେ ପତ୍ର ହିତାଧିକାରୀ ଉଚିତ ମୂଲ୍ୟ ପାଇବାରେ ଠକାମୀର ଶିକାର ହୋଇଛନ୍ତି ବୋଲି ବନ୍ଧୁ ବାକା କହିଛନ୍ତି। ତେବେ ଏସବୁ ପଞ୍ଚାୟତରେ ଯଦି ଅନ୍ୟ ପଞ୍ଚାୟତ ଭଳି ପାଞ୍ଚରୁ ଛଅଜଣ ବ୍ୟବସାୟୀ କେନ୍ଦୁପତ୍ର କିଣିପାରି ଥାନ୍ତେ ତେବେ ଲୋକେ ଠକାମୀର ଶିକାର ନ ହୋଇ ଉଚିତ ମୂଲ୍ୟ ପାଇଥାନ୍ତେ। ତେବେ ମାଥିଲି ବ୍ଲକରେ ଥିବା ଏହି ପାଞ୍ଚଗୋଟି ପଞ୍ଚାୟତରେ କିଭଳି କେନ୍ଦୁ ପତ୍ର କିଣାବିକା ରସିଦ କାଟିବାରେ ବ୍ୟବସାୟୀକୁ ଫେରାଇଛନ୍ତି ତାହା ନେଇ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଘନଶ୍ୟାମ ମାଡ଼କାମୀ ଓ ବନ୍ଧୁ ବାକା ପ୍ରଶାସନକୁ ନିବେଦନ କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ଯୁବ ଇଂଜିନିୟରଙ୍କ ମୃତ୍ୟୁ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କଲେଜଛକର ଜଣେ ଯୁବ ଇଂଜିନିୟରଙ୍କର ସଡ଼କ ଦୁର୍ଘଟଣାରେ ସମ୍ବଲପୁର-ଅନୁଗୁଳ ରାଜ୍ୟ ରାଜପଥରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଯୁବ ଇଂଜିନିୟର ମନୋଜ କୁମାର ବଳ (୩୫) ଅନୁଗୁଳ ଟାଟା କମ୍ପାନୀର ଇଂଜିନିୟର ଭାବେ କାର୍ଯ୍ୟ କରନ୍ତି। ସେ ଶନିବାର ସକାଳେ ତାଙ୍କ ସାଙ୍ଗକୁ ଛାଡ଼ିବା ପାଇଁ ବାଇକ୍‌ରେ ସମ୍ବଲପୁର ଯାଇଥିଲେ। ସମ୍ବଲପୁରରେ ସାଙ୍ଗକୁ ଛାଡ଼ି ଅନୁଗୁଳ ଫେରୁଥିବା ବେଳେ ମଧ୍ୟାହ୍ନ ୧୨ଟା ସମୟରେ ସମ୍ବଲପୁର-ଅନୁଗୁଳ ରାଜ୍ୟ ରାଜପଥରେ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ଇଂ ବଳ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକ ନିକଟସ୍ଥ ଜୁଜୁମରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଇଂ ବଳ ଅବସରପ୍ରାପ୍ତ ଶିକ୍ଷକ ଭାଗିରଥି ବଳଙ୍କ ପୁଅ ଅଟନ୍ତି। ତାଙ୍କ ମୃତ୍ୟୁରେ ତିହିଡ଼ି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମୁସଲମାନ ସଂଗଠନ ପକ୍ଷରୁ ବିରୋଧ ପ୍ରଦର୍ଶନ




ଉମରକୋଟ, (ଭାସ୍କର ନ୍ୟୁଜ୍): ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ବରୋଧରେ ଉମରକୋଟ ଥିବା ମୁସଲମାନ ସଂଘ ପକ୍ଷରୁ ଉମରକୋଟ ଠାରେ ବିରୋଧ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ମସଜିଦ ପରିସର ଏକ ରେଲି ବାହାରି ସହରର ଗାନ୍ଧୀ ଛକ ଭଞ୍ଜ ମଣ୍ଡପ ହୋଇ ଗଜପତି ଛକ ହୋଇ ମସଜିଦ ପହଞ୍ଚି ଏକ ଶୋକସଭା କରିଥିଲେ। ଏହି ଅବସରରେ ମୃତକଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଭାରତର ନିରୀହ ଲୋକଙ୍କୁ କାଶ୍ମୀରରେ ନିର୍ମମ ଭାବେ ଧର୍ମ ପଚାରି ହତ୍ୟା କରିଛନ୍ତି। ସେମାନଙ୍କ ବିରୋଧରେ ଏବଂ ଆତଙ୍କବାଦୀଙ୍କୁ ସହଯୋଗ କରୁଥିବା ପଡୋଶୀ ଦେଶ ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଥିଲି। ଏହି ବିରୋଧ ପ୍ରଦର୍ଶନ ସମୟରେ ସଲିମ ରାଠୋର, ଅଲି ଲାଠିଆ, ମୋସିନ ଲାଠିଆ, ଅନିଶ ସୁନୀ, ସୈଫ ହିଙ୍ଗରା ସହ ବହୁ ସଂଖ୍ୟାରେ ମୁସଲମାନ ଯୁବକ ଅଂଶ ଗ୍ରହଣ କରିଥିଲେ।

# ଥାନାରେ ଯୋଗଦେଲେ ନୂତନ ମହିଳା ଅଧିକାରୀ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ଆଜି ବଡ଼ଚଣା ଥାନାରେ ନୂତନ ମହିଳା ଥାନାଧିକାରି ଭାବେ ମଧୁସ୍ମିତା ବେହେରା ଯୋଗ ଦେଇଛନ୍ତି। ବେହେରା ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଥିଲେ ଏବଂ ଯାଜପୁର ଏସପି ତାଙ୍କୁ ବଡ଼ଚଣା ଥାନାକୁ ନିଯୁକ୍ତି ଦେଇଛନ୍ତି। ବଡ଼ଚଣା ଥାନାରେ ପୂର୍ବରୁ କୌଣସି ମହିଳା ଇନ୍ସପେକ୍ଟର ନଥିଲେ ଏବଂ ବେହେରା ପ୍ରଥମ ମହିଳା ଥାନା ଅଧିକାରି ଭାବେ ଯୋଗ ଦେଇଛନ୍ତି। ବଡ଼ଚଣା ଅଞ୍ଚଳରେ ଆଇନ ଶୃଙ୍ଖଳା ତଥା ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବେ ବୋଲି ଥାନା ଅଧିକାରି ସୂଚନା ଦେଇଛନ୍ତି।



ଲହୁଣୀପଡ଼ା(ଭାସ୍କର ନ୍ୟୁଜ୍): ହିନ୍ଦୁ ସମାଜ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରାଜା ମୁଣ୍ଡା ଓ ଲହୁଣୀପଡ଼ା ଠାରେ ପ୍ରତିବାଦ ସଭା ହୋଇଯାଇଛି । ଗତ ୨୨ ଏପ୍ରିଲ ମଙ୍ଗଳବାର ଦିନ ଜାମ୍ମୁ କାଶ୍ମୀର ରାଜ୍ୟ ର ପହଲଗାଁ ଠାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଦ୍ୱାରା ପର୍ଯ୍ୟଟକଙ୍କୁ ନିଜର ଧର୍ମ ପଚାରି ଅନ୍ଧାଧୁନିଆ ଗୁଳିକରି ହତ୍ୟା କରିବା। ହିନ୍ଦୁ ଧର୍ମ ର ପରିଚୟ ପାଇଲା ପରେ ନିଜ ସ୍ତ୍ରୀ ଓ ସନ୍ତାନ ସମ୍ମୁଖରେ ଅତି ଅମାନବୀୟ,ନୃଶଂସ ଓ ବର୍ବରୋଚିତ ଭାବରେ ୨୮ଜଣଙ୍କୁ ହତ୍ୟା କରିବା। ସମଗ୍ର ଭାରତବାସୀ ଏହି ରାକ୍ଷସ ଚିତ କାର୍ଯ୍ୟ କୁ ଦୃଢ଼ ନିନ୍ଦା କରିବା ସହ ଆତଙ୍କବାଦର ମୁଳୋତ୍ପାଟନ ନିମନ୍ତେ ଭାରତ ସରକାର ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଆହ୍ୱାନ କରିଛନ୍ତି। ସମସ୍ତ ଭାରତୀୟ ଙ୍କୁ ଆହ୍ୱାନ କରାଯାଉଛି ଯେ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଉକ୍ତ ବର୍ବରୋତ ଘଟଣା ର ପ୍ରତିବାଦ ସ୍ୱରୂପ ରାଜରାସ୍ତାକୁ ଓହ୍ଲାଇବାର ସମୟ ଆଜି ଆସିଯାଇଛି। ଏଣୁ ଏହାକୁ ନେଇ ସନ୍ଧ୍ୟା ୬ ଟା ସମୟରେ ରାଜାମୁଣ୍ଡା ଛକ ଠାରେ ହିନ୍ଦୁ ସମାଜ ପକ୍ଷରୁ ଓ ଲହୁଣୀପଡ଼ା ଛକଠାରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆତଙ୍କବାଦୀଙ୍କ ବିରୁଦ୍ଧରେ ବିଶାଳ ପ୍ରତିବାଦ ଶୋଭା କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ପାକିସ୍ତାନ ମୁର୍ଦାବାଦ ନାରା ଦେବା ସହିତ ଆତଙ୍କବାଦୀ ଙ୍କ କୁଶପୁତ୍ତଳିକା ଦାହ କରି ପାକିସ୍ତାନ ପୋଷ୍ଟରରେ ନିଆଁ ଲଗାଇ ଦେଇଥିଲେ। ମୃତ ଭାରତୀୟ ଙ୍କୁ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଦେବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ।

# ଦୂରାରୋଗ୍ୟ ରୋଗୀଙ୍କ ଦେବଦୂତ ଜେନାମଣୀ



ଡେରାବିଶ(ଭାସ୍କର ନ୍ୟୁଜ୍): ଦୂରାରୋଗ୍ୟ ରୋଗୀଙ୍କ ଦେବଦୂତ ସାଜିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଜେନାମଣି ବଳ (୭୧) । ସ୍ଥାନୀୟ ଅଂଚଳରେ ଯେଉଁଠି ଗରିବ ପରିବାରର କେହି ବ୍ୟକ୍ତି କ୍ୟାନସର, ପାରାଲିସିସ୍, କିଡ୍‌ନୀ ଭଳି ଦୂରାରୋଗ୍ୟ ରୋଗରେ ପୀଡ଼ିତ ହେବାର ଖବର ଜେନାମଣି ବଳ ପାଇଥାନ୍ତି, ତୁରନ୍ତ ସେହି ବ୍ୟକ୍ତିଙ୍କ ନିକଟରେ ପହଂଚି ଯାଇ ସାହାଯ୍ୟର ହାତ ବଢ଼ାଇଥାଆନ୍ତି। ରୋଗୀ ଜଣକ କିପରି ଓ କେଉଁ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯିବେ । ସେଠାରେ କେମିତି ସଠିକ ଢ଼ଙ୍ଗରେ ଚିକିତ୍ସା ହୋଇପାରିବେ, ଏଥିସହିତ ଦୂରରୋଗ୍ୟରେ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ମଧ୍ୟ ଯୋଗାଡ଼ରେ ଲାଗିପଡ଼ିଥାନ୍ତି । ସେ ଏଥିପାଇଁ ବିଭିନ୍ନ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହିତ ଯୋଗାଯୋଗ କରି ସେମାନଙ୍କ ମାଧ୍ୟମରେ ଏହି ଦୂରାରୋଗ୍ୟରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି । ଯେଉଁ ଆର୍ଥିକ ସହାୟତାରେ ବିଚରା ରୋଗୀଟି ତାର ଔଷଧ ଓ ଖାଇବା ଖର୍ଚ୍ଚ ମେଣ୍ଟିଥାଏ । ଏଥିସହିତ ସେ ସେମାନଙ୍କ ଘରକୁ ଯାଇ ସେମାନଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥାନ୍ତି। ସ୍ୱଳ୍ପ ରୋଜଗାରରେ ଜେନାମଣୀ ଏହି ଲୋକମାନଙ୍କ ସେବା କରିବା ପାଇଁ ସବୁବେଳେ ଆଗଭର ହୋଇଥାନ୍ତି । ଜେନାମଣି ଖାଲି ଦରଦୀ ବନ୍ଧୁ ନୁହଁନ୍ତି ସେ ସ୍ଥାନୀୟ ଅଂଚଳରେ ଜଣେ ପରିବେଶବିତ ଭାବେ ବେଶ ଜଣାଶୁଣା। ଜେନାମଣି ବୟସର ଅପରାହ୍ନରେ ସେ କେବେବି ଘରେ ସ୍ଥିର ହୋଇ ବସିନଥାନ୍ତି । ସେ ନିକଟସ୍ଥ ସରକାରୀ ଜାଗା ଶ୍ମଶାନ, ନାଳ ଓ ନଦୀବନ୍ଧରେ ହଜାର ହଜାର ତାଳଗଛ ଲଗାଇବା ସହ ବହୁ ବରଗଛ ଓ ଓସ୍ତଗଛ ମଧ୍ୟ ଲଗାଇଛନ୍ତି । ସେ ଯେଉଁ ଗଛ ଲଗାଇଥାଆନ୍ତି ତାକୁ ନିଜର ପିଲା ଭଳି ସବୁଦିନେ ଯତ୍ନନେଇ ବଢ଼ାଇଥାଆନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ତାଙ୍କୁ 'ପ୍ରକୃତିବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି । ତେବେ ଜେନାମଣି କୁହନ୍ତି ମୁଁ ଗରିବ ରୋଗୀଙ୍କ ସେବା କରିବା ଓ ଗଛ ଲଗାଇବାରେ ଯେଉଁ ଭଳି ଆତ୍ମସନ୍ତୋଷ ଓ ଆନନ୍ଦ ପାଇଥାଏ ତାହା ଅନ୍ୟ କେଉଁଥିରୁ ପାଇନଥାଏ । ଭଗବାନଙ୍କ ଅପାର କରୁଣାରୁ ମୁଁ ମୋ ଜୀବନରେ ଅନେକ ବ୍ୟକ୍ତିଙ୍କୁ ସାହାଯ୍ୟ ସହଯୋଗ କରିଛି ଏବଂ ବଂଚିଥିବା ପର୍ଯ୍ୟନ୍ତ ମଧ୍ୟ ସାହାଯ୍ୟ କରୁଥିବି ।

# ନିରଳସ କର୍ମନିଷ୍ଠା ସଫଳତାର ଚାବିକାଠି

## ■ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା





ଗୋପ(ଭାସ୍କର ନ୍ୟୁଜ୍): କର୍ମ ହିଁ ମାନବର ପରିଚୟ। ଲକ୍ଷ୍ୟ ସ୍ଥିର ରଖି ନିରଳସ କର୍ମରେ ପ୍ରବୃତ୍ତ ମଣିଷ ହିଁ ସଫଳତାର ସ୍ୱାଦ ଚାଖିଥାଏ। ବସ୍ତୁତଃ ନିରଳସ କର୍ମନିଷ୍ଠା ହିଁ ସଫଳତାର ଚାବିକାଠି। ଏପରି ଜଣେ କର୍ମବୀର ହେଉଛନ୍ତି ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ଯେ କି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପ-ନିୟନ୍ତ୍ରକ ରୂପେ ପଦୋନ୍ନତି ପାଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷା ପ୍ରଶାସକ ଶ୍ରୀ ବ୍ରହ୍ମାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥିସହିତ ପଦୋନ୍ନତି ପାଇ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ରୂପେ ନୂତନଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଶ୍ରୀ ବ୍ରହ୍ମାଙ୍କ ପତ୍ନୀ ଭୂମ୍ ପ୍ରଧାନ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୂପେ ପଦୋନ୍ନତି ପାଇଥିବା ନିମାପଡ଼ା ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହିତ ପୁରୀ ଜିଲ୍ଲାର ୧୧ଟି ବ୍ଲକରେ କାର୍ଯ୍ୟରତ ଶିକ୍ଷାଧିକାରୀଙ୍କ ମଧ୍ୟରେ ସୁଶୀଳ କୁମାର ବ୍ରହ୍ମା ଶ୍ରେଷ୍ଠ ବୋଲି ମତବ୍ୟକ୍ତ କରିଥିଲେ। ଗୋପ ବ୍ଲକ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ଢଙ୍ଗରେ ସଂସ୍କାର ଆଣିଥିବା ଶିକ୍ଷା ପ୍ରଶାସକ ଶ୍ରୀ ବ୍ରହ୍ମା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପ-ନିୟନ୍ତ୍ରକ ଭାବେ ଦାୟିତ୍ୱ ବହନ କରି ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ କରିବାରେ ସହାୟକ ହେବେ ବୋଲି ମୁଖ୍ୟ ଅତିଥି ଡିଇଓ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୋପ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ, ଗୋପ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ସମାଜସେବୀ ପ୍ରମୋଦ କୁମାର ପାଇକରାୟ, ଏବିଇଓ ବିନୋଦିନୀ ମହାପାତ୍ର ଓ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ ଓ ସମନ୍ୱୟ ସମିତିର ସଂପାଦକ ସରୋଜ କୁମାର ମିଶ୍ର ମଞ୍ଚାସୀନ ହୋଇ ଶିକ୍ଷା ପ୍ରଶାସକ ଶ୍ରୀବ୍ରହ୍ମାଙ୍କର ଆଦର୍ଶ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଜୟ କୁମାର ବ୍ରହ୍ମା ଓ ପୁଷ୍ପାଞ୍ଜଳି ବ୍ରହ୍ମାଙ୍କୁ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସଂଘ ନେତା ସୁଶାନ୍ତ କୁମାର ନାୟକ, ରାଜକିଶୋର ଜେନା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା, ପ୍ରବାସିନୀ ମିଶ୍ର, ଅଚ୍ୟୁତ କୁମାର ପ୍ରଧାନ, ରାଜ୍ୟସ୍ତରୀୟ ସାଧନକର୍ମୀ ଲଲାଟ ଚନ୍ଦ୍ର ବେହେରା, ଓଷ୍ଟାର ପୁରୀ ଜିଲ୍ଲା ସଂପାଦକ ବିଭୁଦତ୍ତ ନାୟକ, ଗୋପ ବ୍ଲକ ସଭାପତି ମହେନ୍ଦ୍ର କୁମାର ପାଢ଼ୀ, ଗୋପ ବ୍ଲକ ଏନପିଏସ୍ ଶିକ୍ଷକ ସଂଘର ସଭାପତି ଜଳନ୍ଧର ବେହେରା ସଂପାଦକ ସନ୍ତୋଷ କୁମାର ବିଶ୍ୱାଳ, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଶରତ ପରିଡ଼ା, ସଂପାଦକ ପ୍ରକାଶ ବେହେରା, ସିଆରସିସି ଲିଙ୍ଗରାଜ ସ୍ୱାଇଁ, ପ୍ରଭାକର ମଲ୍ଲିକ, ସୁଚରିତା ପାତ୍ର ଓ ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ପ୍ରଶାସକ ଶ୍ରୀ ବ୍ରହ୍ମାଙ୍କର ବହୁମୁଖୀ ପ୍ରତିଭାର ପ୍ରଶଂସା କରିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ଦାଶ ଓ ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସଭାକୁ ସଂଯୋଜନା କରିଥିଲେ। ଶିକ୍ଷକ ତଥା କଣ୍ଠଶିଳ୍ପୀ ବିନୋଦ କୁମାର ମିଶ୍ର ସ୍ୱାଗତ ଓ ଉଦଯାପନୀ ସଂଗୀତ ଗାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଗୋପ ବ୍ଲକର ୫୦୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ସମାବେଶ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମନ୍ୱୟ ସମିତିର କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ସୁରଜିତ ସାହୁ, ଦିବାକର ପରିଡ଼ା, ପଦ୍ମନାଭ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ହେଲ୍ପ ଲାଇନ ଆୱାର୍ଡ



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ ନିଜ କାର୍ଯ୍ୟ ଦକ୍ଷତା ପାଇଁ ସର୍ବଦା ବୁଦ୍ଧିଜୀବୀ ମହଲରେ ପ୍ରଶଂସିତ । ସଂସ୍ଥା ବର୍ଷ ତମାମ ସମାଜସେବା କାର୍ଯ୍ୟ ଜାରି ରଖିଥିବା ବେଳେ, ଆଜି ତାର ବାର୍ଷିକ ଉତ୍ସବ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାର ଙ୍କ କ୍ୟାବିନେଟ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସଂସ୍ଥା ର କାର୍ଯ୍ୟ କୁ ବହୁ ପ୍ରଶଂସା କରିଥିଲେ । ସଂସ୍ଥା ପକ୍ଷରୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଙ୍କୁ ଜୋରଦାର ସ୍ୱାଗତ ଓ ସମ୍ମାନିତ କରାଯାଇଥିଲା । ସେହିପରି ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡ଼ାସଙ୍ଘର ଉପସଭାପତି ଏମ. ବାଳକୃଷ୍ଣ ରାଓ ମୁଖ୍ୟବକ୍ତା ସାହିତ୍ୟିକ ପ୍ରଦୀପ ମିଶ୍ର, ଜିଲ୍ଲା କ୍ରିକେଟ ସମ୍ପାଦକ ଅଶୋକ କୁମାର ନାୟକ, କ୍ରୀଡା ଶିକ୍ଷକ କିଶୋର ସିଲ, ଏମ. ବିଜୟ କୁମାର, ଶିକ୍ଷକ ନରେଶ ପଟନାୟକ ଙ୍କୁ ମଧ୍ୟ ଉପଢୌକନ, ମାନପତ୍ର ଏବଂ ଟ୍ରଫି ଦେଇ ଓଡିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ସଂସ୍ଥା ପକ୍ଷରୁ ସମ୍ମାନିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଉପସଭାପତି ଇଂ. ଚନ୍ଦନା ମଲ୍ଲିକ, ଉପଦେଷ୍ଟା ଶ୍ରୀନିବାସ ପଟନାୟକ, ରବି ସୁନା, ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ, ବରିଷ୍ଠ ସଭ୍ୟା କୁସୁମ ନାୟକ, ଶାନ୍ତିଲତା ମହାନ୍ତି, ସାଇକୃତି ପଣ୍ଡା ଏବଂ ଶିବାନୀ ରାଜୁ ପ୍ରମୁଖ ପରିଚାଳନା କରିଥିଲେ ।

# ରଘୁନାଥପୁର ତହସିଲରେ ହନୁମାନ ଚାଳିଶା



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ଶନିବାର ହନୁମାନଚାଳିଶା ପୂଜାବିଧି ପ୍ରତି ବର୍ଷଭଳି ଚଳିତ ବର୍ଷ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ସକାଳେ ସୂର୍ଯ୍ୟପୂଜା, ମଙ୍ଗଳାଅଷ୍ଟକ ପରେ ସ୍ଥାନୀୟ ପୂରଣଓଡପଡା ହନୁମାନ ଚାଳିଶା ମଣ୍ଡଳୀ ଦ୍ୱାରା ୧୦୮ ଚାଳିଶା ଓ ପ୍ରଭୁ ରାମଚନ୍ଦ୍ରଙ୍କର ପୂଜାଅର୍ଚ୍ଚନା କରାଯାଇ ଅପରାହ୍ନରେ ଶିବପଞ୍ଚାକ୍ଷର ସ୍ତୋତ୍ର ଓ ଶ୍ରୀ ରାମଚନ୍ଦ୍ରଙ୍କର ସହସ୍ର ନାମ ପଠନ ଓ ଆହୁତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଭକ୍ତମାନଙ୍କ ପାଇଁ ଏଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ତହସିଲଦାର ଅଭିପ୍ସା ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନ ରେ ହୋଇଥିବାବେଳେ ଏଥିରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା,ସେକ୍ସନ ଅଫିସର ସଂଜୟ ପ୍ରଧାନ,ନିଜାର ସାରଦାପ୍ରସାଦ ନାୟକ,ସିପ୍ରା ପ୍ରିୟଦର୍ଶିନୀ ମହାନ୍ତି,ଅଜୟ ସିଂହ, ସୁଶାନ୍ତ କୁମାର ଧାରୁଆ,ସ୍ୱାଗତିକା ଶତପଥି,ଅରବିନ୍ଦ ପଣ୍ଡା,ରାଜଶ୍ରୀ ରାଉତ, ଅବିନାଶ ସେଠୀ ଙ୍କ ସମେତ ଅନ୍ୟ କର୍ମଚାରୀଙ୍କମାନେ ଓ ଏହି କାର୍ଯ୍ୟାଳୟ ଅଧିନ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ରହିଥିଲେ।

# ପହଲଗାମ୍ ମୃତ ପର୍ଯ୍ୟଟକଙ୍କ ପାଇଁ ମହମବତୀ ଶୋଭାଯାତ୍ରା




ଡେରାବିଶ(ଭାସ୍କର ନ୍ୟୁଜ୍)): ଜମ୍ମୁକାଶ୍ମୀରର ପହଲଗାମରେ ମଙ୍ଗଳବାର ଦିନ ଆତଙ୍କବାଦୀଙ୍କ ନିର୍ମମ ଆକ୍ରମଣରେ ମୃତ୍ୟୁର ଶୀକାର ହୋଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଗତକାଲି ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ମହମବତୀ ଶୋଭାଯାତ୍ରା କରାଯାଇଥିଲା । ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏହାର ସଦସ୍ୟମାନେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଆତଙ୍କବାଦକୁ ତୀବ୍ର ନିନ୍ଦା କରିଥିଲେ । ଏଥିସହିତ ଏହି ବର୍ବର ଆତଙ୍କବାଦୀଙ୍କୁ ଭାରତ ସରକାରଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଅନୁରୋଧ କରିଥିଲେ । ସେହିପରି ଗୋଲରାହାଟ ପଂଚାୟତର ଦୁମୁକାହାଟ ସ୍ଥିତ ଦଧିବାମନଜୀଙ୍କ ମନ୍ଦିର ନିକଟରେ ଡେରାବିଶ ସାଂସ୍କୃତିକ ସଂଗଠନ ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଥିଲା।

# ବିଜେପିରେ ଯୋଗଦେଲେ ଭୂଇଁପୁରର ବହୁ ପରିବାର



ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀର ଯୁବ ସମାଜସେବୀ ତଥା ଭୂଇଁପୁର ପଞ୍ଚାୟତ କଳମଡାର ୱାର୍ଡ ସଦସ୍ୟ ନିହାର ରଞ୍ଜନ ବିଶ୍ୱାଳଙ୍କ ସହିତ ବହୁ ପରିବାର ଦେଶର ପ୍ରଧାନମନ୍ତ୍ରୀ, ରାଜ୍ୟ ସରକାର ଏବଂ ଭାରତୀୟ ଜନତା ପାର୍ଟି ର ନୀତି ଆଦର୍ଶ ଓ ଶାସନ ରେ ଅନୁପ୍ରାଣିତ ହୋଇ ବିଜେପି ଦଳରେ ଯୋଗଦାନ କରିଛନ୍ତି । ଆଜି କେନ୍ଦ୍ରାପଡା ସ୍ଥିତ ହୋଟେଲ ଗୌରୀ ଶଙ୍କର ଠାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ , ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡା ର ସମସ୍ତ ବିଧାନସଭା କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀ ଓ ଆଳି ବିଧାନସଭା କ୍ଷେତ୍ରର ବିଧାନସଭା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଆଳି ର ଯୁବ ସମାଜ ସେବୀ ନିହାର ରଞ୍ଜନ ବିଧିବଦ୍ଧ ଭାବେ ବିଜେପି ରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ସାମଲ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରିଛନ୍ତି ।

# ଟ୍ରାକ୍ଟରରେ ବେଆଇନ ପଥରଚାଲାଣ ଅଭିଯୋଗ



ଚିକିଟି (ଭାସ୍କର ନ୍ୟୁଜ୍): କେ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଫାଣ୍ଡି ଅଧିନସ୍ଥ ଇଲାକରେ ଶହ ଶହ ଟ୍ରାକ୍ଟର ନିଜର କାଗଜପତ୍ର,ଫିଟନେସ, ଇନ୍ସୁରାନ୍ସ ନଥିବା ଟ୍ରାକ୍ଟରରେ ପଥର ଓ ବାଲି ବୋଝେଇ କରି ଦ୍ରୁତଗତିରେ ଯିବା ଆସିବା କରୁଥିବା ଅଭିଯୋଗ ସାଧାରଣରେ ହେଉଅଛି । ସୂଚନା ପ୍ରକାରେ ପ୍ରତିଦିନ ପ୍ରାତଃ କାଳରେ ନଦୀରୁ ଚୋରାଇ, ପାହାଡ଼ରୁ ପଥର ଉଠାଇ କ୍ଷିପ୍ରଗତିରେ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି । ସାଧାରଣତଃ ସକାଳଓଳା ଲୋକ ମାନେ ନିଜର ସ୍ନାନ, ଶୌଚ କରିବା ସକାଶେ ରାସ୍ତା କ୍ରସକରି ପୋଖରୀ ପଟକୁ ଯିବାକୁ ମଧ୍ୟ ସୁରକ୍ଷିତ ମନେ କରୁନାହାନ୍ତି । ଏହି ବିଷୟରେ କିଛି ଟ୍ରାକ୍ଟର ଚାଳକକୁ ପଚାରିଲେ ମଧ ମଦ୍ୟପ ଚାଳକ ମାନେ ମାଫିଆ,ଅଂଚଳର ଭାଇନାମାନଙ୍କ ନାମକୁ ନେଇ ଉଭାନ ହେବାରେ ଲାଗିଛନ୍ତି । ସାଧାରଣ ଜନତା ନିଜର ମେଡିକାଲ କାମରେ ପଡୋଶୀଙ୍କ ବାଇକ ମାଗି ଯାଉଥିବାବେଳେ ପୋଲିସ ତାକୁ ସତେକି ବର୍ଡ଼ର ପାର କଲାଭଳି ଅଟକାଇ ଇଚ୍ଛା ମୁତାବକ ଫାଇନ ପକାଇ ଦେଉଥିବାବେଳେ ଶହ ଶହ ଟ୍ରାକ୍ଟର କିଭଳି ନିଜର କାଗଜ ପତ୍ର, ଇନ୍ସୁରାନ୍ସ, ଫିଟନେସ, ଚାଳକ ଲାଇସେନ୍ସ ନଥିବା ଗାଡିକୁ କିଭଳି ଦେଖି ନଦେଖିଲା ଭଳି ଛାଡିଦେଉଛି ତାହା କୌଣସି ନା କୌଣସି ଜାଗାରେ ପ୍ରଶ୍ନ ସୃଷ୍ଟ କରୁଛି । ପୂର୍ବରୁ ଅନେକ ଜାଗାରେ ଏହି ବେନାମୀ ଟ୍ରାକ୍ଟର ଦ୍ୱାରା ଅନେକଙ୍କ ଜୀବନ ଚାଲିଯାଇଥିଲେ ମଧ୍ୟ ରାଜନୈତିକ ଚାପରେ, ଭାଇନା ମାନଙ୍କ ଚାପରେ ରଫା ଦଫା ହେବା ଦ୍ୱାରା ଏମାନଙ୍କ ସାହସ ବଢ଼ି ବଢ଼ି ଯାଉଥିବା ଦେଖିବାକୁ ମିଳୁଛି ।ତେବେ ଟ୍ରାକ୍ଟର ରେ ପଥର ବୋଝେଇ ହୋଇ ଯାଉଥିବା ବେଳେ ସ୍ଥାନୀୟ ତହସିଲଦାର ସଦଳବଳେ କାବୁ କରି ଚିକିଟି ଫାଣ୍ଡିରେ ଜିମା ଦେଇଥିବା ଜଣାଯାଇଛି ।

# ଦଲାଲ୍‌ଙ୍କ କବ୍‌ଜାରେ କେନ୍ଦୁପତ୍ର ବ୍ୟବସାୟୀ


- ♦ ସରକାରଙ୍କ ପ୍ରୋତ୍ସାହନ ରାଶିରୁ ବଞ୍ଚିତ ତୋଳାଳୀ
- ♦ ବେସରକାରୀ ସଂସ୍ଥାଗୁଡ଼ିକ ନାମପରିବର୍ତ୍ତନ କରି ଠକୁଛନ୍ତି
- ♦ ବନ ବିଭାଗ ଓ ପୋଲିସ ମଧ୍ୟରେ ରହୁନାହିଁ ସମନ୍ୱୟ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ବନ ବିଭାଗର ବିଭିନ୍ନ ଶାଖା ରାଜ୍ୟରେ କାର୍ଯ୍ୟ କରୁଛି। ସେଥିରୁ କେନ୍ଦୁପତ୍ର ବିଭାଗର ସମସ୍ତ କର୍ମକର୍ତ୍ତା ଓ କ୍ଷେତ୍ର କର୍ମଚାରୀ କେନ୍ଦୁପତ୍ର ସଂଗ୍ରହ ଦାୟିତ୍ୱ ନେଇଥାନ୍ତି ଓ ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁପତ୍ର କେରିର ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସମସ୍ତ ଯୋଗ୍ୟ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ, ସାମୟିକ କର୍ମଚାରୀଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା କରିଛନ୍ତି। ସାରା ରାଜ୍ୟରେ ସରକାରଙ୍କ ତରଫରୁ କେନ୍ଦୁପତ୍ର କିଣା ଯାଉଥିବା ବେଳେ ମାଲକାନଗିରି ଜିଲାରେ ବେସରକାରୀ ସଂସ୍ଥାକୁ କେନ୍ଦୁପତ୍ର ଖରିଦ ଅନୁମତି ଦିଆଯାଇଛି। ନବରଙ୍ଗପୁର ଜିଲ୍ଲାର ମାତ୍ର ଦୁଇଟି ଫଡ଼ି ପାଇଁ ୬ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଥିବା ବେଳେ କଳାହାଣ୍ଡି ଜିଲାପାଇଁ ୧୦ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି। ମାଲକାନଗିରି ଜିଲ୍ଲାରେ ରାଜ୍ୟ ବାହାରର ବ୍ୟବସାୟୀମାନେ ସ୍ଥାନୀୟ ଦଲାଲମାନଙ୍କ ସହାୟତାରେ ବିଭିନ୍ନ ସଂସ୍ଥାରେ ପଞ୍ଜୀକରଣ କରି ପଞ୍ଚାୟତରେ ଲାଇସେନ୍ସ ପାଇଁ ଅର୍ଥ ଦେଇ ଅନୁମତି ନେଇଥାନ୍ତି । ଜିଲ୍ଲାର ୭ ବ୍ଲକର ପ୍ରାୟ ସବୁ ପଞ୍ଚାୟତରେ ବେସରକାରୀ ସଂସ୍ଥା ଅର୍ଥ ପୈଠ ନ କରି କିମ୍ବା ଅନୁମତି ନ ନେଇ ମନଇଚ୍ଛା ଫଡ଼ି ଖୋଲି ତୋଳାଳିଙ୍କୁ ପ୍ରଥମେ ନଗଦ ଅର୍ଥ ଦେଇଥିବା ବେଳେ ଶେଷ ସପ୍ତାହର ଅର୍ଥ ବାକି ରଖି ପଳାଇ ଯାଇଥାନ୍ତି । ଏଥିସହ ବେସରକାରୀ ସଂସ୍ଥା ତୋଳାଳିମାନଙ୍କୁ କୌଣସି ପ୍ରୋତ୍ସାହନ ଦିଅନ୍ତି ନାହିଁ ଫଳରେ ନିରୀହ ଆଦିବାସୀ ତୋଳାଳିମାନେ ଘରୋଇ ସଂସ୍ଥାକୁ ବିକ୍ରି କରିଥିବା ଅର୍ଥ ପାଇ ପାରନ୍ତି ନାହିଁ ଓ ଜୟପୁର କେନ୍ଦୁପତ୍ର ବନଖଣ୍ଡ ଦ୍ୱାରା ମାଲକାନଗିରି ଜିଲା ୭ବ୍ଲକର ବିଭିନ୍ନ ପଞ୍ଚାୟତରେ ପତ୍ର ସଂଗ୍ରହ ପାଇଁ ଅନୁମତି ଅଛି। କିନ୍ତୁ ପ୍ରାରମ୍ଭରେ ଭଲ ପତ୍ରଗୁଡିକ ଘରୋଇ ସଂସ୍ଥାମାନେ ନେଉଥିବା ବେଳେ ଖରାପ ପତ୍ର ସରକାରୀ ଫଡ଼ିରେ ଦେଇ ନାମ ପଞ୍ଜୀକରଣ କରନ୍ତି ଓ ଫଳରେ ନାମକୁମାତ୍ର ସେମାନଙ୍କ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହ ବନ ନିଗମ ମାଧ୍ୟମରେ ଖରାପ ପତ୍ରର ମୂଲ୍ୟ କମ୍ ହେଉଥିବାରୁ ସରକାରଙ୍କ ରାଜସ୍ୱ ହ୍ରାସ ହୁଏ । ଜୟପୁର କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ମାଲକାନଗିରି ଜିଲା କେନ୍ଦୁପତ୍ରର ରେଞ୍ଜ ଯଥା ମାଥିଲି, କତାମେଟା, ମାଲକାନଗିରି, ବାଲିମେଲା, କାଲିମେଲା ଓ ଏମ୍‌ଭି ୭୯ ରେ ଥିବାବେଳେ ୫୪ ଟି ଘରୋଇ ସଂସ୍ଥା କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। ୨୦୨୪ରେ ମାଲକାନଗିରି ଜିଲ୍ଲାରେ ଉକ୍ତ ୬ ରେଞ୍ଜର ୩୭୩ ଫଡ଼ିରେ ୬୩୮୨୫ ଷ୍ଟାଣ୍ଡାର୍ଡ ବ୍ୟାଗ୍, ୭ କୋଟି ୯୭ ଲକ୍ଷ ୮୦ ହଜାର ୯୦୦ କେରି ଖରିଦ କରିଥିବା ବେଳେ ୯୮୭୧୧ ବସ୍ତା ସଂଗ୍ରହ କରାଯାଇ ୪୨୬୮୧ ତୋଳାଳିଙ୍କ ଠାରୁ ପତ୍ର କିଣାଯାଇଥିଲା। ସେହିପରି ୫୪ ବେସରକାରୀ ସଂସ୍ଥା ୧୫ କୋଟି ୨୪ ଲକ୍ଷ ୩୬ ହଜାର ୩୭୦ କେରି, ୧ଲକ୍ଷ ୨୧ ହଜାର ୯୪୭.୬୮୨ ଷ୍ଟାଣ୍ଡାର୍ଡ ବ୍ୟାଗ୍, ସମୁଦାୟ ୨ ଲକ୍ଷ ୩୧ ହଜାର ୫୭୯ ବସ୍ତା ଖରିଦ କରିଛନ୍ତି। ସେହିପରି ୫୯୪ ଟ୍ରାନ୍‌ଜିଟ୍ ପର୍ମିଟ ଜିଲ୍ଲା ପଞ୍ଚାୟତ ଅଧୀକାରୀ ଙ୍କୁ ଡିଏଫ୍‌ଓ, କେନ୍ଦୁପତ୍ର ମାଧ୍ୟମରେ ଦିଆଯାଇଛି। କିନ୍ତୁ ୫୯୪ ମଧ୍ୟରୁ କେତେ ବ୍ୟବହାର ହୋଇଛି, କେତେ ହୋଇନାହିଁ, ବ୍ୟବହାର ହୋଇ ନ ଥିବା ପର୍ମିଟକୁ ଫେରସ୍ତ ଦେବାପାଇଁ ଡିଏଫ୍‌ଓ କେନ୍ଦୁପତ୍ର ବାରମ୍ବାର କହିବା ଏବଂ ଚିଠି ନଂ.୭୫୨ / ୧୧/୩/୨୫ ଅନୁଯାୟୀ ଡିପିଓ, ମାଲକାନଗିରିଙ୍କୁ ମଗା ଯାଇଥିଲେ ମଧ୍ୟ ବହି ଫେରସ୍ତ ନ କରିବା ଓ ତା'ର ଉତ୍ତର ନ ଦେବା ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷରେ କେନ୍ଦୁପତ୍ର ସଂଗ୍ରହ ସମୟରେ ବନ ବିଭାଗ ଟେରିଟୋରିଆଲ, କେନ୍ଦୁପତ୍ର ବିଭାଗ ଓ ପୋଲିସ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ବେନିୟମ ଭାବେ ବେସରକାରୀ ସଂସ୍ଥା ଖରିଦ କରୁଥିବା କେନ୍ଦୁପତ୍ର ସମ୍ପର୍କରେ ଠିକ୍ ଭାବେ ଜାଣି ପାରୁନାହାନ୍ତି। ତେବେ ପୂର୍ବରୁ ବନ ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ଜଙ୍ଗଲ ଅଞ୍ଚଳ ମୁଖ୍ୟରାସ୍ତା ଗୁଡିକରେ ଯାଞ୍ଚ ଫାଟକ ଥିଲା। ସେହି ଫାଟକ ଦାୟିତ୍ୱରେ ଥିବା କର୍ମ ଚାରୀ ପରିବହନ ଗାଡି ଯାଞ୍ଚ କରୁଥିଲେ। କିନ୍ତୁ ବିଗତ ସରକାର ଏହି ଫାଟକ ଗୁଡିକୁ ଉଠାଇଦେବାରୁ ଯାଞ୍ଚ ହୋଇପାରୁ ନାହିଁ ଓ ଫଡ଼ିରୁ ଗୋଦାମକୁ ଆସିବା ପାଇଁ ଅନେକ ସଂସ୍ଥା ପର୍ମିଟ ଦେଉନାହାନ୍ତି କିମ୍ବା ଏହାକୁ ବନ ବିଭାଗ, ପୋଲିସ କେହି ଯାଞ୍ଚ କରୁନାହାନ୍ତି। ଏହାକୁ କଡ଼ାକଡ଼ି ଯାଞ୍ଚ ଏବଂ ମାଲକାନଗିରି କେନ୍ଦୁପତ୍ର ସଂଗ୍ରହ ସମ୍ବନ୍ଧରେ ଏକ ସିବିଆଇ ତଦନ୍ତ କରାଗଲେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି । ପ୍ରତିବର୍ଷ କେନ୍ଦୁପତ୍ର ସଂଗ୍ରହ ଏବଂ ପରିଚାଳନା ସମ୍ବନ୍ଧରେ ରାଜ୍ୟସ୍ତରରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ଅଛନ୍ତି । ୨୦୧୪ରେ ରାଜ୍ୟ ସରକାରଙ୍କ ବନ ବିଭାଗ ଚିଠି ସଂଖ୍ୟା ୭୦ ଅନୁଯାୟୀ ଏହି କମିଟିରେ ମାଲକାନଗିରି ଜିଲାରେ ତୋଳାଳିମାନେ ତାଙ୍କ କେନ୍ଦୁପତ୍ରଗୁଡିକୁ ଯେକୌଣସି ବ୍ୟକ୍ତି କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିକ୍ରି କରିପାରିବେ। କିନ୍ତୁ ସେହି ବ୍ୟକ୍ତି ପଞ୍ଚାୟତରେ ପଞ୍ଜୀକରଣ କରିଥିବା ଆବଶ୍ୟକ ବୋଲି ଆଦେଶ ଥିଲା। କିନ୍ତୁ ଏହି କମିଟି ପ୍ରତିବର୍ଷ ବୈଠକରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ନେଉଥିଲା ବେଳେ ଅଦ୍ୟାବଧି କମିଟିର କୌଣସି ବୈଠକ ହୋଇନାହିଁ । ଫଳରେ ସେହି ପୁରୁଣା ଢାଞ୍ଚାରେ ବାହାର ରାଜ୍ୟର ବ୍ୟବସାୟୀମାନେ ସ୍ଥାନୀୟ ଲୋକମାନଙ୍କୁ ଧରି ପତ୍ର ଖରିଦ କରିବା ସହ ବିଭିନ୍ନ ଅନିୟମିତତା କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜୟପୁର କେନ୍ଦୁପତ୍ର ଡିଭିଜନ ଡିଏଫଓ ଶରତ କୁମାର ସାହୁଙ୍କୁ ପଚାରିବାରୁ କେନ୍ଦୁପତ୍ର ଡିଭିଜନରେ ଅଧିକାରୀ ଏବଂ କର୍ମଚାରୀଙ୍କ ଅଭାବ ଥିବା ବେଳେ ଚୋରା କେନ୍ଦୁପତ୍ର କିମ୍ବା ଘରୋଇ ସଂସ୍ଥାମାନଙ୍କ ଅନିୟମିତତା ଠିକ ଭାବେ ଯାଞ୍ଚ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ କେନ୍ଦୁପତ୍ର ବିଭାଗର ଚୋରାମାଲ ଜବତ କିମ୍ବା ଅଭିଯୁକ୍ତଙ୍କୁ ଗିରଫ ଇତ୍ୟାଦି କ୍ଷମତା ନାହିଁ। ଯାହାକି ଟେରିଟୋରିଆଲ ଡିଏଫଓଙ୍କ କ୍ଷମତା ରହିଛି। ଅନ୍ୟପକ୍ଷରେ ମାଲକାନଗିରି କେନ୍ଦୁପତ୍ର ବନାଞ୍ଚଳ ଅଧୀକାରୀ ରଜନୀକାନ୍ତ ଷଡ଼ଙ୍ଗୀ ଏବଂ ଟେରିଟୋରିଆଲ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି, ଘରୋଇ ସଂସ୍ଥାକୁ କେନ୍ଦୁପତ୍ର କିଣିବା ପାଇଁ କିଛି ଲିଖିତ ଚିଠି ଦିଆଯାଇ ନାହିଁ। ଏଥିସହ ଡିଏଫଓ କେନ୍ଦୁପତ୍ର ଏବଂ ଡିଏଫଓ ଟେରିଟୋରିଆଲଙ୍କ ମୌଖିକ ଆଦେଶ ଅନୁସାରେ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହ ସରକାରୀ ଫଡିରେ କେନ୍ଦୁପତ୍ର ବିକ୍ରି ପାଇଁ ବିଭିନ୍ନ ଅଞ୍ଚଳରୁ ସଭାସମିତି କରାଯାଇ ଲୋକଙ୍କୁ ସଚେତନ କରାଯାଉଛି ଓ ଜିଲା ପଞ୍ଚାୟତ ଅଧିକାରୀ ନାରାୟଣ ସାହୁଙ୍କୁ ପଚାରିବାରୁ ଚଳିତବର୍ଷ ଯଦି କୌଣସି ବେସରକାରୀ ସଂସ୍ଥା ବେନିୟମ ଭାବେ କେନ୍ଦୁପତ୍ର ସଂଗ୍ରହ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ମାଲକାନଗିରି ଡିଏଫ୍‌ଓ ଓ ସମସ୍ତ ବିଡିଓଙ୍କ ସହ ଆଲୋଚନା କରାଯାଇଛି, ବନବିଭାଗ କର୍ମଚାରୀ ବିଭିନ୍ନ ଅଂଚଳ ବୁଲି ତୋଳାଳିଙ୍କୁ ସଚେତନ କରୁଛନ୍ତି।

# ପଡୋଶୀଙ୍କ ଘର ଆଗରେ କୁକୁଡା ଓ ଘୁଷୁରୀ ମଳ ପକାଇଲେ ପଡୋଶୀ

## ନ୍ୟାୟ ପାଇଁ ଥାନାରେ ଅନାମ, ନମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚେତାବନୀ



ଗରଦପୁର(ଭାସ୍କର ନ୍ୟୁଜ୍): ଯେବେ ପଡୋଶି ଶତ୍ରୁ ବନିଯାଏ ତେବେ ମଣିଷ କେତେ ନିମ୍ନସ୍ତରକୁ ଖସିଯାଏ ତାହାର ଏକ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ମାର୍ଶାଘାଇ ବ୍ଲକ୍ ପାଟକୁରା ଥାନା ଅନ୍ତର୍ଗତ ଆଖୁଆ ଓଡଙ୍ଗ ଗ୍ରାମରେ। ଆଖୁଆ ଓଡଙ୍ଗ ଗ୍ରାମର ଅନାମ ନାଥ ଙ୍କର ନିଜ ପଡୋଶୀ ଙ୍କ ସହିତ ଦୀର୍ଘଦିନ ଧରି କୌଣସି କାରଣରୁ ବିବାଦ ଲାଗିରହିଥିବା ବେଳେ ପଡୋଶୀ ଜଣକ ପ୍ରଥମେ ଅନାମ ଙ୍କ ଘରକୁ ଲାଗିକରି ଥିବା ନିଜ ଜାଗାରେ ଏକ ବଡ ଗର୍ତ୍ତ ଖୋଳିଥିଲେ, ଉଦ୍ଦେଶ୍ୟ ଥିଲା ଅନାମଙ୍କ ଘର କିପିରି ଭୁଶୁଡିପଡୁ କିନ୍ତୁ ଏଥିରେ ସଫଳ ନ ହେବାରୁ ଏବେ ପଡୋଶୀ ଜଣକ ଉକ୍ତ ଖାଲରେ କୁକୁଡା ଓ ଘୁସୁରୀ ମଳ ଗଦା କରିଛନ୍ତି। ଫଳରେ ଅନାମ ଓ ତାଙ୍କ ପରିବାର ଦୁର୍ଗନ୍ଧରେ ଆଜକୁ ୨୦ ରୁ ୨୫ ଦିନ ହେବ ରାନ୍ଧିବାଢି ଖାଇ ପାରୁନାହାନ୍ତି। ଏପରି କି ରାସ୍ତାରେ ଯାଉଥିବା ବାଟୋଇ ମାନେ ବି ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଗଲେଣି। ଏ ସମ୍ପର୍କରେ ଅନାମ ଦୁଇ ଦୁଇଥର ପାଟକୁରା ଥାନାର ଦ୍ୱାରସ୍ଥ ହୋଇ ପଡୋଶୀ ସିତାକାନ୍ତ ନାୟକ ଓ ଦେବାଶିଷ ନାୟକଙ୍କ ବିରୁଦ୍ଧରେ ଅଭିଯୋଗ କଲେ ମଧ୍ୟ କୌଣସି ନ୍ୟାୟ ପାଇପାରିନାହାନ୍ତି। ଶେଷରେ ଅନାମ ଙ୍କ କହିବା କଥା ଯଦି ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ତାଙ୍କୁ ପାଟକୁରା ଥାନାରୁ ନ୍ୟାୟ ନ ମିଳେ ତେବେ ସେ ବାଧ ହୋଇ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅଫିସ୍ ସାମ୍ନାରେ ସପରିବାରେ ଧାରଣରେ ବସିବେ ବୋଲି କ୍ଷୋଭର ସହ କହିଛନ୍ତି।

# ଆଞ୍ଚଳିକ ରିସର୍ଚ୍ଚ ଉପଦେଷ୍ଟା ମଣ୍ଡଳୀର ବୈଠକ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓୟୁଏଟି ଭୁବନେଶ୍ୱର ଦ୍ୱାରା ପରିଚାଳିତ ସ୍ଥାନୀୟ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର(ଆରଆରଟିଟିଏସ୍) ଭବାନୀପାଟଣା ଠାରେ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ ୨୪ ଓ ୨୫ ତାରିଖ ଦୁଇଦିନ ଧରି କେନ୍ଦ୍ରର ପ୍ରଶିକ୍ଷଣ ହଲଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏଆଇସିଆରପି ଅନ୍ ଆଇଏଫଏସ୍ ର ମୁଖ୍ୟ ଏଗ୍ରୋନୋମିଷ୍ଟ ଡ.ଆଲୋକ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓୟୁଏଟିର ଆରଆରଟିଟିଏସ୍. ଏଡିଆର୍ ଡ. ଭବାନୀ ଶଙ୍କର ନାୟକଙ୍କ ସହ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଅମିତାଭ ପଣ୍ଡା, ନୂଆପଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଲବ ସୋରେନ୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଡି ଡି ଏଚ୍., ବିଭୁ ପ୍ରସାଦ ସିଂ, କଳାହାଣ୍ଡି ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରଭାକର ନାୟକ, ନାବାର୍ଡର ଡିଡିଏମ୍, ମହେଶ୍ୱର ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭବାନୀପାଟଣା କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରଫେସର, ସହକାରୀ ପ୍ରଫେସର, କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଆରଆରଟିଟିଏସ୍, କଳାହାଣ୍ଡିର ବୈଜ୍ଞାନିକ ତଥା ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଗତ ୨୦୨୪-୨୫ ବର୍ଷର ରିସର୍ଚ୍ଚ କାର୍ଯ୍ୟକ୍ରମର ଗବେଷଣା ଓ ସଂପ୍ରସାରଣର କାର୍ଯ୍ୟାବଳୀ ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିଲା ଓ ଆଗାମୀ ୨୦୨୫-୨୬ ବର୍ଷର କାର୍ଯ୍ୟକ୍ରମ ନିମନ୍ତେ ଖସଡ଼ା ପ୍ରସ୍ତୁତି ସହ ଏହାର ସଫଳତା ନିମନ୍ତେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆରଆରଟିଟିଏସର ଡ.ଶୁଭଶ୍ରୀ ଦାସ ପରିଚାଳନା କରିଥିଲେ ଓ ଶେଷରେ ଆରଆରଟିଟି ଏସ୍.ର ବୈଜ୍ଞାନିକ ଡା.ପରାଗ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ୨୬ ତାରିଖ ଶନିବାର ଦିନ ପୂର୍ବାହ୍ନ ଘ୯ଣ୍ଟା ସମୟରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସିଡିଓ ଦୟାମୟ ପାଢୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବକ୍ତା ଭାବେ ଡ. ଉମେଶ ଚନ୍ଦ୍ର ଶତପଥୀ ଓ ଓଡ଼ିଆ ଅଧ୍ୟାପକ ତଥା ଗବେଷକ ପରମେଶ୍ୱର ମୁଣ୍ଡ, କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଜୟ ଶଙ୍କର ନାଏକ,ଏଡିସନାଲ୍ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଥିବାରୁ ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କସହ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅତିଥି ଓ ବକ୍ତାମାନେ ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ଭୂମିକା ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଖରସୁଆଁ ଓ ସରେଇକଳା ମିଶ୍ରଣ ପାଇଁ ତାଙ୍କର ଉଦ୍ୟମକୁ ମନେ ପକାଇ ବକ୍ତାମାନେ ତାଙ୍କ ସ୍ମୃତି ଚାରଣ କରିଥିଲେ। ଓଡ଼ିଶା ସରକାର ବିଳମ୍ବରେ ହେଲେ ମଧ ଏହି ମହାପୁରୁଷଙ୍କ ଜନ୍ମଦିବସକୁ ପ୍ରତି ଜିଲ୍ଲାରେ ପାଳନ କରିବାର ଉଦ୍ୟମ କରିଥିବାରୁ ପ୍ରଶାସନକୁ ଉପସ୍ଥିତ ଅତିଥିମାନେ କୃତଜ୍ଞତା ଜଣାଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ୍ ପରିଚାଳନା କରିଥିଲେ।

## ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା ସନ୍ଦେହ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ପ୍ରେମକୁ ନେଇ କୋକସରା ବ୍ଲକ ଆମପାଣି ଥାନା କାଉଡୋଲା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ବେକରେ ରସି ଲଗାଇ ଗଛରେ ଝୁଲି ପଡିଲେ ପ୍ରେମୀ ଯୁଗଳ। ମୃତ ପ୍ରେମିକ ଜଣକ ହେଲେ କାଉଡୋଲା ଗ୍ରାମର ନିତେଶ ମୁଣ୍ଡ ୨୩ ଓ ପ୍ରେମିକା ଜଣେ ନାବାଳିକା ବୋଲି ଜଣାପଡ଼ିଛି। ଉଭୟ ଗୋଟିଏ ଗ୍ରାମର ହୋଇଥିବାବେଳେ ଦିର୍ଘ ବର୍ଷରୁ ସେମାନଙ୍କ ପ୍ରେମ ସମ୍ପର୍କ ରହିଥିଲା। ହେଲେ ୨୬ ତାରିଖ ସକାଳୁ କାଉଡୋଲା କୁମୁଡାମୁଣ୍ଡା ରାସ୍ତାର ଏକ ଗଛରେ ସେମାନଙ୍କ ଝୁଲନ୍ତା ମୃତ ଦେହ ଠାବ ହୋଇଛି। ଖବର ପାଇ ଆମପାଣି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ତେବେ ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ସେମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

## ୨୪ ପ୍ରହର ନାମଯଜ୍ଞ ସମାପନ

ନର୍ଲା, (ଭାସ୍କର ନ୍ୟୁଜ୍ ) : ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ନର୍ଲା ବଳଭଦ୍ରେଶ୍ୱର ପ୍ରହରୀ କମିଟି ପକ୍ଷରୁ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୧ ତାରିଖ ସୋମବାରରୁ ଆରମ୍ଭ ହୋଇଥିବା ଉକ୍ତ ନାମଯଜ୍ଞ ପାଇଁ ଶହ ଶହ ମହିଳା ନିକଟସ୍ଥ ପୋଖରୀରୁ କଳସରେ ଜଳ ଧରି ଶୋଭାଯାତ୍ରାରେ ଯାଇ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ତିନି ଦିନ ଧରି ଚାଲିଥିବା ଉକ୍ତ ନାମ



ଯଜ୍ଞରେ କଳାହାଣ୍ଡି ଜିଲ୍ଲା ସହିତ ବଲାଙ୍ଗୀର, ବରଗଡ ଓ ରାୟଗଡ଼ା ଜିଲ୍ଲାରୁ ୧୨ ଗୋଟି ସଙ୍କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ଚଳିତବର୍ଷ ଯଜ୍ଞ କର୍ତ୍ତା ଭାବରେ ନରସିଂହ ନାଏକ୍ ଓ ତାଙ୍କ ଧର୍ମପତ୍ନୀ ସୁନୀତା ନାଏକ୍ ଥିବା ବେଳେ ପୂଜକ ପଣ୍ଡିତ ଭାବରେ ସୁନାସିର ମିଶ୍ର ଓ ଦୟାନିଧି ବିଶି କାର୍ଯ୍ୟଭାର ତୁଲାଇ ଥିଲେ। ଉକ୍ତ ନାମ ଯଜ୍ଞରେ ଯୋଗ ଦେଇଥିବା ସଂକୀର୍ତ୍ତନ ଦଳ ଗୁଡ଼ିକ ବିଭିନ୍ନ ଶୈଳୀରେ ନୃତ୍ୟ ସଙ୍ଗୀତ ଗାନ କରି ଦର୍ଶକଙ୍କ ମନ ମୋହିଥିଲେ। ସମସ୍ତଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ବିଶେଷ କରି ମହିଳା ମାନେ ଭୋଗ ପରସୁଥିବା ଦେଖିବାକୁ ମିଳିଥିଲା। ଏହି ନାମ ସଙ୍କୀର୍ତ୍ତନ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହେଉ ଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଜଳଛତ୍ରର ମଧ ବ୍ୟବସ୍ଥା କରାଯାଇ ଥିଲା। କମିଟି ସଦସ୍ୟଙ୍କ ଅକ୍ଲାନ୍ତ ପରିଶ୍ରମ ଓ ନର୍ଲା ସହର ବାସୀଙ୍କ ସହଯୋଗରେ ନାମଯଜ୍ଞଟି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରାଯିବା ସହ ସ୍ମାରକପତ୍ର ପ୍ରଦାନ




ନର୍ଲା, (ଭାସ୍କର ନ୍ୟୁଜ୍ ) : କାଶ୍ମୀର ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କୁ ଯେଉଁ ଭଳି ଭାବେ ଆତଙ୍କବାଦୀ ମାନେ ବର୍ବୋରଚିତ ଗୁଳି କରି ହତ୍ୟା କରିଛନ୍ତି। ସେହି ଲୋମହର୍ଷଣକାରୀ ଘଟଣାକୁ ନେଇ ସାରା ଦେଶରେ ବିରୋଧ କରାଯାଉଛି। ଏହାକୁ ନେଇ ଆଜି ପୂର୍ବାହ୍ନ ସମୟରେ ନର୍ଲା ହିନ୍ଦୁ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀ ପତ୍ର ନର୍ଲା ବିଡ଼ିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ନର୍ଲା ଚାରି ଛକରୁ ଏକ ବାଇକ ଶୋଭାଯାତ୍ରାରେ ଆସି ପାକିସ୍ଥାନ ବିରୋଧୀ ମୁର୍ଦ୍ଦାବାଦ ନାରା ଦେଇ ନର୍ଲା ବ୍ଲକ ପରିସରରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ସାଧାରଣ ଲୋକଙ୍କୁ ଆତଙ୍କବାଦୀର ବର୍ବୋରଚିତ ଆକ୍ରମଣ ବିରୋଧରେ ସଚେତନ କରାଇ ଭାରତ ଏକ ଶାନ୍ତିପୂର୍ଣ୍ଣ ଦେଶ ବୋଲି କହିଥିଲେ। ଭାରତ ଏକ ସାର୍ବଭୌମ ଦେଶ। ଏହା ଏକ ହିନ୍ଦୁ ରାଷ୍ଟ୍ର। ଏଠାରେ ଖୋଜି ଖୋଜି ହିନ୍ଦୁମାନଙ୍କୁ ଆତଙ୍କବାଦୀ ଆକ୍ରମଣ ଚଳିବ ନାହିଁ ବୋଲି କହିଥିଲେ। ପାକିସ୍ତାନ ଆତଙ୍କ ସୃଷ୍ଟି କାରି ଦେଶ, ପାକିସ୍ତାନ ଘରେ ପସି ଆତଙ୍କବାଦୀ ମାନଙ୍କୁ ମାରିବାକୁ ପ୍ରଧାମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

## କସ୍ତୁରବା ଅନ୍ତେବାସୀ ଛାତ୍ରୀ ଅସୁସ୍ଥ ହେବା ଘଟଣା

# ହଷ୍ଟେଲ ଛୁଟି ଘୋଷଣା କଲା ପ୍ରଶାସନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ୨୪ ଛାତ୍ରୀ ବିଳମ୍ବିତ ରାତିରେ ଅସୁସ୍ଥତା ଯୋଗୁଁ ଗୁରୁତର ହୋଇ ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ହେବା ପରେ ମଧ ରାତିରେ ଡାକ୍ତରଖାନାରୁ ରିଲିଫ କରାଯାଇଥିଲା। ଖବର ପାଇ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚମକା ଡାକ୍ତରଖାନାକୁ ଆସି ସ୍ୱାସ୍ଥ୍ୟ ବସ୍ଥା ବୁଝିବା ସହ ବେହେରା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟକୁ ଯାଇ ସ୍ଥିତି ପରଖିଥିଲେ। ତେବେ ଏକାଧିକ ଛାତ୍ରୀଙ୍କୁ ବାନ୍ତି, ଜ୍ୱର ମୁଣ୍ଡ ବୁଲେଇବା ଦେଖା ଯାଇଥିବାବେଳେ ଅନେକ ଛାତ୍ରୀ ହାଲିଆ ଅନୁଭବ କରୁଥିବାରୁ ଡାକ୍ତର ପ୍ରାଥମିକ ଅଂଶୁଘାତ ଲକ୍ଷଣ ହୋଇଥିବା ଅନୁମାନ କରିଥିବା ସୂଚନା ଦେଇଥିଲେ। ଡାକ୍ତରଙ୍କ କହିବା କଥା ତେଲିଆ ଯୁକ୍ତ ଖାଦ୍ୟ ଖାଇବା ଓ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ଯୋଗୁଁ ଏଭଳି ସମସ୍ୟା ହୋଇଥିବା ଡାକ୍ତର ମୁକେଶ କୁମାର ଶବର ପ୍ରକାଶ କରିଥିଲେ। ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଛି। ଏହାକୁ ନଜରରେ ରଖି ସରକାର ସ୍କୁଲ କଲେଜ ଆଦି ବନ୍ଦ ପାଇଁ ଘୋଷଣା କରିଛନ୍ତି । ହେଲେ ଅନେକ ବିଦ୍ୟାଳୟ ଅନ୍ତେବାସୀ ଏବେ ବି ରହିଥିବା ନଜର ରହିଛି। ବିଦ୍ୟାଳୟ କିମ୍ବା ହଷ୍ଟେଲ ମାନଙ୍କରେ ଶୀତତାପ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନ ଥିବା ବେଳେ ଛାତ୍ରଛାତ୍ରୀ ମାନେ ନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଅତ୍ୟନ୍ତ ଉତ୍ତାପ ଲାଗି ରହି ଅନେକ ସମୟରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବା ସ୍ୱାଭାବିକ ବୋଲି କୁହାଯାଏ। ଘଟଣା ଘଟିବା ପରେ ଶନିବାର ଦିନ ଏକ ମେଡ଼ିକାଲ ଟିମ ବିଦ୍ୟାଳୟକୁ ଯାଇ ବ୍ୟବହୃତ ପାନୀୟ ଜଳ ଉପରେ ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନ ଛୁଟି କରାଯାଇଥିବା ବେଳେ ଛାତ୍ରୀ ମାନେ ନିଜ ଘର ଯାଇଥିବା ସୂଚନା ମିଳିଛି।

# କୁଳିହାରୀରେ ବ୍ଲକ୍‌ସ୍ତରୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ

ଜୁନାଗଡ଼,(ଭାସ୍କର ନ୍ୟୁଜ୍ ) : ଜୁନାଗଡ଼ ଅଞ୍ଚଳରେ ମ୍ୟାଲେରିଆ ମୁକ୍ତ କରି ସୁସ୍ଥ ବାତାବରଣରେ ଲୋକେ ଜୀବନ ଯାପନ କରିବା ହେଉଛି ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇଗାଁ ପଞ୍ଚାୟତର କୁଳିହାରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବ୍ଲକସ୍ତରୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମରେ କଲେଇଗାଁ ସରପଞ୍ଚ ମଳୟ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭଗବାନ ପଣ୍ଡା, ସମ୍ମାନୀତ ଅତିଥି ଭାବେ ବିସିସି ବ୍ୟାଙ୍କ ସଭାପତି ଗିରିଶଚନ୍ଦ୍ର ବେହେରା, ଚାଷୀନେତା ଲକ୍ଷ୍ମଣ ରଣବିର, ପରମାନନ୍ଦ ପୁଝାରି, ଅନ୍ତରାମ ବାଗ, ସମାଜସେବୀ ପ୍ରଶାନ୍ତ ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ଜନସାଧାରଣଙ୍କୁ ଅତିଥି ମାନଙ୍କ ଦ୍ୱାରା ମଶାରୀ ବଣ୍ଟନ କରାଯାଇଥିଲା। ଜୁନାଗଡ଼ ବ୍ଲକ ଓ ଏନ୍‌ଏସିରେ ୧ ଲକ୍ଷ ୯୮ ହଜାର ୪୯୮ଟି ମଶାରୀ ବଣ୍ଟନ କରାଯିବ ବୋଲି ଡା ଭଗବାନ ପଣ୍ଡା କହିଛନ୍ତି। ଭିବିଡିଟିଏସ ପ୍ରିୟ ରଞ୍ଜନ ମୁଣ୍ଡ ମଞ୍ଚ ପରିଚଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ବିପିଏମ ଏମ. ରାଜଶେଖର, ପିଏଚଇଓ ଭାରତୀ ବ୍ରହ୍ମା, ବିଏଏମ ସୁଧୀର ବ୍ରହ୍ମା, ଉଦିତ ଯୋଶୀ, ସଂଗୀତା ପଣ୍ଡା, ତାପସ ବାଗ, ରଜନୀ ପ୍ରଭା ସେଠୀ, ସମସ୍ତ ଅଙ୍ଗନୱାଡ଼ି ଓ ଆଶା କର୍ମୀ ସହଯୋଗ କରିଥିଲେ।



# ୧୨୯ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

ଧର୍ମଗଡ଼, ( ଭାସ୍କର ନ୍ୟୁଜ୍ ) : ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଲାଗି ଧର୍ମଗଡ଼ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାରସଙ୍କ ନେତୃତ୍ୱରେ ଧର୍ମଗଡ ନିକଟସ୍ଥ ଚିଲଚିଲା ଗ୍ରାମର ଏକ ଢାବାରେ ଚଢାଉ କରାଯାଇ ୧୧୯ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଉକ୍ତ ଢାବାରେ ଦୀର୍ଘ ଦିନ ହେଲା ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। ଗତକାଲି ରାତିରେ ଥାନା ଅଧିକାରୀ ସଦଳବଳେ ଉକ୍ତ ଢାବା ଉପରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ୧୧୯ ଲିଟର ବେଆଇନ ବିଦେଶୀ ମଦ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୁକ୍ତ ନାଗେଶ୍ୱର ନାଏକ (୫୭) ଙ୍କୁ ଗିରଫ କରିଥିଲେ। ଏନେଇ ଧର୍ମଗଡ ଥାନାରେ କେଶ ନମ୍ବର ୧୨୧/୨୫ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୨୪ ତାରିଖ ଦିନ ଧର୍ମଗଡ଼ ଥାନା ପୋଲିସ ଏଏସଆଇ ବିରେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଧର୍ମଗଡ଼ ଥାନା ପୋଲିସ ଧର୍ମଗଡ ନିକଟସ୍ଥ ଗୋଡଭଞ୍ଜା ଗ୍ରାମର ରଘୁ ଚନ୍ଦ୍ର ମେହେରଙ୍କ ଘରେ ଚଢ଼ାଉ କରି ୨୯.୧୧୫ ଲିଟର ବେଆଇନ ବିଦେଶୀ ମଦ ଜବତ କରାଯାଇଥିଲା। ଏନେଇ କେଶ ନମ୍ବର ୧୧୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଧର୍ମଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ଖୁଲମ୍ ଖୁଲା ବେଆଇନ୍ ଦେଶୀ ଓ ବିଦେଶୀ ମଦ ବିକ୍ରି ବଢି ଚାଲିଥିବା ବେଳେ ଏହା ଉପରେ ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି।



# ଝାଙ୍କର ପୂଜାରୀଙ୍କୁ ଆଦିବାସୀ ସଂଘର ସମ୍ବର୍ଦ୍ଧନା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ଆଦିବାସୀ ସଂଘ ପକ୍ଷରୁ ଜନସମ୍ପର୍କ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘ ସଭାପତି ପ୍ରକାଶ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଯାତ୍ରାରେ ବ୍ଲକ ସଂଘ ସଭାପତି ସୁରେନ୍ଦ୍ର ଭୋଇ, ବ୍ଲକ କନ୍ଧ ସମାଜ ସଭାପତି ଗୋବିନ୍ଦ ଭୋଇ, ସମ୍ପାଦକ ନନ୍ଦି କିଶୋର ଭୋଇ, ଉପସଭାପତି ଦୟାନିଧି ମାଝୀଙ୍କ ସମେତ ସଂକୀର୍ତ୍ତନ ଭୋଇ, ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ। କର୍ମକର୍ତ୍ତାମାନେ ବ୍ଲକର ରିଞ୍ଜା, ବୋରପଦର, ରେଗଡା, ସାପଲହରା, ଜୋରାଡବ୍ରା ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଦେବଦେବୀଙ୍କ ପୂଜା, ସଂସ୍କୃତି, ସଂସ୍କାର, ନିଶାମୁକ୍ତ ସମାଜ ଗଠନ ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ। ଏ ଅବସରରେ ବିଭିନ୍ନ ଗାଁର ଯାନୀ, ଝାଙ୍କର, ପୂଜାରୀ, ଦିଶାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


## ସ୍ମାର୍ଟ ମିଟର ବଢ଼ାଉଛି ଗ୍ରାହକଙ୍କ ଚିନ୍ତା

# ବିଦ୍ୟୁତ୍ ସଂଯୋଗ ହୋଇନି : ବିଲ୍ ଆସୁଛି


ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ବିଦ୍ୟୁତ ବିଭାଗରେ ସ୍ୱଛତା ଓ ବିତରଣରେ ପାରଦର୍ଶିତା ଆଣିବାକୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ମାର୍ଟ ମିଟର ସ୍ଥାପନ ସହିତ ସ୍ମାର୍ଟ ଗ୍ରାହକ ତିଆରି କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ସେହିପରି ଗ୍ରାହକଙ୍କୁ ପୁରସ୍କୃତ ଓ ସମ୍ମାନିତ କରିବାକୁ ମଧ ଯୋଜନା ସହିତ ପ୍ରଚାର ପ୍ରସାର କରାଯାଉଛି। କିନ୍ତୁ ଅନ୍ୟପକ୍ଷରେ ସେଇ ସ୍ମାର୍ଟ ମିଟର ନାଁରେ ଗ୍ରାହକଙ୍କୁ ମାତ୍ରାଧିକ ଶୋଷଣ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ହେଉଛି। ଏପରିକି ବିଦ୍ୟୁତ ସଂଯୋଗ ହୋଇନଥିଲେ ବି ଆଶ୍ଚର୍ଯ୍ୟଜନକ ଭାବେ ବିଲ ଆସୁଛି। ଏହିଭଳି ଘଟଣା ଲାଞ୍ଜିଗଡ଼ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଭୁଲ ବିଲିଂ ପାଇଁ ବାସିନ୍ଦାମାନେ ଦାବି କରୁଛନ୍ତି ଯେ ବିଦ୍ୟୁତ୍ ବ୍ୟବହାର ନ କରିବା ସତ୍ତ୍ୱେ ବିଲ୍ ସୃଷ୍ଟି କେମିତି ହେଉଛି। ଏହି ସମସ୍ୟା ସ୍ମାର୍ଟ ମିଟରିଂ ସିଷ୍ଟମରେ ଯାନ୍ତ୍ରିକ ତ୍ରୁଟି ବୋଲି ଅଞ୍ଚଳରେ ଆଲୋଚନା କରାଯାଉଛି। ଏ ସ୍ମାର୍ଟ ମିଟର କେବଳ ଉପଭୋକ୍ତା ମାନଙ୍କୁ ଶୋଷଣ କରିବା ପାଇଁ ତିଆରି କରାଯାଇଛି। ଆମକୁ ସ୍ମାର୍ଟ ମିଟର ଦରକାର ନାହିଁ ଆମକୁ ସେହି ସାଧାରଣ ମିଟର ଦରକାର ବୋଲି ଲାଞ୍ଜିଗଡ଼ ଅଞ୍ଚଳରେ ଦାବି ହେଉଛି। କାନ୍ଥରେ ମିଟର ଲାଗେଇ ଦେଲା ପରେ ବିଦ୍ୟୁତ ତାର ସହିତ ସଂଯୋଗ ହେଉ କି ନ ହେଉ ତାଙ୍କର କିଛି ମତଲବ ନାହିଁ। କିନ୍ତୁ ମାସ ପୁରିଲେ ବିଲ ଘରକୁ ଯିବ ନଚେତ ହ୍ୱାଟ୍ସଆପ ମାଧ୍ୟମରେ ବିଲ ଉପଭୋକ୍ତା ପାଖକୁ ପହଞ୍ଚିଯିବ। ଏହିଭଳି ସମସ୍ୟାକୁ ନେଇ ବିଭାଗୀୟ ଯନ୍ତ୍ରୀ ରୁଦ୍ର ନାରାୟଣ ସାହୁ ଏବଂ ଦୀପ ନାରାୟଣ ମହନ୍ତଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନି। ବିଦ୍ୟୁତ ବିଭାଗ କେବଳ ମାର୍ଚ୍ଚ ମାସ ଆସିଲେ ପୁରା ଦଳ ବଳ ସହିତ ଗାଡ଼ି ଘୋଡ଼ା ଧରି ଘରକୁ ଘର ବୁଲନ୍ତି ବିଲ ପଇଠ କର ନଚେତ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି କହନ୍ତି। ଏହି କାମଟି କିନ୍ତୁ ତାଙ୍କର ସଠିକ୍ ସମୟରେ କରନ୍ତି ବୋଲି ଅଞ୍ଚଳର ଉପଭୋକ୍ତାମାନେ ଅଭିଯୋଗ କରନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନନେଲେ ଅଞ୍ଚଳରେ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଆଲୋଚନା ହେଉଛି। ଏଣୁ ସମୟ ଥାଉ ଥାଉ ପଦକ୍ଷେପ ନନେଲେ ଏକ ବଡ଼ ଧରଣର ଆନ୍ଦୋଳନ ହେବାର ଆଶଙ୍କା ଦେଖାଦେଇଛି।

## ରାଶିଫଳ


ରବିବାର, ୨୭ ଏପ୍ରିଲ ୨୦୨୫



**ମେଷ:** ଲାଭ ପାଇଁ ସୁଯୋଗ ଆସିବ। ରୋଜଗାର ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ। ସେୟାର ବଜାରରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ। ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ।



**ବୃଷ:** ରିସ୍କ ନେବାକୁ ସାହସ କରିବେ। ଆୟ ଜାରି ରହିବ। ଭାଇମାନେ ସମର୍ଥନ ପାଇବେ। ବିନିଯୋଗ ଭଲ ହେବ। ଆସନ୍ତାକାଲି ପାଇଁ ଆଜିର କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ନାହିଁ। ଦୁଷ୍ଟ ଲୋକମାନଙ୍କ ପ୍ରତି ସାବଧାନ ରୁହ, ସେମାନେ କ୍ଷତି କରିପାରନ୍ତି। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ।



**ମିଥୁନ:** ଶୀଘ୍ର କୌଣସି କାରବାର କର ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଅପଚୟ ଖର୍ଚ୍ଚ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭ ହୋଇପାରେ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ସହଭାଗୀମାନେ ସମର୍ଥନ ପାଇବେ।



**କର୍କଟ:** ଜଣେ ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ। ସମୟ ଚାଲିଯାଇଛି । ନକାରାତ୍ମକତା ରହିବ। ବ୍ୟବସାୟ ଭଲ ହେବ। ଆୟରେ ନିଶ୍ଚିତତା ରହିବ। ମୂଲ୍ୟବାନ ସାମଗ୍ରୀ ନିଜ ସହିତ ରଖ। ପତି-ପତ୍ନୀଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବାଠାରୁ ଦୂରେଇ ରୁହନ୍ତୁ।



**ସିଂହ:** ଶତ୍ରୁମାନେ ଶାନ୍ତ ରହିବେ। ଲାଭ ପାଇଁ ସୁଯୋଗ ଆସିବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ। ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** ଶିଶୁ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ଅଧ୍ୟୟନ ସମ୍ବନ୍ଧୀୟ ଚିନ୍ତାଧାରା ରହିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ତୁରନ୍ତ କୌଣସି ଲାଭ ହେବ ନାହିଁ । କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ହୋଇପାରେ। ବ୍ୟବସାୟ ଲାଭଦାୟକ ହେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ।



**ତୁଳା:** ଥକ୍କା ଏବଂ ଦୁର୍ବଳତା ରହିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ। ଏକ ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଲାଭ ସୁଯୋଗ ଆସିବ। ସୁଖର ମାଧ୍ୟମ ମିଳିପାରିବ। ଟଙ୍କା ପାଇବା ସହଜ ହେବ।



**ବିଛା:** ପ୍ରେମ ସଂପର୍କରେ ଶୀଘ୍ର ଯାଅ ନାହିଁ। ବିବାଦ ହୋଇପାରେ। ନକାରାତ୍ମକତା ରହିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ। ଯୁବକ ଓ ଯୁବତୀଙ୍କ ବିଶେଷ ଯତ୍ନ ନିଅନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।




**ଧନୁ:** ଆଇନଗତ ବାଧା ସମ୍ଭବ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ। ଯେ କୌଣସି ପ୍ରକାରେ ଟଙ୍କା କ୍ଷତି ହୋଇପାରେ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ। ଘର ବାହାରେ ଖୁସିର ପରିବେଶ ରହିବ। ବ୍ୟବସାୟ ଭଲ ହେବ। ଲାଭ ବୃଦ୍ଧି ପାଇବ।




**ମକର:** ସୁଖର ମାଧ୍ୟମ ପାଇଁ ଖର୍ଚ୍ଚ ହେବ। ସ୍ଥିର ସମ୍ପତ୍ତିରେ ବୃଦ୍ଧି ହେବାର ସମ୍ଭାବନା ଅଛି। ସମ୍ପତ୍ତି କାର୍ଯ୍ୟ ବଡ ଲାଭ ଦେଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ଚାକିରିରେ ସୁଖ ଏବଂ ଶାନ୍ତି ରହିବ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଅପମାନଜନକ କିଛି କରନ୍ତୁ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଚିନ୍ତା ଏବଂ ଟେନସନ ହେବ।



**କୁମ୍ଭ:** ଏକ ମନୋରମ ଯାତ୍ରା ଯୋଜନା କରାଯାଇପାରେ। ଏକ କାର୍ନିଭାଲରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ତୁମର ପ୍ରିୟ ଖାଦ୍ୟ ଉପଭୋଗ କର। ଭଲ ସମୟ ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ବିତାଇବେ। ବ୍ୟବସାୟ ଅନୁକୂଳ ହେବ। ରିସ୍କ ନିଅ ନାହିଁ। ଆଖିକୁ ରୋଗ ଏବଂ ଆଘାତ ଆସିପାରେ। କାରବାରକୁ ଶୀଘ୍ର କର ନାହିଁ।



**ମୀନ:** ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେତୁ ହତାଶ ହେବେ। ବ୍ୟବସାୟ ଭଲ ହେବ। ରିସ୍କ ନିଅ ନାହିଁ। ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



ଶ୍ରୀପତି ଆଚାର୍ଯ୍ୟ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯